

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୪ ଜୁନ୍ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 14 June 2024

Vol.No. 35 ■ No.159 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଗେଷ୍ଟହାଉସରୁ କାର୍ଯ୍ୟ ଆରମ୍ଭ କଲେ ନୂଆ ମୁଖ୍ୟମନ୍ତ୍ରୀ: ୧୦୦ଦିନର କାର୍ଯ୍ୟକ୍ରମ ପ୍ରସ୍ତୁତ ପାଇଁ କସରତ



ଭୁବନେଶ୍ୱର, ୧୩/୬ (ନି.ପ୍ର): ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବାର ମାତ୍ର ୨୪ଘଣ୍ଟା ନପୁରୁଣୁ ଗୋଟିଏପରେ ଗୋଟିଏ ଆଖିଦୃଶିଆ ପଦକ୍ଷେପ ନେବାରେ ଲାଗିଛନ୍ତି । ନୂଆ ସରକାର ଶପଥ ସମାରୋହର ମାତ୍ର ୩ଘଣ୍ଟା ଭିତରେ କ୍ୟାବିନେଟ୍ ବୈଠକ ଡାକି ଓଡ଼ିଶା ଓ ଓଡ଼ିଆଙ୍କ ଭାବାବେଗ ସହ ଜଡ଼ିତ ୪ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିବାବେଳେ ଆଜି ରାଜ୍ୟ ସରକାରଙ୍କ ଅତିଥି ଭବନ(ଗେଷ୍ଟ ହାଉସ)ରୁ ନୂଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରୀ କାର୍ଯ୍ୟ ଆରମ୍ଭ କରିଛନ୍ତି । ଏହାସହିତ ବିଜେପି ସରକାରର ପ୍ରଥମ ୧୦୦ଦିନର କାର୍ଯ୍ୟକ୍ରମ ପାଇଁ କସରତ ଆରମ୍ଭ ହୋଇଛି । ପ୍ରଥମ ୧୦୦ଦିନ ମଧ୍ୟରେ ମୋହନ ମାଝୀଙ୍କ ସରକାର କେଉଁସବୁ ନିଷ୍ପତ୍ତି ନେବ ଓ ତାଙ୍କର କାର୍ଯ୍ୟ କ'ଣ ରହିବ ସେ ନେଇ ଆଜି ସରକାରଙ୍କ ବିଭିନ୍ନ ବିଭାଗର ଅଫିସରମାନଙ୍କ ସହ ପ୍ରାରମ୍ଭିକ ଆଲୋଚନା କରିଛନ୍ତି । ସୂଚନା ଅନୁସାରେ, ଗତକାଲି ସନ୍ଧ୍ୟାରେ ରାଜ୍ୟରେ ପ୍ରଥମ ବିଜେପି ସରକାର ଶପଥ ନେବା ପରଠୁ ଫୁଲ୍ ସ୍ପିଡରେ କାର୍ଯ୍ୟ ଆରମ୍ଭ କରିଛନ୍ତି । ଆଜି ରାଜ୍ୟ ଅତିଥି ଭବନର ପ୍ରଥମ ମହଲାରେ ନବନିଯୁକ୍ତ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ସଚିବମାନଙ୍କୁ ଡାକି ଆଲୋଚନା କରିଛନ୍ତି । ଏହାସହିତ ବିଧାନସଭାର ଅଧିବେଶନ କେବେ ଆରମ୍ଭ କରିହେବ ସେନେଇ ପ୍ରାରମ୍ଭିକ ଭାବେ ସଂସଦୀୟ ବ୍ୟାପାର ବିଭାଗର ସଚିବ ଜି.ମାଥିଭାଥାନନ୍ ଓ ବିଧାନସଭା ସଚିବ ଦାଶରଥୀ ଶତପଥୀଙ୍କ ସହ ବିଚାରବିମର୍ଶ କରିଥିବା ଜଣାପଡ଼ିଛି । ସେହିପରି ବିଭିନ୍ନ କର୍ମଚାରୀ ସଂଗଠନ ଓ ସାଧାରଣ ଲୋକେ ମଧ୍ୟ ସେଠାରେ ନୂଆ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅଭିନନ୍ଦନ ଜଣାଇଛନ୍ତି । ରାଜ୍ୟ ଅତିଥିଭବନର ପ୍ରଥମ ମହଲାକୁ ଆଜିଠୁ ଅସ୍ଥାୟୀ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଭାବେ ଉପଯୋଗ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ ସରକାରର ୧୦୦ଦିନର କାର୍ଯ୍ୟ ଚୂଡ଼ାନ୍ତ କରିବା ପାଇଁ ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ବିଜେପିର ସଂକଳ୍ପ ପତ୍ର ଆଧାରରେ ୧୦୦ଦିନ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବା ପାଇଁ ବିଭିନ୍ନ ବିଭାଗର ଅଫିସରମାନଙ୍କୁ ଏନେଇ ପରାମର୍ଶ ଦିଆଯାଇଛି । ଯାହାକୁ ଖୁବଶୀଘ୍ର

▶▶ପୃଷ୍ଠା ୭

## ଘଟିଲା ଅପେକ୍ଷାର ଅନ୍ତ: ଖୋଲିଲା ଶ୍ରୀମନ୍ଦିରର ୪ ଦ୍ୱାର



ପୁରୀ, ୧୩/୬ (ନି.ପ୍ର): ସବୁ ପ୍ରତୀକ୍ଷାର ଅନ୍ତ ଘଟିଛି । ଆଜି ସକାଳେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ସରିବା କ୍ଷଣି ଶ୍ରଦ୍ଧାଳୁଙ୍କ ପାଇଁ ଉନ୍ମୁକ୍ତ ହୋଇଛି ଶ୍ରୀମନ୍ଦିରର ସିଂହଦ୍ୱାର ସମେତ ଅନ୍ୟ ତିନି ଦ୍ୱାର- ପଶ୍ଚିମ ଦ୍ୱାର ବା ବ୍ୟାଘ୍ର ଦ୍ୱାର, ଉତ୍ତର ଦ୍ୱାର ବା ହସ୍ତି ଦ୍ୱାର ଓ ଦକ୍ଷିଣ ଦ୍ୱାର ବା ଅଶ୍ୱ ଦ୍ୱାର । ସବୁ ଦ୍ୱାର ଖୋଲିବା ପରେ ଭକ୍ତମାନେ ମନ୍ଦିରକୁ ପ୍ରବେଶ କରି ଠାକୁରଙ୍କୁ ଦର୍ଶନ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ନୂତନ ମନ୍ତ୍ରି ପରିଷଦର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଖୋଲିଛି ଶ୍ରୀମନ୍ଦିରର ୪ଦ୍ୱାର । ବିନା ବାଧାରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରୁଛନ୍ତି ଭକ୍ତ । ୪ ଦ୍ୱାର ଖୋଲିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି, ମହାପ୍ରଭୁଙ୍କ ଅପାର କରୁଣାରୁ ରାଜ୍ୟରେ ନୂଆ ସରକାର ଆସିଛି । ମହାପ୍ରଭୁଙ୍କ ଆଶୀର୍ବାଦରେ ୪ ଦ୍ୱାର ଖୋଲାଯାଇଛି । ଦର୍ଶନ କରିବା ସହ ମନ୍ଦିର ଭିତର ଓ ବାହାରର ସ୍ଥିତି ଅନୁଧ୍ୟାନ କରିଥିଲୁ । ଶୃଙ୍ଖଳିତ ଦର୍ଶନ ନେଇ ଯାହା ଆବଶ୍ୟକ ସମସ୍ତ ପଦକ୍ଷେପ ନେବୁ । କରୋନା ମହାମାରୀ ପରଠୁ ଶ୍ରୀମନ୍ଦିରର ୪ ଦ୍ୱାର ବନ୍ଦ ଥିଲା । ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବସିଥିବା କ୍ୟାବିନେଟରେ ଶ୍ରୀମନ୍ଦିରର ୪ ଦ୍ୱାର ଖୋଲିବା ନେଇ ନିଷ୍ପତ୍ତି ହୋଇଥିଲା । ଆଜି ସକାଳେ ମଙ୍ଗଳ ଆଳତି ପରେ ଶ୍ରଦ୍ଧାଳୁଙ୍କ ପାଇଁ ୪ ଦ୍ୱାରକୁ ଖୋଲା ଯାଇଛି । କୋଭିଡ୍ ପୂର୍ବରୁ ଶ୍ରୀମନ୍ଦିରର ୪ ଦ୍ୱାର ଭକ୍ତଙ୍କ ପାଇଁ ସମ୍ପୂର୍ଣ୍ଣ ଉନ୍ମୁକ୍ତ ଥିଲା । ଧର୍ମ, ଅର୍ଥ, କାମ, ମୋକ୍ଷର ଧାର୍ମିକ ବିଶ୍ୱାସ ରଖି ଭକ୍ତ ଶ୍ରୀମନ୍ଦିର ଯାଉଥିଲେ । କୋଭିଡ୍ ବେଳେ ଭକ୍ତଙ୍କ ପାଇଁ ୪ ଦ୍ୱାର ବନ୍ଦ କରିଥିଲେ ପୂର୍ବତନ ରାଜ୍ୟ ସରକାର । ୨୦୨୧ ନଭେମ୍ବର ୨୪ ତାରିଖରେ ପରିକ୍ରମା ପ୍ରକଳ୍ପ ଶିଳାନ୍ୟାସ ପରେ ବନ୍ଦ ହୋଇଥିଲା ୩ ଦ୍ୱାର । ୨୦୨୨ ଫେବ୍ରୁଆରୀ ୩ ତାରିଖରେ କେବଳ ସିଂହଦ୍ୱାର ଦେଇ ଭକ୍ତ ପ୍ରବେଶ କରିବା ନେଇ ନିଷ୍ପତ୍ତି ନେଇଥିଲେ ରାଜ୍ୟ ସରକାର । କେବଳ ସିଂହଦ୍ୱାର ବାଟେ ଭକ୍ତଙ୍କୁ ଛଡ଼ାଯିବାରୁ ଅକଥନୀୟ ଯନ୍ତ୍ରଣା ଭୋଗିଥିଲେ ଭକ୍ତ ।

▶▶ପୃଷ୍ଠା ୭

## ଖୋଲିଲା କନଷ୍ଟେବଲ ହତ୍ୟାକାଣ୍ଡର ରହସ୍ୟ



ବଲାଙ୍ଗିର , ୧୩/୬ (ନି.ପ୍ର): ବହୁ ଚର୍ଚ୍ଚିତ ପୁଲିସ କନଷ୍ଟେବଲ ଶଙ୍କରଭାନୁ ବେହେରା ହତ୍ୟା ଘଟଣାର ପର୍ଦ୍ଦାଫାସ ହୋଇଛି । ଏହି ମାମଲାରେ ବଲାଙ୍ଗିର ପୁଲିସ୍ ୬ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତମାନଙ୍କୁ ରାଜ୍ୟ ବାହାରୁ ଗିରଫ କରାଯାଇଛି । ହୀରା ବ୍ୟବସାୟକୁ ନେଇ ହତ୍ୟାକାଣ୍ଡ ଘଟିଥିବା ପୁଲିସ୍ କହିଛି । ଗତ ୧୬ ତାରିଖରେ ବଲାଙ୍ଗିର ରେଲୱେ ଷ୍ଟେସନ ନିକଟରେ ଥିବା ହୋଟେଲ ଇନ୍ଦ୍ରାପ୍ରସ୍ଥର ରୁମ୍ ନମ୍ବର ୨୧୨ ରେ ସୋନପୁର ଜିଲ୍ଲାରେ କାର୍ଯ୍ୟରତ କନଷ୍ଟେବଲ ଶଙ୍କରଭାନୁ ବେହେରାଙ୍କୁ ନିର୍ମମ ଭାବରେ ହତ୍ୟା କରି ଫେରାର ମାରିଥିଲେ ଲୁଟେରା । ପୁଲିସ୍ ମୃତଦେହ ଜବତ କରିବା ସହିତ ହୋଟେଲ୍‌ରେ ଲାଗିଥିବା ସିସିଟିଭି ଓ କାଗଜପତ୍ର ଯାଞ୍ଚ କରିଥିଲା । ସେହି ଆଧାରରେ ପୁଲିସ୍ ୩ଟି ଟିମ୍ କୋଲକାତା, ବିହାର ଗୟା ଓ ପଞ୍ଜାମର ଜଳନ୍ଦରଯାଇ ଥିଲା । ହତ୍ୟା ଅଭିଯୋଗରେ ପୁଲିସର ସ୍ୱତନ୍ତ୍ର ଟିମ ୬ ଜଣଙ୍କୁ ଗିରଫ କରିଥିଲା । ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟର ପଙ୍କଜ କୁମାର ଓ ସୁରଜ କୁମାର ବର୍ଣ୍ଣୱାଲ, ଓଡ଼ିଶା ରାଜ୍ୟ ଅନୁଗୋଳ ଜିଲ୍ଲାର କୃଷ୍ଣ ମେହେର, ବୌଦ୍ଧ ଜିଲ୍ଲାର ମନୋରଞ୍ଜନ ସାଥୁଆ, ସୋନପୁର ଜିଲ୍ଲାର ନିତାଇ କର ଓ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଅଞ୍ଚଳର ରୋହିତ ସା । ହୀରା ବ୍ୟବସାୟକୁ ନେଇ ଶଙ୍କର ଭାନୁଙ୍କୁ ହତ୍ୟା କରାଯାଇଥିବା ପୁଲିସ କହିଛି ।

## ସିରିଜ ଦୁର୍ଘଟଣା: ୪ଟି କାରକୁ ପିଟିଲା ଟ୍ରକ୍, ଉତ୍ତେଜନା



ଭୁବନେଶ୍ୱର, ୧୩/୬ (ନି.ପ୍ର): ଭୁବନେଶ୍ୱର ପଳାଶୁଣି ଛକରେ ସିରିଜ ଦୁର୍ଘଟଣା ଘଟିଛି । ଏକ ଟ୍ରକ୍ ୪ରୁ ଅଧିକ କାର ଓ ବାଇକ୍‌କୁ ଧକ୍କା ଦେଇଛି । ଯାହାଫଳରେ କାର ଭିତରେ ବସିଥିବା ଲୋକମାନେ ଆହତ ହୋଇଛନ୍ତି । ଏହାକୁ ନେଇ ଜାତୀୟ ରାଜପଥରେ ଉତ୍ତେଜନା ପ୍ରକାଶ ପାଇଛି । ଭୁବନେଶ୍ୱର କମିଶନରେଟ୍ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରୁଥିବା ଜଣାପଡ଼ିଛି । ଆଜି ଅପରାହ୍ନରେ ଗୋଟିଏ ଟ୍ରକ୍ ଦ୍ରୁତ ଗତିରେ ଯାଇ ଗୋଟିଏ ପରେ ଗୋଟିଏ କାର ଓ ବାଇକ୍‌କୁ ଧକ୍କା ଦେଇଥିଲା । ଟ୍ରକ୍ ଧକ୍କାରେ କାର ଚୂରମାର ହୋଇଯାଇଛି । କାର ଭିତରେ ଲୋକମାନେ ଫସି ଯାଇଥିଲେ । ସ୍ଥାନୀୟ ଲୋକ ଓ କମିଶନରେଟ୍ ପୁଲିସ୍ କାର ଭିତରୁ ଆହତଙ୍କୁ ଉଦ୍ଧାର କରି କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତି କରିଛି । ଏହି ସରିଜ୍ ଦୁର୍ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା । ଫୁଟ୍ ଓଭର ବ୍ରିଜ୍ ଦାବିରେ ସ୍ଥାନୀୟ ଲୋକ ଜାତୀୟ ରାଜପଥ ଅବରୋଧ କରିଥିଲେ । ଯାହାଫଳରେ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା ।

▶▶ପୃଷ୍ଠା ୭

## ପୋଷ୍ଟାଲ ଚାକିରି ପାଇଁ ଜାଲ ପ୍ରମାଣପତ୍ର: ଓଡ଼ିଶାରେ ଘାଣ୍ଟିଲା ସିବିଆଇ



ଭୁବନେଶ୍ୱର, ୧୩/୬ (ନି.ପ୍ର): ଓଡ଼ିଶାରେ ସିବିଆଇ ପକ୍ଷରୁ ବଡ଼ ଧରଣର ରେଡ୍ । ଗ୍ରାମୀଣ ଡାକ ସେବକ ପରୀକ୍ଷାରେ ଜାଲ ପ୍ରମାଣପତ୍ର ଦେବା ଘଟଣାରେ ସିବିଆଇ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି । ପ୍ରାଥମିକ ସୂଚନା ଅନୁସାରେ, ସିବିଆଇ ପକ୍ଷରୁ କଳାହାଣ୍ଡି, ନୂଆପଡ଼ା, ରାୟଗଡ଼ା, ବାଲେଶ୍ୱର, ଭଦ୍ରକ ଆଦି ଜିଲ୍ଲାର ୬୭ ସ୍ଥାନରେ ରେଡ୍ କରାଯାଉଛି । ରେଡ୍‌ରେ ସିବିଆଇର ୧୨୨ ଅଫିସରଙ୍କ ସହ ୨୦୪ ଅଫିସର ସାମିଲ ଅଛନ୍ତି । ସେହିପରି

▶▶ପୃଷ୍ଠା ୭

## ରଜରେ ଅଥୟ କରିବ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳୁଗୁଳି

ଭୁବନେଶ୍ୱର, ୧୩/୬ (ନି.ପ୍ର): ଓଡ଼ିଶାର ଗଣପର୍ବ ରଜରେ ଅଥୟ କରିବ ତାତି । ତା' ସାଙ୍ଗକୁ ପ୍ରବଳ ଗୁଳୁଗୁଳି ହେବାର ସମ୍ଭାବନା ରହିଛି । ସେଥିପାଇଁ ଜୀବନ ଯାତ୍ରା ଅସ୍ତବ୍ୟସ୍ତ ହୋଇପାରେ । ଏନେଇ ସତର୍କ ସୂଚନା ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର । ସେପଟେ କିନ୍ତୁ ଗ୍ରୀଷ୍ମ ପ୍ରବାହ ଓ ଗୁଳିଗୁଳି ଭିତରେ ଦକ୍ଷିର ଓଡ଼ିଶା ପାଇଁ ଆସିଛି ଭଲ ଖବର । ଦକ୍ଷିଣ ଓଡ଼ିଶାରେ କେତେକ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ? ଅନୁସାରେ ଆସନ୍ତାକାଲି ଅର୍ଥାତ ଶୁକ୍ରବାର ବୌଦ୍ଧ, ସୋନପୁର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଗ୍ରୀଷ୍ମପ୍ରବାହ ଜାରି ହେବାର ସମ୍ଭାବନା ରହିଛି । ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳ ଗୁଳୁଗୁଳି ହେବ । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଦ୍ୱିତୀୟ ରଜ ଶନିବାର, ତୃତୀୟ ରଜ ରବିବାର ଓ ସୋମବାର ଉପକୂଳ ଓଡ଼ିଶାରେ ଗୁଳୁଗୁଳି ଅସମ୍ଭାଳ କରିବ । ଗୁଳୁଗୁଳି ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳ ଗୁଳୁଗୁଳି ହେବ । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେପଟେ ପ୍ରଥମ ରଜରେ ଦକ୍ଷିଣ ଓଡ଼ିଶାରେ

▶▶ପୃଷ୍ଠା ୭


DADLS- 10



ଓଡ଼ିଶା ସରକାର



ପବିତ୍ର ରଜପର୍ବ ଉପଲକ୍ଷେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ରଜ ଆମ ଓଡ଼ିଆ ସଂସ୍କୃତିର ଏକ ମହାନ ଗଣ ପର୍ବ । ଧରିତ୍ରୀ ମାତା ତଥା ସମଗ୍ର ନାରୀ ଜାତିର ସମ୍ମାନର ଏହା ଏକ ଅନନ୍ୟ ପରମ୍ପରା । ନାରୀ ସ୍ୱତନ୍ତ୍ରତା ଓ ସ୍ୱାଧୀନତାର ଏହା ବାର୍ତ୍ତାବହ ।

ଏହି ପବିତ୍ର ଉତ୍ସବ ଅବସରରେ ମୁଁ ସମସ୍ତଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/13/0026/2425


## କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କଲେ ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର, ୧୩/୬ (ନି.ପ୍ର): ଓଡ଼ିଶା ସମେତ ଭାରତବର୍ଷରେ ଜାତୀୟ ଶିକ୍ଷା ନୀତିର କ୍ରିୟାନ୍ୱୟକୁ ଗତି ଦିଆଯିବ । ବିଶେଷ ଭାବରେ ଓଡ଼ିଶାରେ ନବଗଠିତ ବିଜେପି ସରକାର ସହଯୋଗରେ ଓଡ଼ିଶାରେ ପିଏମ୍ ଶ୍ରୀସ୍କୁଲ ଓ ପିଏମ ଉଷାକୁ କାର୍ଯ୍ୟକାରୀ କରାଯିବା ସହ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରାଯିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ମୋଦୀ ସରକାରଙ୍କ ତୃତୀୟ ପାଳିରେ ଆଜି ବିଧିବଦ୍ଧ ଭାବେ ଶିକ୍ଷା ମନ୍ତ୍ରଣାଳୟର କାର୍ଯ୍ୟଭାର ଦାୟିତ୍ୱ ନେବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ପ୍ରଧାନ ଏହା କହିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ମୋ ଉପରେ ନିରନ୍ତର ବିଶ୍ୱାସ ଓ ଭରସା ରଖି ଶିକ୍ଷା ବିଭାଗ ଭଳି

▶▶ପୃଷ୍ଠା ୭

## ଗ୍ରେସ୍ ମାର୍କ ରଦ୍ଦ: ପୁଣି ହେବ ନିଟ୍ ପରୀକ୍ଷା

ନୂଆଦିଲ୍ଲୀ, ୧୩/୬ : ପୁଣି ଥରେ ହେବ ନିଟ୍ ୟୁଜି ପରୀକ୍ଷା । ରଦ୍ଦ ହେବ ଛାତ୍ରଛାତ୍ରୀଙ୍କ ଗ୍ରେସ୍ ମାର୍କ । ଗ୍ରେସ୍ ମାର୍କ ମିଳିଥିବା ଛାତ୍ରଛାତ୍ରୀଙ୍କୁ ପୁଣି ଥରେ ପରୀକ୍ଷା ଦେବାକୁ ପଡିବ । ଏଥିପାଇଁ ଏନଟିଏ ବିକଳ୍ପ ଦେଇଛି । ବର୍ତ୍ତମାନ ୧୫୬୩ ଜଣ ଛାତ୍ରଛାତ୍ରୀଙ୍କୁ ପୁନର୍ବାର ପରୀକ୍ଷା ଦେବାକୁ ପଡ଼ିବ । ତାଙ୍କର ସ୍କୋର କାର୍ଡ ବାତିଲ କରାଯାଇଛି । ଜୁନ୍ ୨୩ରେ ପୁନର୍ବାର ପରୀକ୍ଷା ହେବ ଏବଂ ଫଳାଫଳ ଜୁନ୍ ୩୦ସୁଦ୍ଧା ଘୋଷଣା କରାଯିବ । ଚଳିତ ନିଟ୍ ପରୀକ୍ଷାରେ ଗ୍ରେସ୍ ମାର୍କ ମିଳିଥିବା ଛାତ୍ରଛାତ୍ରୀଙ୍କୁ ନେଇ ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି । ଏହି ସମୟରେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ତଥା ଏନ୍‌ଟିଏ ଭୟ ଦୂର କରିବା ପାଇଁ ଗ୍ରେସ୍ ମିଳିଥିବା ଛାତ୍ରଛାତ୍ରୀଙ୍କ ପୁଣି ଥରେ

▶▶ପୃଷ୍ଠା ୭



# ବନସ୍ତେ ଡାକିଲା ଗଜ...

ଧ୍ୱନି ପ୍ରତିଧ୍ୱନି
♣ ବାଲେଶ୍ୱର ♣ ଶୁକ୍ରବାର, ଜୁନ୍ ୧୪, ୨୦୨୪







## ହ୍ୱଜୁଛି ରଜର ମହକ, ରଜ ପୋଡ଼ପିଠା



### ଅଭୟ କୁମାର ଦାସ

ଓଡ଼ିଶାରେ ଘରେ ଘରେ ପାଳନ କରାଯାଉଥିବା ରଜପର୍ବର ପାରମ୍ପରିକ ଚରିତ୍ରରେ ଏବେ ଘଟିଛି ଅନେକ ପରିବର୍ତ୍ତନ । ସହରରେ ରଜର ମଉଜ ନାହିଁ । ଗାଁ ଗହଳିରେ ଆଉ ସେଭଳି ମନମତାଣିଆ ପର୍ବର ଆକର୍ଷଣ ଦେଖିବାକୁ ମିଳୁନାହିଁ । ଜାତୀୟ ପର୍ବ ଭାବେ ପରିଚିତ ରଜପର୍ବ କୁମାରୀ କନ୍ୟାମାନଙ୍କୁ ପୂର୍ବରୁ ଯେଉଁଭଳି ପ୍ରଭାବିତ କରୁଥିଲା ସେଥିରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି । ତେବେ ବି ପରମ୍ପରାର ଛିଟା ସଂପୂର୍ଣ୍ଣ ଭାବେ ଲିଭିନାହିଁ । ରଜପର୍ବରେ ନୂଆ ପୋଷାକ ପିନ୍ଧିବା, ପିଠାପଣା ଓ ଭଲ ମନ୍ଦ ଖାଦ୍ୟ ପ୍ରସ୍ତୁତ କରିବା ବ୍ୟବସ୍ଥା ଏବେ ବି ପ୍ରଚଳିତ ଅଛି ଅନେକ ସ୍ଥାନରେ । ମଫସଲ ଅଞ୍ଚଳରେ ରଜର ମହକ ଏବେ ବି ଉତ୍‌ଫୁଲ୍ଲିତ କରୁଛି ଲୋକମାନଙ୍କୁ । କୁମାରୀ କନ୍ୟାମାନେ ତିନିଦିନ ଧରି ସ୍ନାନ କରନ୍ତି ନାହିଁ । ଖାଲି ପାଦରେ ଭୂମି ଉପରେ ଚାଲିବା ମଧ ଦେଖାଯାଏ ନାହିଁ । ଏକରକମ ଘର ଭିତରେ ବସି ରହନ୍ତି ସେତେବେଳେ କଦଳୀ ପାଟୁଆ ବା ଗୁଆଖୋଳ ପିନ୍ଧି ପଦାକୁ ଆସନ୍ତି । ଏବେ ଚପଲ ବ୍ୟବହାର କରାଗଲାଣି । ବସୁମତୀ ପୂଜା ପାଳନ ପାଇଁ ମାଟି ଖୋଳିବା ବା ମାଟିକୁ ଆଘାତ ଦେବା ଠାରୁ ଦୂରରେ ରହନ୍ତି ଲୋକମାନେ । ଦଳ ଦଳ ହୋଇ ମହିଳାମାନେ ସାହି ପଡ଼ୋଶୀ ଘରକୁ ଯାଇ ହସଖୁସିରେ ସମୟ ବିତାଇଥାଆନ୍ତି । ସନ୍ଧ୍ୟା ପୂର୍ବରୁ ସମାପ୍ତ କରିଥାଆନ୍ତି ଭୋଜନ ପର୍ବ । ରଜ ପୂର୍ବଦିନ ଠାରୁ ସବୁକାର୍ଯ୍ୟ ଶେଷ କରି ଥାଆନ୍ତି ସେମାନେ । କଂସାବାସନ ମଜା ମଜି ଠାରୁ ଆରମ୍ଭ କରି ରଜ ତିନିଦିନ ପାଇଁ ମସଲା ବାଟିବା ଏବଂ ପିଠା ପଣା ପାଇଁ ବିରିବଟା ଓ ଚୂନା କୁଟା କାର୍ଯ୍ୟ ଶେଷ କରାଯାଇଥାଏ । ଗାଁ ଗହଳିରେ ଏବେବି ଏହି ପରମ୍ପରାର ଚିତ୍ର କାଁ ଭାଁ ଲକ୍ଷ୍ୟ କରାଯାଏ । ଢ଼ିଙ୍କିରେ ଚାଉଳ ଚୂନା କରିବାଠାରୁ ଆରମ୍ଭ କରି ଦୋଳିରେ ବସି ମଉଜରେ ସାରାଦିନ ଝୁଲିବା ଦେଖାଯାଇଥାଏ । ଆଷାଢ଼ ମାସରେ ମେଘ ସହ ମାଟିର ମିଳନ ହୋଇଥାଏ । ମାଟିକୁ ବିଶ୍ରାମ ଦେବାପାଇଁ ତିନିଦିନ ପର୍ଯ୍ୟନ୍ତ ମାଟିକୁ କଷ୍ଟ ନଦେବାନେଇ ରଜପର୍ବ ପାଳନ କରାଯାଇଥାଏ ବୋଲି କହନ୍ତି ବୟସ୍କ ଲୋକମାନେ । ଏବେ ଏ ସବୁ କେହି କେହି ପାଳୁଥିବାବେଳେ ଅନେକ ଏହାକୁ ଅନ୍ଧ ବିଶ୍ୱାସ କହି ଦୂରେଇ ଦେବାରେ ଲାଗିଛନ୍ତି ।

ରଜରେ ପିଠାର ସୁଆଦ ନିଆରା । ପୋଡ଼ପିଠା କି ରଜପାନ ଖଣ୍ଡେ ନଖାଇଲେ ରଜ ଅଧୁରା । ଓଡ଼ିଆଙ୍କ ଘରେ ଏହି ପିଠା ପରମ୍ପରା ବହୁ ପୁରୁଣା । ବିଶେଷକରି ରଜ ସମୟରେ ଏହାର କିଛି ଖାସ ମହକ ଥାଏ । ଘରଠାରୁ ଆରମ୍ଭ କରି ବଡ଼ ବଡ଼ ହୋଟେଲ ପର୍ଯ୍ୟନ୍ତ ସବୁଠି ଭଳିକି ଭଳି ପିଠାର ପସରା ଦେଖିବାକୁ ମିଳିଥାଏ । ସେ ପୋଡ଼ପିଠା ହେଉ କି ଆରିସା, କାକରା, ମଣ୍ଡା, ମୁଆଁ ବା ଚକୁଳି ପ୍ରତି ପିଠାରେ ଥାଏ ଓଡ଼ିଆ ଘରର ସ୍ୱାତନ୍ତ୍ୟ । ରଜ ସଜବାଜ ଦିନ ଠାରୁ ପିଠାର ମହକ ଆରମ୍ଭ ହୋଇଯାଇଥାଏ । ତା ସହିତ ଆମ୍ବ, ପଣସ, ସପୁରୀର ବାସ୍ନା । ଘରେ ଘରେ ଭରିଯାଏ ପିଠା ଓ ଫଳର ମଧୁର ମହକ । ରଜ ତିନିଦିନ ମହିଳାମାନଙ୍କୁ କାମରୁ ବିରତି ଦିଆଯାଇଥାଏ । ଏଣୁ ରଜ ପୂର୍ବରୁ ସମସ୍ତ ପ୍ରସ୍ତୁତି ସରିଥାଏ । ପୁରୁଖା ଲୋକମାନେ କହନ୍ତି, ରଜଦିନ ପିଠା ପୋଡ଼ାଯାଏ ନାହିଁ, ଚୁଲି ଜଳେନାହିଁ କି ହାତରେ ପାଣି ଲାଗେ ନାହିଁ । ଯାହା କାମ ସାରିବାର ଅଛି, ରଜ ପୂର୍ବରୁ ସାରିବାକୁ ପଡ଼ିଥାଏ । ଏବେ ଗୁଡ଼ପୋଡ଼, ଚିନିପୋଡ଼ ମିତିକି ବିଭିନ୍ନ ଫଳରେ ତିଆରି ପୋଡ଼ପିଠା ବି ପ୍ରସ୍ତୁତ ହେଲାଣି । ପଣସ, କଦଳୀ, ଟୁଟିଫ୍ରୁଟି, ଆମ୍ବରସ ଆଦିକୁ ବ୍ୟବହାର କରାଯାଇ ବି ପୋଡ଼ପିଠା ପ୍ରସ୍ତୁତ କରାଯାଉଛି । କିନ୍ତୁ ସେହି ପାରମ୍ପାରିକ ପୋଡ଼ପିଠାର ଜାଗା ଆଜି ବି ଅଛି । ଏହାର ପ୍ରସ୍ତୁତ ପ୍ରଣାଳୀ ମଧ ସ୍ୱତନ୍ତ୍ର । ପିଠା ପ୍ରସ୍ତୁତ ହେବା ପରେ ମା'ଲକ୍ଷ୍ମୀଙ୍କୁ ପୋଡ଼ପିଠା ଦେବାର ରୀତି ମଧ ଲକ୍ଷ୍ମୀପୁରାଣରେ ବର୍ଣ୍ଣନା କରାଯାଇଛି ।

ପିଠା ଭିତରେ ସାର ରଜ ପୋଡ଼ ପିଠା । ଘରେ ହେଉ ବା ରଜ ଦୋଳିରେ ସବୁରି ହାତରେ ଖଣ୍ଡେ ପିଠା । ଏଇ ପୋଡ଼ପିଠାର ମହକ ଖେଳିଯାଏ ଚାରିଆଡ଼େ । ବର୍ଷକରେ ଥରେ ଘରେ ପୋଡ଼ପିଠା ହେବ ବୋଲି କାହାରି ପାଦ ତଳକୁ ଲାଗୁନଥାଏ । ପହିଲିରଜ ପୂର୍ବଦିନ ସଜବାଜ । ରଜ ସଉଦାରେ ପୋଡ଼ପିଠାର ସବୁ ଚିଜ କିଣାଯାଇଥାଏ । ରାତିରେ ରୋଷେଇବାସ ସରିଲା ପରେ ଶାଶୂ-ବୋହୂ ମିଶି ପୋଡ଼ପିଠା ତିଆରିରେ ଲାଗିଯାନ୍ତି । ହାଣ୍ଡିଶାଳରେ ଚୁଲିରେ ମାଟି ହାଣ୍ଡି ବସାଇ ପାଣି ଫୁଟାଏ ବୋହୂ । ଏଥିରେ ପଡ଼େ ଆବଶ୍ୟକ ପରିମାଣର ଲୁଣ ଆଉ ଗୁଡ଼ । ଶାଶୂ ଚୁଲିମୁଣ୍ଡରେ ବସି ବଢ଼େଇ ଦେଉଥାଏ । ବୋହୂ ଫୁଟନ୍ତା ପାଣିରେ ପୂର୍ବରୁ ଶିଳରେ ପ୍ରସ୍ତୁତ ଚାଉଳ ଚୂନା ପକାଇ ଏହାକୁ ଯନ୍ତିବାକୁ ଆରମ୍ଭ କରେ । ସହଯୋଗ କରେ ଶାଶୂ । ଚୂନା ଯନ୍ତି ଆସିବାବେଳକୁ ଏଥିରେ ପଡ଼େ ଅଦା, ମରିଚ ଆଉ ପାତିନଡ଼ିଆ । କେତେବେଳେ କେମିତି ଏହି ପିଠାରେ ବସାଦହି ବି ପଡ଼ିଥାଏ, ଯାହା ସ୍ୱାଦଯୁକ୍ତ କରାଏ ପିଠାକୁ । ଚୂନା ଯନ୍ତା ସରିଲା ପରେ ଏହାକୁ ଅଜାଡ଼ି ଦିଆଯାଏ ପଲମରେ । ପଲମରେ ଦିଆଯାଏ କଦଳୀପତ୍ର । ଏଥିରେ ଚୂନାଯନ୍ତାକୁ ହାତରେ ସଜାଡ଼ି ଜୁଆଣି, ଅଳେଇଚ, ଗୁଜୁରାତି ପ୍ରଭୃତି ମସଲା ଦିଆଯାଏ । ଏତେସବୁ କାମ ଭିତରେ ଘଷି ରଡ଼ନିଆଁ ଝଟକି ଉଠୁଥାଏ ଚୁଲିରେ । ତଳେ ଚୁଲି ନିଆଁ, ଆଉ ଚୁଲି ଉପରେ ପଲମ ବସାଇ ପଲମରେ ଉପରେ ଅଜାଡ଼ି ଦିଆଯାଏ ରଡ଼ନିଆଁ । ରାତିସାରା ଚୁଲି ପାଉଁଶରେ ପିଠା ପୋଡ଼ା ହେଉଥାଏ । ପିଠାକାମ ସାରି ସମସ୍ତେ ଶୋଇପଡ଼ନ୍ତି । ସକାଳୁ ଉଠିଲେ ସମସ୍ତଙ୍କର ମନେ ପଡ଼େ ପୋଡପିଠା କଥା । ଗାଧୁଆ ସାରି ନୂଆ ବେଶପୋଷାକରେ ମଜିଯାନ୍ତି ପିଲାଠୁ ବୁଢ଼ାଯାଏ । ଖୁସି କହିଲେ ନସରେ । ପହିଲି ରଜର ପହିଲି ପୁଲକ ଭରିଯାଏ ମନରେ । ରଙ୍ଗ ବେରଙ୍ଗର ପୋଷାକରେ କିଶୋରୀ ଓ ଯୁବତୀଙ୍କର ଗାଁ ବୁଲା ଆରମ୍ଭ ହୋଇଯାଇଥାଏ । ବାଡ଼ିପଟେ ଆମ୍ବ କି ବରଗଛରେ ରଜଦୋଳି ସଜ ହୋଇଥାଏ । ଘରର ବଡ଼ବୋହୂ କି ଯେ କେହି ମହିଳା ଗାଧୁଆପାଧୁଆ ସାରି ନୂଆବସ୍ତ୍ର ପିନ୍ଧି ଚୁଲିରୁ ପିଠା ଓହ୍ଲାଇ ପନିକି ଧରି ବସିପଡ଼ନ୍ତି ପୋଡପିଠା କାଟିବାକୁ । ଚାରିପଟେ ବେଢ଼ିଯାନ୍ତି ପିଲାମାନେ । କଟା ପୋଡପିଠାରୁ କିଛି ପ୍ରଥମେ ଗୃହଦେବୀ ବୃନ୍ଦାବତୀଙ୍କ ଠାରେ ଭୋଗ ଲଗାଯାଏ । ପରେ ପିଣ୍ଡି ଓ ବାରିଆଡ଼େ ଦିଆଯାଏ ଏହି ପିଠା । ପରେ ଘରର ବୋହୂ ଏହି ପିଠାକୁ ପ୍ରଥମେ ମାନ୍ୟ ଲୋକ ଓ ପରେ ପିଲାଙ୍କ ଭିତରେ ବାଣ୍ଟି ଦିଅନ୍ତି । ପିଲାଙ୍କର ମଧ୍ୟ ଏହାକୁ ଖାଇବାର ଉତ୍ସାହ କିଛି କମ୍ ନୁହେଁ । ସାଇପଡ଼ିଶାରେ ଏହି ପିଠା ବଣ୍ଟାଯାଏ । କାହାରି ଘରେ ସେଇବର୍ଷ କେହି ମରିଥିଲେ ତାଙ୍କ ଘରେ ପିଠା ହୋଇନଥାଏ, କିନ୍ତୁ ସାଇପଡ଼ିଶାରେ କେତେଆଡୁ ପିଠା ପହଞ୍ଚିଯାଏ ତାଙ୍କ ଘରେ । ରଜରେ ପୋଡ଼ପିଠା ବାଣ୍ଟିବାର ପରମ୍ପରା ଗ୍ରାମ୍ୟ ସଂସ୍କୃତିରେ ଖୁବ୍ ନିଆରା । ଝିଅମାନେ ଦଳ ଦଳ ହୋଇ ପୋଡ଼ପିଠା ଖାଇ ରଜଦୋଳି ଖେଳିବାର ଦୃଶ୍ୟ ଖୁବ ଆମୋଦଦାୟକ । ପୋଡ଼ପିଠାର ମହକରେ ମହକିଯାଏ ସାରା ଗାଁ । ପୋଡ଼ପିଠା ଓଡ଼ିଆ ଖାଦ୍ୟ ସଂସ୍କୃତିରେ ତା'ର ସ୍ୱତନ୍ତ୍ରତା ବଜାୟ ରଖିଛି । ଓଡ଼ିଆର ଜାତୀୟ ପର୍ବ ରଜରେ ଓଡ଼ିଆଣୀର ପୋଡ଼ପିଠା ଖୁବ୍ ସ୍ୱାଦ ଓ ରୁଚିପୂର୍ଣ୍ଣ । ଲକ୍ଷ୍ମୀପୁରାଣରେ ମହାଲକ୍ଷ୍ମୀ ଶ୍ରୀଜଗନ୍ନାଥ ଓ ଶ୍ରୀବଳରାମଙ୍କୁ ଖାଇବା ଶେଷରେ ପୋଡ଼ପିଠା ଦେବାର ବର୍ଣ୍ଣନା ରହିଛି । ତେଣୁ ଶ୍ରୀମନ୍ଦିର ପରମ୍ପରାରେ ଓଡ଼ିଶାର ଲୋକଦେବତାଙ୍କ ପାଖରେ ଏହା ଖୁବ୍ ପ୍ରିୟ, ଯେଉଁଥି ପାଇଁ ମହାପ୍ରଭୁ ରଥଯାତ୍ରାରେ ଆସନ୍ତି ମାଉସୀ ମା'ଘର । ଓଡ଼ିଶା ଏକ କୃଷି ପ୍ରଧାନ ଦେଶ ଓ ରଜ ଏକ କୃଷିଭିତ୍ତିକ ପର୍ବ । ଏଠାରେ ଧାନ ଫସଲ ମୁଖ୍ୟ ହୋଇଥିବା ବେଳେ ଚାଉଳ ଚୂନାରେ ତିଆରି ଏହି ପିଠା ଉତ୍କଳୀୟ ସାଂସ୍କୃତିକ ଧାରାରେ ଚଳଣିର ଅଂଶ ହୋଇରହିଛି ।

+ଗୋତରା, ମାହାଙ୍ଗା,
କଟକ,
ମୋ : ୯୪୩୭୧୪୨୭୧୭

## ମାଟିରେ ମେଘର ଛାଇ

### ଦିଲ୍ଲୀପ କୁମାର ସାହୁ



ମାଟିରେ ମେଘର ଛାଇ
ଦୋଳି ଉଡିଯାଏ ଆକାଶ ଛୁଇଁ
ଆକାଶ ଛୁଇଁଲୋ
ମନଛୁଆଁ ଗୀତ ଗାଇ ।

ତୋଟାରେ ରଙ୍ଗର ହାଟ
ବଉଳ ନାଇଛି ଖଣ୍ଡୁଆ ପାଟ
ଖଣ୍ଡୁଆ ପାଟ ଲୋ
ଚମକୁଛି ବାଟ ଘାଟ ।

ଦିଗ ଚଉଦିଗ ହସେ
ପହିଲି ଆଷାଢ଼ ମେଘ ବରଷେ
ମେଘ ବରଷେ ଲୋ
ଭିଜା ମାଟି ଭାରି ବାସେ ।

କୁଙ୍କୁମ ଚନ୍ଦନ ଚିତା
ଅଳସୀ ପାଦରେ ସରୁ ଅଳତା
ସରୁ ଅଳତା ଲୋ
କଥା କହେ ଆଖିପତା ।

ଘରେଘରେ ପୋଡ଼ ପିଠା
ସୁଆଦ ଯେମିତି ସେମିତି ମିଠା
ସେମିତି ମିଠା ଲୋ
ସାହି ସାରା ବଣ୍ଟାକୁଣ୍ଟା ।

ସୁଆଦିଆ ରଜ ପାନ
ଲାଜ ଲାଜ ଭାରି କୁଆଁରୀ ମନ
କୁଆଁରୀ ମନଲୋ
ଛକି ଖୋଜୁଥାଏ ଶୁନ ।

ଗଛରେ ବାଉଁଶ ଦୋଳି
କୋହଲା ପବନ କାଇଁଚ ମାଳି
କାଇଁଚ ମାଳି ଲୋ
ପ୍ରତି ରଙ୍ଗ ବୋଳା ବୋଳି ।

ଶଙ୍ଖ ବାଜେ ରହିରହି
ରଜ ଭାର ଆସେ ମହକେ ସାହି
ମହକେ ସାହି ଲୋ
ନୁଆବୋହୂ ଥାଏ ଚାହିଁ ।

ଲୁଡୁ ପାଲି ଡୁଡୁ ପଶା
କୁଆଁରୀ ଆଖିରେ ଆଖିଏ ନିଶା
ଆଖିଏ ନିଶା ଲୋ
ପ୍ରେମ ପକ୍ଷୀ ଖୋଜେ ବସା ।

ରଜ ରଜ ସଙ୍କରାନ୍ତି
ପରଦେଶୀ ସବୁ ଫେରି ଆସନ୍ତି
ଫେରି ଆସନ୍ତି ଲୋ
ରଜ ତିନିଦିନ ଛୁଟି ।

ପାଚିଲା ଆମ୍ବ ପଣସ
ପରଦେଶୀଆର ମିଠା ପରଶ
ମିଠା ପରଶ ଲୋ
ନାଚଇ ମନ ଆକାଶ ।

ଖିଆ ପିଆ ବୁଲାବୁଲି
ଦିନ ସାରା ଜମେ ତାଆସ ପାଲି
ତାଆସ ପାଲି ଲୋ
ପାନ ଖାଇ ପାଟି ନାଲି ।

ନୀଳ ନଈ ନୀଳ ଜହ୍ନ
ବଉଳ ଆଖିରେ ଆଖିଏ ସ୍ୱପ୍ନ
ଆଖିଏ ସ୍ୱପ୍ନ ଲୋ
ଦୋଳି ମାରେ କାମ ବାଣ ।

ଫୁଲ ଦୋଳି ହେବ ସଜା
ବାଜିବ ମହୁରୀ ବାଜିବ ବାଜା
ବାଜିବ ବାଜା ଲୋ
ବର ଘର ହୁଏ ଖୋଜା ।

ଆଜି ଅଛି କାଲି ନାହିଁ
କୁଆଁରୀ କନିଆଁ କାଉଁରୀ ନଈ
କାଉଁରୀ ନଈ ଲୋ
ଖରା ସାଥେ ଖେଳେ ଛାଇ ।

ସରୁସରୁ ନଈ ବାଲି
ରଜ ଆସି ରଜ ଯାଏତ ଚାଲି
ଯାଏତ ଚାଲି ଲୋ
ସବୁ ଲାଗେ ଖାଲି ଖାଲି ।

କଅଁଳିଆ ଦୁବଘାସ
ରଜ ଦେଇ ଯାଏ ଅସରା ହସ
ଅସରା ହସ ଲୋ
ମନେ ରହେ ସାରା ବର୍ଷ ।

+ଶଙ୍କରପୁର, ଚାରବାଟିଆ
ମୋ:-୭୦୭୭୨୦୬୯୭୭



## ରଜ ପର୍ବ : ମାଟି ଓ ଶିକ୍ଷା ଆଦ୍ୟ ଖଡ଼ିପାଠର କୃତଜ୍ଞତାର ପାର୍ବଣ

### ନାରାୟଣ ଚନ୍ଦ୍ର ବିଶ୍ୱାଳ

ରଜ ପର୍ବ କେବଳ ଓଡ଼ିଶାରେ ପାଳିତ ହେଉଥିବାରୁ ଏହାକୁ ଓଡ଼ିଶାର ନିଜପର୍ବ ଓଡ଼ିଆ ପର୍ବ । ପର୍ବ କହିଲେ ବିଷ୍ଣୁ ପୁରାଣ ଅନୁସାରେ 'ଚତୁର୍ଦ୍ଦଶ୍ୟାଷ୍ଟମୀ ଚୈବ ଅମାବାସ୍ୟାଥ ପୂର୍ଣ୍ଣିମା ପର୍ବଣ୍ୟେ-ତାନି ରାଜେନ୍ଦ୍ର ! ରବି ସଂକ୍ରାନ୍ତି ରେବଚ' - ଚତୁର୍ଦ୍ଦଶୀ, ଅଷ୍ଟମୀ, ଅମାବାସ୍ୟା, ପୂର୍ଣ୍ଣିମା ଓ ରବି ସଂକ୍ରମଣ ବା ସଂକ୍ରାନ୍ତି - ଏହି ପାଞ୍ଚ ପାଞ୍ଚଗୋଟି ହିଁ 'ପଞ୍ଚପର୍ବ' ନାମରେ ପ୍ରସିଦ୍ଧ । 'ରଜ' ଉତ୍ସବ ମିଥୁନ ସଂକ୍ରାନ୍ତିକୁ ନେଇ ଅନୁଷ୍ଠିତ ହେଉଥିବାରୁ - ଏହାକୁ 'ପର୍ବ' ବୋଲି କହିବାରେ ଶାସ୍ତ୍ରୀୟ ସମର୍ଥନ ରହିଛି । ଯସ୍ୟାଂ ସମୁଦ୍ର ଉତ ସିନ୍ଧୁରାପୋ, ଯସ୍ୟା ମନ୍ନଂ କୃଷ୍ଟୟଃ ସଂବଭୂବୁଃ । ଯସ୍ୟାମିଦଂ ଜିନ୍ୱତି ପ୍ରାଣଦେଜତ୍, ସା ନୋ ଭୂମିଃ ପୂର୍ବପେୟେ ଦଧାତୁ । ଯେଉଁ ପୃଥିବୀ ଉପରେ ସମୁଦ୍ର, ନଦୀ ଓ ଜଳ ରହିଛନ୍ତି, ଯେଉଁଥିରେ ଅନ୍ନ ଓ ମାନବସୃଷ୍ଟିର ସତ୍ତା ରହିଛି, ଯେଉଁଠାରେ ସମସ୍ତେ ଆନନ୍ଦିତ ହୁଅନ୍ତି, ଶ୍ୱାସ ପ୍ରଶ୍ୱାସ ନିଅନ୍ତି, ତାହା ବିଚରଣ କରନ୍ତି, ସେହି ଭୂମିକୁ ଆମେ ପ୍ରଥମ ସମ୍ମାନ ଦେବା । ପୃଥିବୀ ପ୍ରତି ଏହି ସମ୍ମାନବୋଧ, କୃତଜ୍ଞତା ଓ ଚେତନତ୍ୱର ଆରୋପ ହିଁ ରଜ ଉତ୍ସବର ମୂଳତତ୍ତ୍ୱ । ଆମର ବାସଭୂମି ପୃଥିବୀ ଏକ ନିଷ୍ପ୍ରାଣ ମୃତ୍ତିକାପିଣ୍ଡ ନୁହେଁ । ଏହାର ପ୍ରାଣ ଅଛି । ଏହା ଆମକୁ ଧରା ହୋଇ ଧରି ରଖିଛି ଏବଂ କ୍ଷମା ଭାବରେ ସବୁ ସହି ଭୂତଧାତ୍ରୀ ପରି ପାଳନ କରୁଛି । ପୃଥିବୀଠାରେ ଏହି ମାତୃଚେତନା ବା ମାଟି ପ୍ରତି ମମତା ହିଁ କୃତଜ୍ଞ ମନୁଷ୍ୟକୁ ରଜପର୍ବରେ ତିନିଦିନ ପାଇଁ କର୍ଷଣ କରିବାରୁ ନିବୃତ୍ତ କରିଛି ।

ଜ୍ୟୋତିଶାସ୍ତ୍ର ଅନୁସାରେ ସୂର୍ଯ୍ୟ ବାର ଭାଗରେ ବିଭକ୍ତ ରାଶିଚକ୍ରରେ ୬୦୦ ବା ବୃଷରାଶିକୁ ତ୍ୟାଗକରି ଯେତେବେଳେ ମିଥୁନ ରାଶିରେ ପ୍ରବେଶ କରିବେ, ସେହିଦିନ ସୂର୍ଯ୍ୟଙ୍କର ମିଥୁନ ସଂକ୍ରମଣ ମିଥୁନ ରାଶି ପ୍ରବେଶ ହୁଏ ଏବଂ ଉକ୍ତ ଦିନଟିକୁ ମିଥୁନ ସଂକ୍ରାନ୍ତି କୁହାଯାଏ । ମିଥୁନ ରାଶି ଅର୍ଥାତ୍ ରାଶିଚକ୍ରର ୬୦ ଡିଗ୍ରୀ ଠାରୁ ୯୦ ଡିଗ୍ରୀ ପର୍ଯ୍ୟନ୍ତ ବ୍ୟାପ୍ତ ଅଂଶରେ ସୂର୍ଯ୍ୟ ଏକମାସ ରହନ୍ତି ଏବଂ ଏହି ମାସଟିକୁ ମିଥୁନ ସୌର ମାସ କୁହାଯାଏ । ଏକ ଗଦାଧାରୀ ପୁରୁଷ ଓ ବୀଣାଧାରିଣୀ ସ୍ତ୍ରୀଙ୍କର ଯୁଗ୍ମ ବିଗ୍ରହ ଭାବରେ ମିଥୁନ ରାଶିଟିର କଳ୍ପନା ହୋଇଛି । ପ୍ରଶ୍ନୋପନିଷଦ୍‌ରେ କୁହାଯାଇଛି - ସଃ ମିଥୁନମ୍ ଉତ୍ପାଦୟତେ, ରୟିଂ ଚ ପ୍ରାଣଂ ଚ ଇତି । ଏତୌ ମେ ବହୁଧା ପ୍ରଜାଃ କରିଷ୍ୟତ ଇତି । ଆଦିତ୍ୟୋ ହବୈ ପ୍ରାଣୋ ରୟିରେବ ଚନ୍ଦ୍ରମାଃ । ଏଠାରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ମିଥୁନଙ୍କୁ ପ୍ରାଣ ଓ ଅନ୍ନ କହି ସେମାନଙ୍କ ଗତିରୁ ହେଉଥିବା ଦିନ ଓ ରାତି, ଋତୁ ଓ ମାସ ତଥା ନବବର୍ଷ ହିଁ ଅଭିଲକ୍ଷିତ । ମୃଗଶିରା ନକ୍ଷତ୍ରର ଦୁଇପାଦ, ଆର୍ଦ୍ରାର ଚାରିପାଦ ଓ ପୁନର୍ବସୁ ନକ୍ଷତ୍ରର ତିନିପାଦକୁ ନେଇ ମିଥୁନରାଶି ହୋଇଛି । ଏହି ତିନି ନକ୍ଷତ୍ରରେ ସେହି ଏକ ମିଥୁନତତ୍ତ୍ୱ ବି ପରିଲକ୍ଷିତ ହୁଏ । ଐତରେୟ ବ୍ରାହ୍ମଣ ଅନୁସାରେ ପ୍ରଜାପତି ବ୍ରହ୍ମା ସ୍ୱୀୟ କନ୍ୟା ରୋହିଣୀ ପ୍ରତି କାମାସକ୍ତ ହେବାରୁ ରୋହିଣୀ ଲଜ୍ଜା ଓ ଭୟରେ ମୃଗ ରୂପରେ ପଳାୟନ କଲେ । ବ୍ରହ୍ମା ମଧ ମୃଗ ରୂପରେ ମୃଗୀରୂପା ରୋହିଣୀଙ୍କର ଅନୁଧାବନ କରିବାରୁ ଦେବତାମାନେ ସେମାନଙ୍କର ରୌଦ୍ରଅଂଶରୁ ଭୂତବାନଙ୍କୁ ସୃଷ୍ଟି କଲେ ଏବଂ ସେହି ଭୂତବାନ ଭୂତପତି ମୃଗରୂପୀ ବ୍ରହ୍ମାଙ୍କର ଶିରଚ୍ଛେଦ କରି ଆକାଶରେ ସ୍ଥାପନ କଲେ । ଏହାହିଁ ହେଉଛି ଆମର ମୃଗଶିରା ନକ୍ଷତ୍ର ପ୍ରାଚୀନ କାଳରେ ମୃଗଶିରା ନକ୍ଷତ୍ରରେ ହିଁ ବାସନ୍ତକ୍ରାନ୍ତିପାତ ଘଟୁଥିଲା ଏବଂ ଏହିଠାରୁ ହିଁ ବର୍ଷାରମ୍ଭ ହେଉଥିଲା । ରଜର ତିନି ଦିନ ଅର୍ଥାତ୍ ପହିଲି ରଜ, ସଂକ୍ରାନ୍ତି ଓ ଭୂମି ଦହନ - ଏହି ତିନି ଦିନ ପାଳନ କରିବା ସକାଶେ ଓଡ଼ିଶାର ଝିଅ ବୋହୂମାନେ ସବୁକାମ ସାରି ସଜ ହୁଅନ୍ତି । ନୂଆଲୁଗା ପିନ୍ଧି ବିଭିନ୍ନ ସ୍ଥାନ ଦେଖିବାକୁ ଦଳ ଦଳ ହୋଇ ବୁଲି ବାହାରନ୍ତି, ଦୋଳି ବାନ୍ଧି 'ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ ଲୋ, ଘେନି ନୂଆ ସଜବାଜ' - ବୋଲି ଗୀତ ଗାଇ ଆନନ୍ଦରେ ଝୁଲନ୍ତି । ଏହି ତିନି ଦିନ ସେମାନେ ରନ୍ଧାବଢ଼ା ଓ କଟାବଟା ଇତ୍ୟାଦି ଗୃହକର୍ମ ନକରି ସଂପୂର୍ଣ୍ଣ ବିଶ୍ରାମ ନିଅନ୍ତି । ସତତ କର୍ମରତ ଗୃହବଧୂ ଓ କନ୍ୟାମାନଙ୍କର କୃଷି କର୍ମରେ କଠୋର ପ୍ରବୃତ୍ତି ସକାଶେ ଏ ତିନି ଦିନ ଯେପରି ପ୍ରସ୍ତୁତି ବିଶ୍ରାମ । ପୃଥିବୀ ରଜସ୍ୱଳା ପାଳନ ବିଧିରେ ଝିଅ ବୋହୂମାନଙ୍କୁ ଶିକ୍ଷା ଦେବା ଉଦ୍ଦେଶ୍ୟରେ ଏହି ଯେଉଁ ପର୍ବର କଳ୍ପନା ସେଥିରେ ଶରୀର ସକାଶେ ବିଶ୍ରାମ, ମନ ପାଇଁ ଆନନ୍ଦ ଓ ଭବିଷ୍ୟତ ସକାଶେ ସ୍ୱପ୍ନ ଥିଲେ ହିଁ ପୃଥିବୀ ଯେପରି ଶସ୍ୟ ଶ୍ୟାମଳା ହେବ ମଣିଷର ସାଂସାରିକ ଜୀବନଯାପନ ସକାଶେ ସେପରି ସ୍ୱଚ୍ଛଳ ହେବ ବୋଲି ନିର୍ଦ୍ଦେଶ ରହିଛ ।

ଓଡ଼ିଆ ସାମାଜିକ ଓ ଜନଜୀବନ ଚେତନାରେ ରଜ ଏକ ଉତ୍ସବ ନୁହେଁ ଏହା ଏକ ଆନନ୍ଦର ପାର୍ବଣ । ରଜ ସମୟରେ ଅନେକ ଅନୁଷ୍ଠାନ, ଉଦ୍ୟୋଗ, ବିଭିନ୍ନ ସଂସ୍ଥା କାର୍ଯ୍ୟକ୍ରମର ଆୟୋଜନ କରୁଥିବାବେଳେ ବଡ଼ ଖୁସିର କଥା ଓଡ଼ିଶାରେ ମେଧାବୀ ଶିକ୍ଷା ପ୍ରତିଭାଙ୍କ ଅନ୍ୟତମ ଉତ୍କର୍ଷ ଶିକ୍ଷାୟତନ ଯାଜପୁର କଟିକଟାର ଗାନ୍ଧୀସ୍ମୃତି ଉଚ୍ଚବିଦ୍ୟାପୀଠର ୧୯୭୩ରୁ ୨୦୨୪ ପର୍ଯ୍ୟନ୍ତ ବ୍ୟାଚ ପୁରାତନ ଛାତ୍ରଛାତ୍ରୀ ମାନଙ୍କ ରଜ ଉପଲକ୍ଷେ ଆସନ୍ତା ୧୫ ତାରିଖରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବାକୁ ଯାଉଛି । ପାରମ୍ପରିକ ରଜ ଉତ୍ସବର ଅନ୍ତର୍ନିହିତ ପ୍ରାସଙ୍ଗିକତା, ପ୍ରାଚୀନତା, ପରମ୍ପରା ସମେତ ଏକ ବିଧିବଦ୍ଧ କମିଟି ଗଠନ କରାଯାଇ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଜନିତ କାର୍ଯ୍ୟକ୍ରମ ଖସଡ଼ା ଆଲୋଚନା ପାଇଁ ପ୍ରସଙ୍ଗ ରହିଛି । ବିଦ୍ୟାଳୟର ଅଭିବୃଦ୍ଧି, ଏକ ସ୍ମରଣୀୟ ସ୍ମୃତି ଅନୁଭୂତିର ସ୍ମରଣିକା, ବିଦ୍ୟାଳୟ ନିମିତ୍ତ କ୍ରୀଡ଼ା ପ୍ରାଙ୍ଗଣ ପ୍ରତିଷ୍ଠା ଓ ସାମଗ୍ରିକ ଭାବେ ବିଦ୍ୟାଳୟର ଅଭିବୃଦ୍ଧି ନିମିତ୍ତ ପୁରାତନ ବିଦ୍ୟାର୍ଥୀଙ୍କ ଭିତରେ ପରାମର୍ଶ ଓ ସହଯୋଗର ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଂଶ ଗ୍ରହଣ କରିବା ପାଇଁ ପୁରାତନ ଛାତ୍ର ତଥା ବିଶିଷ୍ଟ ବାକ୍ ଶ୍ରବଣ ବିଶେଷଜ୍ଞ, ଧ୍ୱନୀ ଅନୁଷ୍ଠାନର ପ୍ରତିଷ୍ଠାତା ନାରାୟଣ ଚନ୍ଦ୍ର ବିଶ୍ୱାଳ ନିବେଦନ କରିଛନ୍ତି । ନିଜ ଶିକ୍ଷା ଜୀବନର ଆଦ୍ୟକେନ୍ଦ୍ର ପାଲଟିଥିବା ଏବଂ ଜୀବନ ଅନୁଭୂତିର ଖଡ଼ି ଛୁଆଁ ହୋଇଥିବା ପିଲାଦିନର ସ୍ମରଣୀୟ ବିଦ୍ୟାଳୟକୁ ମନେପକାଇବା ଏବଂ ତାହାର ସାମଗ୍ରିକ ଉନ୍ନତିକଳ୍ପେ କିଛି ସାମାନ୍ୟତମ ଋଣ ପରିଶୋଧ କରିବାର ଏକ ଉଚ ଭାବନାର ଏ କାର୍ଯ୍ୟକ୍ରମ ନିଶ୍ଚିନ୍ତ ଭାବେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସଦୃଶ । ଦିନେ ଜୀବନର ଓ ଶିକ୍ଷାର ଖଡ଼ିପାଠ ଆରମ୍ଭ କରିଥିବା ସେ ଦିନର ଅବୋଧ ଶିଶୁମାନେ ଆଜି ନିଜ ନିଜ କ୍ଷେତ୍ରରେ ସମାଜରେ ବେଶ ପ୍ରତିଷ୍ଠିତ, ପ୍ରଶଂସିତ ଓ ଗୌରବାନ୍ୱିତ ହୋଇଥିବାବେଳେ ନିଜ ଶିକ୍ଷା ଆଦ୍ୟ କେନ୍ଦ୍ରର ଶିକ୍ଷାୟତନକୁ କୃତଜ୍ଞତା ଜଣାଇବାର ଏପରି ଅଭିନବ ପ୍ରୟାସକୁ ସବୁ ମହଲରେ ସମର୍ଥନ ପ୍ରଶଂସାର ସୁଅ ଛୁଟୁଛି । ରଜ ସମସ୍ତଙ୍କ ପାଇଁ ଆନନ୍ଦର ଉତ୍ସ ହେଉ । ରବି ରଜାର ମିଥୁନ ବା ମିଳନରେ ଯେତେ ଆନନ୍ଦ, ଯେତେ ଉନ୍ମାଦନା - ସବୁ ରାଜସ ବିଳାସ, ସତେ ଯେପରି ଆମରି ମଧରେ ଅବତରଣ କରିଛି - ଏଇ ଫଳପ୍ରସୂ ମାଟିର ଉର୍ବରତା ଦ୍ୟୋତକ ରଜ - ପର୍ବର ମନ ମତାଣିଆ ମଉଚ୍ଛବ ବା ମହୋତ୍ସବରେ ।

+'ଧ୍ୱନୀ' ମେଟ୍ରୋପ୍ଲାଜା, କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ,
ମୋ : ୯୪୩୮୨୭୬୭୬୦

## ଆମ ପରମ୍ପରାର ପ୍ରତୀକ ରଜ

### ଇଂ. ଅଭୟ ସୂତାର

ଭାରତରେ ଯେଉଁ ପର୍ବପର୍ବାଣି ପ୍ରତି ଅଞ୍ଚଳରେ ପାଳିତ ହୁଏ, ତନ୍ମଧ୍ୟରୁ ଓଡ଼ିଶା ମଧ ବାଦ୍ ନ ପଡ଼ି ମଧ୍ୟ ନିଜସ୍ୱ ଢ଼ଙ୍ଗରେ ଅନେକ ଆଞ୍ଚଳିକ ପର୍ବପର୍ବାଣି ସୃଷ୍ଟି କରି ଓଡ଼ିଆତ୍ୱକୁ ବଜାୟ ରଖିବା ସଙ୍ଗେ ସଙ୍ଗେ ଭାରତୀୟ ସାଂସ୍କୃତିକ ସ୍ରୋତରେ ସାମିଲ ହୋଇ ପାରିଛି । ଏକବିଂଶ ଶତାବ୍ଦୀର ଉଗ୍ର ଆଧୁନିକତାବାଦ ଭିତରେ ମଧ୍ୟ ଏଯାବତ୍ ଓଡ଼ିଆଣୀର ଯାନିଯାତ୍ରା ଓ ଓଷାବ୍ରତ ଏକ ଆଲୋଡ଼ନ ସୃଷ୍ଟିକରେ । ଓଡ଼ିଶାର ମହାନ ଐତିହ୍ୟ ଓ ବିଶାଳ ପରମ୍ପରାକୁ ଭିତ୍ତିକରି ପର୍ବପର୍ବାଣିମାନ ମୁଣ୍ଡଟେକି ଚାଲନ୍ତି ଓଡ଼ିଆ ଘରର ପ୍ରତିଟି ଉତ୍ସବ ମୁଖର ଦିନରେ ।

ପ୍ରତିଟି ପର୍ବପର୍ବାଣି ଓ ଓଷାବ୍ରତର କିଛି ନା କିଛି ବିଶେଷତ୍ୱ ଅଛି । 'ଦେଶ୍ କେ ଫାଙ୍କ୍ -ନଇ କେ ବାଙ୍କ୍' ରୀତିରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଗୋଟିଏ ପର୍ବ ଭିନ୍ନ ଭିନ୍ନ ଢ଼ଙ୍ଗରେ ପାଳିତ ହେଉଥିଲେ ହେଁ, ତା'ର ଅନ୍ତଃସ୍ରୋତ ଯେ ଏକ, ଏହା ଯେ କେହି ସ୍ୱୀକାର କରିବେ । ଏତଦ୍‌ଭିନ୍ନ ଆଞ୍ଚଳିକ ଭିତ୍ତିରେ ଅନେକ ନୂଆ ନୂଆ ପର୍ବ ପାଳିତ ହୁଏ, ଯାହା ସହ ଗୋଟିଏ ଅଞ୍ଚଳରୁ ଅନ୍ୟ ଅଞ୍ଚଳଯାଏ ଏହାର ପ୍ରଭାବ ପରିଲକ୍ଷିତ ହୁଏ ।ରଜପର୍ବ କିନ୍ତୁ ଏକ ସ୍ୱତନ୍ତ୍ର ପର୍ବ ଯାହା ଓଡ଼ିଶାର ବିଭିନ୍ନ ପୁରପଲ୍ଲୀରେ ସମଭାବରେ ପାଳିତ ହୁଏ ଏବଂ ଓଡ଼ିଶାର ସାର୍ବଜନୀନ ପର୍ବଭାବେ ଏହାକୁ ଗ୍ରହଣ କରାଯାଇଥାଏ । ରଜ ଏକ କୃଷିଭିତ୍ତିକ ପର୍ବ । ପ୍ରତିଟି ଓଡ଼ିଆଘରେ ଏହା ଖୁବ୍ ଜାକଯମକରେ ପାଳିତ ହେବାର ବିଧିଅଛି । ତିନିଦିନ ରଜ ମଧ୍ୟରୁ ସଂକ୍ରାନ୍ତିର ପୂର୍ବଦିନ ପହିଲି ରଜ ଓ ପରଦିନ ଭୂଇଁ ଶୀତଳା ଭାବେ ସୂଚିତ । ଆଷାଢ଼ ମାସରେ ଭୂମି ଶସ୍ୟ ଉତ୍ପନ୍ନ କରିବାର କ୍ଷମତା ଧାରଣ କରେ । ବର୍ଷା ସମୟ ପୂର୍ବରୁ ସେ ରଜବତୀ ହେବାର କ୍ଷମତା ହିଁ ରଜର ବିଶେଷତ୍ୱ । ଭୂମିପୂଜା ସାରି ମାଟି ମା'କୁ କଷ୍ଟ ନ ଦେବା ପାଇଁ ସେ ସମୟରେ କୃଷିକାର୍ଯ୍ୟ ବା ଯେ କୌଣସି ଖନନ କାର୍ଯ୍ୟ ଭୂମି ଉପରେ ନିଷେଧ ।

ଏସମୟରେ ଘରମାନଙ୍କରେ ସ୍ୱାଦିଷ୍ଟ ଖାଦ୍ୟ ଖାଇ ପରସ୍ପର ଭିତରେ ସହାନୁଭୂତିସମ୍ପନ୍ନ ଆଳାପ, ଆଲୋଚନା, ଖେଳ, କସରତ କରିବା ଦେଖାଯାଏ । ପରବର୍ତ୍ତୀ କଠିନ ପରିଶ୍ରମ ପାଇଁ କୃଷକ ନିଜକୁ ସଜାଡ଼େ । ସ୍ତ୍ରୀ, ପୁରୁଷ ଛୁଆପିଲା ସମସ୍ତେ ଏ ସମୟରେ ଆନନ୍ଦିତ ହୋଇ ଖେଳ କୌତୁକରେ ମନ ଦିଅନ୍ତି । ବିଶେଷତଃ, ସମସ୍ତେ ବନ୍ଧୁବାନ୍ଧବଙ୍କ ମେଳରେ ଏକ ପ୍ରକାର ଖୁସିର ଦିନକୁ ଉପଭୋଗ କରନ୍ତି ।

ରଜର ମାହାତ୍ମ୍ୟ କେବଳ ଯେ ଖୁସି କରାଏ, ଏ କଥା ନୁହେଁ । ସମଗ୍ର ଓଡ଼ିଶାର ଅର୍ଥନୈତିକ ଓ ସାମାଜିକ ଦୃଷ୍ଟିକୋଣରୁ ରଜ ଅପରିହାର୍ଯ୍ୟ ପର୍ବଭାବେ ପାଳିତ ହୁଏ, ଯାହା ପ୍ରାୟତଃ ଅନ୍ୟ ରାଜ୍ୟମାନଙ୍କରେ ଦେଖାଯାଏ ନାହିଁ । ଏହା କେବଳ ଔପଚାରିକତା ନୁହେଁ, ବିଜ୍ଞାନ ସମ୍ମତ । ଦେହକୁ କ୍ଷତି କରୁଥିବା ଦ୍ରବ୍ୟ ସେତେବେଳେ ଖିଆଯାଏନା ବରଂ ଋତୁ ଅନୁସାରେ ଦେହପାଇଁ ଅନେକ ସ୍ୱାଦିଷ୍ଟ ଓ ପୁଷ୍ଟିକର ଖାଦ୍ୟ ଖିଆଯାଏ, ଯାହା କି ଧନୀ କି ଗରୀବ ସମସ୍ତଙ୍କ ଘରେ ଉପଲବ୍ଧ ହୁଏ । ରଜପର୍ବ ଓଡ଼ିଶାର ଆର୍ଥିକ ମାନଦଣ୍ଡକୁ ସଜାଡ଼ିବାରେ ଯେ ଅଗ୍ରଦୂତ ଭାବେ କାମ କରେ, ଏ କଥା ପ୍ରତିଟି ଓଡ଼ିଆ ଅଙ୍ଗେ ଅଙ୍ଗେ ଅନୁଭବ କରିଛି । ରଜ ଆମର ଆଞ୍ଚଳିକ ପର୍ବ, ଯାହା ମହାଭାରତୀୟ ପର୍ବରେ ସଂଯୋଜିତ ହୋଇ ଏକ ମହାନ୍ ପରମ୍ପରା ସୃଷ୍ଟିକରେ । ଉତ୍କୃଷ୍ଟ ସାମାଜିକ ଜୀବନ ଓ ଶୃଙ୍ଖଳାଗତ ପାରିବାରିକ ଜୀବନ ପାଇଁ ପର୍ବପର୍ବାଣିଗୁଡ଼ିକରେ ଯେଉଁ ମହାନ୍ ଆଦର୍ଶମାନ ଲୁକ୍କାୟିତ ରହିଛି, ତାହା ନିଶ୍ଚୟ ଅଭିନନ୍ଦନୀୟ । ସମାଜରେ ବନ୍ଧୁତ୍ୱ, ସଦିଚ୍ଛା ଓ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ପାଇଁ ଏହାର ପାଳନ ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ । ବର୍ତ୍ତମାନର ବିକ୍ଷିପ୍ତ ସମାଜରେ ଦିନକୁ ଦିନ ଧର୍ମୀୟ ଭାବନା ଓ ପୁରାତନ ସଂସ୍କୃତିର ଅବକ୍ଷୟ ଘଟୁଥିବାବେଳେ, ପଲ୍ଲୀ ଜୀବନକୁ ସରସ ଓ ସୁନ୍ଦର କରିବା ପାଇଁ ରଜ ପର୍ବ ପାଳନର ପ୍ରସାର ହେବା ଦିଗରେ ସମସ୍ତେ ଉଦ୍ୟମ କରିବା ଉଚିତ୍ ।

+ସଦସ୍ୟ ତଥା ବୈଜ୍ଞାନିକ, ଓଡ଼ିଶା ବିଜ୍ଞାନ ଏକାଡେମୀ,ଭୁବନେଶ୍ୱର
ମୋ: ୯୪୩୭୩୭୬୯୬୭

# ବରଷକେ ଥରେ ଆସିଛି ରଜ...

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର ଶୁକ୍ରବାର, ୧୪ ଜୁନ୍, ୨୦୨୪

## ଧାରାବାହିକ:

ଭାଗ-୧୦

# ସଂକ୍ଷିପ୍ତ ଭାଗବତ କଥାମୃତ



ଡ. ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

୮ମ ଅଧ୍ୟାୟ

### ।। ବ୍ରହ୍ମାଙ୍କର ଉତ୍ପତ୍ତି ।।

ସନତ କୁମାର କହିଲେ, ହେ ବିଦୁର ସୃଷ୍ଟି ପୂର୍ବରୁ ସମଗ୍ର ବିଶ୍ୱ ଜଳମଗ୍ନ ଥିଲା । ଏକମାତ୍ର ଭଗବାନ ଯୋଗନିଦ୍ରାରେ ଶାୟିତ ଥିଲେ । ତାଙ୍କର ଜ୍ଞାନଶକ୍ତି ଅକ୍ଷୁଣ୍ଣ ଥିବାରୁ ସେ ପ୍ରଳୟ ପରେ ମାୟା ବିନୋଦ ପରିତ୍ୟାଗ କରି ଆତ୍ମାନନ୍ଦରେ ନିମଗ୍ନ ଥିଲେ । ସୃଷ୍ଟି ଉଦ୍ଦେଶ୍ୟରେ ନିଜର କାଳଶକ୍ତିକୁ ଜାଗ୍ରତ କରି ନିଜର ଆଭ୍ୟନ୍ତରକୁ ନିରୀକ୍ଷଣ କରିବାରୁ କାଳଶକ୍ତିର ପ୍ରଭାବରେ ରଜୋଗୁଣ କ୍ଷୁଭିତ ହୋଇ ନୂତନ ସୃଷ୍ଟିତତ୍ତ୍ୱ ଭଗବାନଙ୍କ ନାଭିଦେଶରୁ ପଦ୍ମକୋଷକାର ଧାରଣ କରି ଉତ୍‌ଥିତ ହେଲା । ତାହା ପ୍ରଚଣ୍ଡ ମାର୍ତ୍ତଣ୍ଡ ରୂପ ଧାରଣ ପୂର୍ବକ ସମଗ୍ର ଜଳରାଶି ଉପରେ ଉଦଭାସିତ ହୋଇ ସେଥିରୁ ବେଦମୂର୍ତ୍ତି ସ୍ୱୟଂ ବ୍ରହ୍ମା ପ୍ରକଟ ହେଲେ । ସେ ଚତୁର୍ଦ୍ଦିଗକୁ ଚାହିଁବାରୁ ତାଙ୍କର ଚାରିମୁଖ ହୋଇଗଲା । ସ୍ୱୟମ୍ଭୁ ହୋଇ ମଧ୍ୟ ସେ ଜାଣିପାରିଲେନି ସେ କିଏ, ନିଜକୁ ଜାଣିବାରେ ବହୁ କାଳ ଅତିକ୍ରମ ହୋଇଗଲା । ବ୍ରହ୍ମା ନିଜର ଆଦି ଅନ୍ତ ନ ଜାଣିପାରି ସେହି ପଦ୍ମ ଉପରେ ଯୋଡହସ୍ତରେ ଧ୍ୟାନ କରିବାକୁ ଲାଗିଲେ । ୧୦୦ ବର୍ଷ ସାଧନା ଫଳରେ ସେ ଦେଖିବାକୁ ପାଇଲେ ଶେଷଦେବଙ୍କ ଉପରେ ପୀତବସନ ପରିହିତ ମର୍କତଗିରିର ସାୟଂକାଳୀନ ଶୋଭା ଧାରଣ କରି ଭଗବାନ ଶାୟିତ ଅଛନ୍ତି । ତାଙ୍କ ଗଳାରେ କୀର୍ତ୍ତି ମୂର୍ତ୍ତିମତୀ ହୋଇ ଲମ୍ବିତ ଅଛନ୍ତି । ସେହି ଅପୂର୍ବ ମାଳରେ ବେଦ, ଭ୍ରମର ରୂପରେ ଗୁଞ୍ଜନ କରୁଛନ୍ତି । ସେ ସ୍ଥାନ ଦେବତା ବା ଭଗବାନଙ୍କ ପାର୍ଷଦଙ୍କୁ ମଧ୍ୟ ଅଲଭ୍ୟ । ବ୍ରହ୍ମା କେବଳ ପାଞ୍ଚଗୋଟି ପଦାର୍ଥ ଯଥା- ପଦ୍ମ, ଜଳ, ଆକାଶ, ବାୟୁ ଓ ନିଜ ଶରୀର । ତେଣୁ ସେ ଭଗବାନଙ୍କୁ ସ୍ତୁତି କରିବାକୁ ଲାଗିଲେ ।

୯ମ ଅଧ୍ୟାୟ

### ।। ବ୍ରହ୍ମାଙ୍କ ସ୍ତୁତି ।।

ବ୍ରହ୍ମା ଦୀର୍ଘକାଳ ସମାଧିସ୍ଥ ହୋଇ ଭଗବାନଙ୍କ ସ୍ୱରୂପ ଦର୍ଶନ କରିଥିବାରୁ କହିଲେ, ପ୍ରଭୁ ! ଆପଣଙ୍କ ସ୍ୱରୂପ ମନୁଷ୍ୟ କ'ଣ ଦର୍ଶନ କରିବେ, ମୁଁ ଦୀର୍ଘକାଳ ତପସ୍ୟା କରିବାରେ ଯାହା ପ୍ରାପ୍ତ ହୋଇଛି । ହେ ସର୍ବବ୍ୟାପୀ, ଆପଣଙ୍କ ଚିତଶକ୍ତି ସଦା ଜାଗ୍ରତ ହେତୁ ଅଜ୍ଞାନ ଆପଣଙ୍କ ଦର୍ଶନ ନିମନ୍ତେ ଅକ୍ଷମ । ଆପଣଙ୍କ ନାଭିକମଳରୁ ଜାତ ହୋଇ ମୁଁ ଧନ୍ୟ ହେଲି । ମୋର ସ୍ମତଣ ହେଉଛି "ମୁଁ ମୋର" ଏହି ଅହମିକା, ପ୍ରାଣୀ ନିମିତ୍ତ ଯାବତୀୟ ଦୁଃଖର କାରଣ ।ଆପଣଙ୍କ ଆଶ୍ରିତ ଏଥିରୁ ନିବୃତ୍ତ ରହିବା ସହ ଆପଣଙ୍କ ଗୁଣାବଳୀ କୀର୍ତ୍ତନ ଦ୍ୱାରା ହିଁ ଆପଣଙ୍କ ମାର୍ଗ ପରିଦୃଷ୍ଟ ହୁଏ । ଯେ ଆପଣଙ୍କୁ ଯେଉଁଭଳି ଚିନ୍ତା କରେ ସେମିତି ପାଏ । ଫଳେଚ୍ଛା ବ୍ୟକ୍ତି ଏପରିକି ଦେବତାଙ୍କୁ ମଧ୍ୟ ଆପଣ ଦୁର୍ଲ୍ଲଭ । ନିଷ୍କାମ ଭାବରେ ଶ୍ରଦ୍ଧା ସହିତ ଯାହା ଅର୍ପଣ କରା୍ଏ ତାହା ଆପଣ ଗ୍ରହଣ କରି ଫଳ ପ୍ରଦାନ କରିଥାନ୍ତି । ପ୍ରାଣ ତ୍ୟାଗ ସମୟରେ ଆପନଙ୍କ ଗୁଣ ସ୍ମରଣ ମାତ୍ରେ ହିଁ ଜୀବ ମୁକ୍ତି ପାଇଯାଏ । ବିପରୀତ କର୍ମରେ ଆସକ୍ତ ତଥା ଆପଣଙ୍କ ଆରାଧନା ଉଦାସୀ ମନୁଷ୍ୟଙ୍କୁ ଆପଣ କାଳ ରୂପରେ ତା ଆଶା ଛେଦନ ପୂର୍ବକ ସତଜ୍ଞାନ ଦେବାକୁ ଚେଷ୍ଟା କରନ୍ତି । ହେ ପୂର୍ଣ୍ଣକାମ ! ନିଜ ଇଛାରେ ଦେହ ଧରି ଲୀଳା କରିବା ସହ ପଞ୍ଚକ୍ଳେଶର ଅଧୀନ ହେଉ ନ ଥିବା ଭଗବାନ, ପ୍ରଳୟ କାଳରେ ସମସ୍ତ ଜୀବ ଜଗତକୁ ନିଜ ଉଦରରେ ଆଶ୍ରୟ ଦେଇ ନିଦ୍ରାଶାୟୀ ରୁହନ୍ତି । ପୁଣି ସୃଷ୍ଟି ରଚନା କାଳରେ ମୋତେ ନାଭି କମଳରୁ ଜନ୍ମ ଦିଅନ୍ତି । ମୋତେ ଏଇ କୃପା ହେଉ ଭଗବାନ ! ମୋ ମନରେ ସୃଷ୍ଟିକର୍ତ୍ତା ଜନିତ ଅହଂ ନ ଆସୁ । ଭଗବାନ ଅତ୍ୟନ୍ତ ପ୍ରସନ୍ନତାର ସହ କହିଲେ, ହେ ବେଦଗର୍ଭ ! ସୃଷ୍ଟି ନିମିତ୍ତ ଯାହା ଦରକାର ତାହା ମୁଁ ସମ୍ପଦନ କରିଛି । ତୁମେ ତପସ୍ୟା ପୂର୍ବକ ମୋର ଆଶ୍ରିତ ବିଦ୍ୟା ଅଭ୍ୟାସ କର । ସର୍ବଲୋକ ସହ ସବୁଥିରେ ମୁଁ ବ୍ୟାପ୍ତ ବୋଲି ଦେଖିପାରିବ । ଜୀବ ଯେତେବେଳେ ଏହି ଭଳି ଦେଖିପାରେ ସେ ମୁକ୍ତି ପାଏ । ମୋ ଅନୁଗ୍ରହରୁ ତୁମକୁ ରଜଗୁଣ ବନ୍ଧନ କରିପାରିବ ନାହିଁ କି କର୍ମରେ ଅବସାଦ ଆସିବ ନାହିଁ । ତୁମେ ମୋର ସୃଷ୍ଟିଶକ୍ତି । ତାଛଡା ପୂର୍ବରୁ ତୁମର ମଧ୍ୟ ଅଭିଜ୍ଞତା ଅଛି ।ଏଣୁ କର୍ମରେ ଲାଗିଯାଅ ।

୧୦ମ ଅଧ୍ୟାୟ

### ।। ଦଶ ପ୍ରକାର ସୃଷ୍ଟିର ବର୍ଣ୍ଣନା ।।

ଭଗବାନଙ୍କ ଆଦେଶ କ୍ରମେ ବ୍ରହ୍ମା ଏକଶତ ବର୍ଷ ତପସ୍ୟା କରି ଦିବ୍ୟଦୃଷ୍ଟି ଲଭି ଦେଖିଲେ ନିଜର ପଦ୍ମଧାରୀ ଜଳ ଭିତରୁ ବାୟୁ ଦ୍ୱାରା ପ୍ରବଳମାତ୍ରାରେ ପ୍ରକମ୍ପିତ ହେଉଛି ; ଏଣୁ ସେ ଯୋଗ ବଳରେ ସବୁ ଜଳବାୟୁକୁ ପାନ କରିଦେଲେ । ପଦ୍ମାଧାର ବିକଶିତ ହୋଇ ଆକାଶ ବ୍ୟାପୀଗଲା । ବ୍ରହ୍ମା ତାହାରି ସାହାଯ୍ୟରେ ପୂର୍ବକଳ୍ପରେ ବିଲୀନ ଭୂବନତ୍ରୟର ସୃଷ୍ଟି କରିବାକୁ ଚିନ୍ତାକଲେ । ପ୍ରଥମେ ସେହି କମଳ କୋଷରେ ପ୍ରବେଶ ପୂର୍ବକ ତାହାକୁ ଜୀବମାନଙ୍କର ଭୋଗସ୍ଥାନ ରୂପେ ଭୂଃ, ଭୁବଃ, ସ୍ୱଃ ଏହି ତିନି ଲୋକ ଏବଂ ଯେଉଁମାନଙ୍କର ଭୋଗଲିପ୍ସା ନାହିଁ ସେମାନଙ୍କ ପାଇଁ ବ୍ରହ୍ମଲୋକ ସୃଷ୍ଟିକଲେ । ବିଦୁର ପଚାରିଲେ, ଭଗବାନଙ୍କ କାଳଶକ୍ତି କ'ଣ ମୋତେ ବୁଝାଇ କୁହନ୍ତୁ । ମୈତ୍ରେୟ କହିଲେ, ସ୍ଥୂଳତଃ ବିଷୟ ବା ବସ୍ତୁର ରୂପାନ୍ତର ହିଁ କାଳର ସ୍ୱରୂପ । ସାରା ସଂସାର ଭଗବାନଙ୍କ ମାୟାରେ ଲୀନହୋଇ ବ୍ରହ୍ମରୂପେ ଅବସ୍ଥିତ ଥିବାବେଳେ କାଳଶକ୍ତି ଦ୍ୱାରା ଭଗବାନ ତାକୁ ପୁନଃସର୍ଜନା କଲେ । ସୃଷ୍ଟି ନଅ ପ୍ରକାର ଯଥା-୧-ମହତ ବା ମହତ୍ତତ୍ୱ, ୨-ଅହଂକାର ଯାହା ଦ୍ରବ ଜ୍ଞାନ ଓ କ୍ରିୟାରୁ ସୃଷ୍ଟି,୩-ସୂକ୍ଷ୍ମଭୂତ( ପଞ୍ଚ ମହାଭୂତର ସୃଷ୍ଟି ସ୍ଥଳ),୪-ଜ୍ଞାନେନ୍ଦ୍ରିୟ, ୫- ଇନ୍ଦ୍ରିୟାଧିଷ୍ଠାତା ଦେବଗଣ, ୬- ଅବିଦ୍ୟା( ଯାହା ଜୀବର ଆବରଣ ଓ ବିକ୍ଷେପକାରୀ), ୭-ବିଭିନ୍ନ ବନସ୍ପତି, ଔଷଧଲତା, ଦ୍ରୁମ ଆଦି ଯାହାକୁ ବୈକୃତ ସୃଷ୍ଟି ବୋଲି ମଧ୍ୟ କୁହାଯାଏ ,୮-ତୀର୍ଯ୍ୟକ୍ ଯୋନି ଅର୍ଥାତ୍ ପଶୁପକ୍ଷୀ( ଜ୍ଞାନ ଶୂନ୍ୟ, ତମୋଗୁଣର ଆଧିକ୍ୟ ହେତୁ ଏମାନେ କେବଳ ଆହାର, ମୈଥୁନ ଓ ନିଦ୍ରାରେ ଅଭ୍ୟସ୍ତ । ଘ୍ରାଣେନ୍ଦ୍ରିୟ ଦ୍ୱାରା ଏମାନଙ୍କର ବସ୍ତୁଜ୍ଞାନ ଜନ୍ମେ , ଏମାନେ ୨୮ ପ୍ରକାର),୯- ରଜୋଗୁଣ ପ୍ରଧାନ, କର୍ମତତ୍ପର ମନୁଷ୍ୟ । ବୈକାରିକ ଦେବ ସୃଷ୍ଟି ଆଠପ୍ରକାର ଯଥା- ଦେବତା, ପିତୃପୁରୁଷ, ଅସୁର, ଗନ୍ଧର୍ବ, ଯକ୍ଷରାକ୍ଷସ, ସିଦ୍ଧଚାରଣ ବିଦ୍ୟାଧର, ଭୂତପ୍ରେତ ପିଶାଚ, କିନ୍ନର । ଏମାନଙ୍କ ବ୍ୟତୀତ ସନତକୁମାର ଆଦି ଋଷିମାନେ ପ୍ରାକୃତ ଓ ବୈକୃତ ଉଭୟ ପ୍ରକାରର ଅଟନ୍ତି । ପୁଣି ପ୍ରାକୃତ ବୈକୃତ ଭେଦରେ ଅନ୍ୟ ଏକ ମିଶି ଦଶପ୍ରକାର । ପୁଣି ପ୍ରଳୟକାଳୀନ ଦ୍ରବ୍ୟ ଗୁଣ ଭେଦରେ ଆଉ ତିନିପ୍ରକାର ।

୧୧ଶ ଅଧ୍ୟାୟ

### ।। ମନ୍ୱନ୍ତର କାଳ ବିଭାଗର ବର୍ଣ୍ଣନା ।।

ପ୍ରତ୍ୟେକ ବସ୍ତୁ ବିଭିନ୍ନ ଆକାର ବା ଅବୟବ ବିଶିଷ୍ଟ ହେଲେ ହେଁ ଏହାର ଅନ୍ତିମ ଭାଗ ପରମାଣୁ ଯାହାର ଆଉ ବିଭାଗୀକରଣ କରାଯାଇପାରନେ। । ଏହି ବିଶ୍ୱ ବ୍ରହ୍ମାଣ୍ଡ ଏକ ପରମାଣୁ ବୋଲି ଧରି ନିଆଗଲେ ଏଥିରେ ଭଗବାନଙ୍କର କାଳଶକ୍ତି ବ୍ୟାପ୍ତ ହୋଇ ଅବସ୍ଥାନ କରେ । ଦୁଇ ପରମାଣୁ ଯୁକ୍ତ ହୋଇ ଏକ ଅଣୁ ଓ ତିନି ଅଣୁରେ ଏକ କ୍ରସରେଣୁ ହୁଏ । ଏହାକୁ ଗବାକ୍ଷ ଦେଇ ଆସୁଥିବା ସୂର୍ଯ୍ୟରଶ୍ମିରେ ପ୍ରତ୍ୟକ୍ଷ କରିହୁଏ । ଏହି ରେଣୁ ସହିତ କାଳର ପରିମାପ କରି ଲବ, ନିମିଷ, କ୍ଷଣ, କାଷ୍ଠା, ରଘୁ, ଦଣ୍ଡ, ମୁହୂର୍ତ୍ତ, ପ୍ରହର, ଦିନ, ପକ୍ଷ, ମାସ, ଋତୁ ଓ ଅୟନାଦି ନିର୍ଣ୍ଣୟ କରାଯାଇଛି । ପ୍ରତି ଛଅ ମାସରେ ଏକ ଅୟନ, ଉତ୍ତରାୟଣ ଓ ଦକ୍ଷିଣାୟନ ଭେଦରେ ଏହା ଦୁଇପ୍ରକାର । ଦୁଇ ଅୟନ ମିଶି ଦେବତାମାନଙ୍କର ଏକ ଅହୋରାତ୍ର । ଦୁଇ ପକ୍ଷ ମିଶି ଏକ ମାସ ଯାହା ପିତୃଗଣଙ୍କର ଏକ ଅହୋରାତ୍ର । ଦୁଇ ଅୟନ ମିଶି ମନୁଷ୍ୟଙ୍କର ଏକବର୍ଷ, ଏକଶତ ବର୍ଷ ମନୁଷ୍ୟର ପରମାୟୁ । ସେହିପରି ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ରାଦିଙ୍କର ଦ୍ୱାଦଶ ରାଶିର ସମ୍ବତ୍ସର ପର୍ଯ୍ୟନ୍ତ ପରିକ୍ରମାକୁ ପର୍ଯ୍ୟଟନ କୁହାଯାଏ । ସୂର୍ଯ୍ୟଙ୍କର ଦ୍ୱାଦଶ ରାଶି ଭୋଗକୁ ସମ୍ବତ୍ସର, ତିରିଶ ସୂର୍ଯ୍ୟୋଦୟରେ ଏକ ମାସ ହୁଏ , ବାର ମାସକୁ ଇଦାବତ୍ସର, ଚନ୍ଦ୍ରଙ୍କର ବାର ରାଶି ଭୋଗ କାଳକୁ ଅନୁବତ୍ସର ଏବଂ ନକ୍ଷତ୍ରମାନଙ୍କ ସେହି ସମୟକୁ ବତ୍ସର କୁହାଯାଏ । ଚନ୍ଦ୍ରମାସ ଓ ସୌରମାସ ଗଣନାରେ ବର୍ଷକୁ ବାରଦିନ ବ୍ୟବଧାନ ହେତୁ ପାଞ୍ଚବର୍ଷରେ ଦୁଇଟି ମଳମାସ ପଡେ । ସତ୍ୟ, ତ୍ରେତା, ଦ୍ୱାପର ଓ କଳି ପରି ଚାରିଯୁଗ । ସତ୍ୟଯୁଗ ୪୮୦୦ବର୍ଷ, ତ୍ରେତା ୩୬୦୦ ବର୍ଷ, ଦ୍ୱାପର ୨୪୦୦ ବର୍ଷ ଏବଂ କଳି ୧୨୦୦ ବର୍ଷ । ଦେବତାଙ୍କର ଗୋଟିଏ ଦିନ ମନୁଷ୍ୟଙ୍କର ଗୋଟିଏ ବର୍ଷ । ଅତଏବ ମନୁଷ୍ୟଙ୍କ ନିମନ୍ତେ ଏହି ସବୁ ଯୁଗ ୩୬୦ଗୁଣ । ଧର୍ମ ସତ୍ୟ ଯୁଗରେ ଚତୁଷ୍ପାଦ ଥିବା ସମୟରେ ଧର୍ମର ହାନୀ ହେତୁ ପ୍ରତ୍ୟେକ ଯୁଗରେ ଧର୍ମର ଗୋଟିଏ ଗୋଟିଏ ପାଦ ହ୍ରାସ ପାଏ । ଏକ ସହସ୍ର ଚତୁର୍ଯୁଗର ସମଷ୍ଟିରେ ବ୍ରହ୍ମାଙ୍କ ଏକଦିନ । ସେହିଭଳି ଏକ ରାତ୍ରି ଯେତେବେଳେ ବ୍ରହ୍ମା ଶୟନ କରନ୍ତି । ବ୍ରହ୍ମାଙ୍କର ଗୋଟିଏ ଦିନ ମଧ୍ୟରେ ଚତୁର୍ଦ୍ଦଶ ମନୁ ରାଜତ୍ୱ କରନ୍ତି । ପ୍ରତ୍ୟେକ ମନୁ ୭୧ ଚତୁର୍ଯୁଗରୁ କିଛି ଅଧିକ କାଳ ଭୋଗ କରନ୍ତି । ନିଶାବସାନ ପରେ ବ୍ରହ୍ମା ସୃଷ୍ଟି କରନ୍ତି । ବ୍ରହ୍ମାଙ୍କ ଦିବସ ଭୋଗ ପରେ ସେ ନିଶ୍ଚେଷ୍ଟ ରହନ୍ତି ଓ ସାରା ବିଶ୍ୱ ତାଙ୍କଠାରେ ଲୀନ ହୁଏ । ସାତ ସମୁଦ୍ର ଦ୍ୱାରା ତ୍ରିଲୋକ ଜଳମଗ୍ନ ହୁଏ, ଭଗବାନ ଶେଷଶାୟୀ ହୁଅନ୍ତି । ବ୍ରହ୍ମାଙ୍କର ଆୟୁ ଏକଶତ ବର୍ଷ ଅଟେ।

୧୨ ଶ ଅଧ୍ୟାୟ

### ।।ସୃଷ୍ଟି ବିସ୍ତାର ।।

ବ୍ରହ୍ମା ପ୍ରଥମେ ପାଞ୍ଚଗୋଟି ପାପମୟ ସୃଷ୍ଟି କଲେ । ଯଥା- ତମିସ୍ରା (ଭୋଗେଚ୍ଛା ପ୍ରତି ହିତ ଜନିତ କ୍ରୋଧ), ଅନ୍ଧ ତମିସ୍ରା (ଭୋଗ ବସ୍ତୁ ନାଶ ଜନିତ କ୍ରୋଧ), ମୋହ (ଅହମିକାର ବୃଦ୍ଧି), ମହାମୋହ( ଭୋଗଲିପ୍ସା), ତମ (ହିଂସା ଓ କପଟାଚରଣ) । ଏହି ପାପ ସୃଷ୍ଟିରେ ବ୍ରହ୍ମାଙ୍କ ମନ ଅସନ୍ତୁଷ୍ଟ ହେବାରୁ ଭଗବାନଙ୍କୁ ଧ୍ୟାନ ପୂର୍ବକ ପବିତ୍ର ମନରେ ସେ ସନକ, ସନାତନ ଓ ସନତକୁମାର ଚାରି ଉର୍ଦ୍ଧ୍ୱରେତା ଋଷିଙ୍କୁ ସୃଷ୍ଟି କରି ପ୍ରଜାସୃଷ୍ଟି ନିମିତ୍ତ ଉପଦେଶ ଦେଲେ । ମାତ୍ର ସେମାନେ ବ୍ରହ୍ମାଙ୍କ ଆଦେଶ ପାଳନ ନ କରିବାରୁ ବ୍ରହ୍ମା କ୍ରୋଧିତ ହେଲେ । ସେହି କ୍ରୋଧରୁ ରୁଦ୍ରଦେବଙ୍କ ଉତ୍ପତ୍ତି ହେଲା । ରୁଦ୍ରଦେବ ବ୍ରହ୍ମାଙ୍କ ଆଦେଶ କ୍ରମେ ପ୍ରଜାପତି ରୂପେ ସୃଷ୍ଟି ସର୍ଜନାରେ ପ୍ରବୃତ୍ତ ହେଲେ । ମାତ୍ର ତାଙ୍କର ରୁଦ୍ରଗଣ ଦଳବାନ୍ଧି ସୃଷ୍ଟି ନାଶ କରିବାରୁ ବ୍ରହ୍ମା ରୁଦ୍ରଙ୍କୁ ତପସ୍ୟା କରିବାକୁ ନିର୍ଦ୍ଦେଶ ଦେବାରୁ ରୁଦ୍ର ନିଜର ଗଣଙ୍କୁ ଶରୀରରେ ସମାବିଷ୍ଟ କରି ତପସ୍ୟାରେ ବ୍ରତୀ ହେଲେ । ଏହାପରେ ବ୍ରହ୍ମା ନାରଦ, ଅତ୍ରି, ଅଙ୍ଗିରା, ମରିଚି, ପୁଲସ୍ତ୍ୟ ଆଦି ଦଶଗୋଟି ପୁତ୍ର ନିଜର ବିଭିନ୍ନ ଅଙ୍ଗରୁ ଜାତକରି ସୃଷ୍ଟି ସର୍ଜନା କରିବାକୁ ନିର୍ଦ୍ଦେଶ ଦେଲେ । ବ୍ରହ୍ମାଙ୍କ ବକ୍ଷର ଦକ୍ଷିଣ ଦେଶରେ ନାରାୟଣ ଅବସ୍ଥାନ କରୁଥିବାରୁ ସେଥିରୁ ଧର୍ମ, ପୃଷ୍ଠରେ ଅଧର୍ମ ଓ ମୃତ୍ୟୁ, ହୃଦୟରୁ କାମ, ଭ୍ରୂଲତାରୁ କ୍ରୋଧ, ଅଧରରୁ ଲୋଭ, ମୁଖରୁ ବାକ୍ୟ, ଲିଙ୍ଗରୁ ସମୁଦ୍ର, ଗୁହ୍ୟ ଦେଶରୁ ରାକ୍ଷସ ସୃଷ୍ଟିହେଲେ । ବ୍ରହ୍ମାଙ୍କ ଜାତ କନ୍ୟା ସରସ୍ୱତୀ ପ୍ରତି କାମାସକ୍ତ ହେବାରୁ ପୁତ୍ର ମରିଚି ଆଦି ମୁନିମାନେ ଭର୍ତ୍ସନା କରିବାରୁ ବ୍ରହ୍ମା ନିଜର ପାପ ଶରୀର ତ୍ୟାଗ କରିବାରୁ ତାହା କୁହୁଡି ଓ ଅନ୍ଧକାର ସୃଷ୍ଟି କଲା । ଏହାପରେ ବ୍ରହ୍ମା ଋକ୍, ଯଜୁଃ, ସାମ ଓ ଅଥର୍ବ ବେଦ ସୃଷ୍ଟି କଲେ । ଆୟୁର୍ବେଦ, ଧନୁର୍ବେଦ ଓ ଗନ୍ଧର୍ବ ବେଦ ଆଦି ଉପବେଦମାନ ତାଙ୍କ ମୁଖରୁ ସୃଷ୍ଟି ହେଲା । ୫ମ ବେଦ ସ୍ୱରୂପ ଇତିହାସ, ପୁରାଣ ସୃଷ୍ଟିହେଲା । ବିଦ୍ୟା, ଦାନ, ତପସ୍ୟା ଓ ସତ୍ୟଧର୍ମର ଏହି ଚାରିପାଦ ଏବଂ ବ୍ରହ୍ମଚର୍ଯ୍ୟ, ଗାର୍ହ୍ୟସ୍ଥ ଆଦି ଚାରି ଆଶ୍ରମର ସୃଷ୍ଟି ହେଲା । ବ୍ରହ୍ମାଙ୍କ ଲୋମକୂପରୁ ଗାୟତ୍ରୀ, ବିଭିନ୍ନ ଛନ୍ଦ, ଶବ୍ଦ, ବର୍ଣ୍ଣ ସୃଷ୍ଟି ହେଲା । ଏହାପରେ ମନୁ ଓ ତାଙ୍କର ସ୍ତ୍ରୀ ଶତରୂପା ବ୍ରହ୍ମାଙ୍କ ଠାରୁ ସମ୍ଭୂତ ହୋଇ ସୃଷ୍ଟି ବିସ୍ତାର କଲେ । (କ୍ରମଶଃ)

+ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

# ରଜସ୍ୱଳା ବସୁମତୀ ସ୍ନାନ ବନାମ ରଜ



ଡକ୍ଟର ଲକ୍ଷ୍ମଣ ସାହୁ



ଓଡ଼ିଶାରେ ରଜ ଏକ ପାରମ୍ପରିକ ପର୍ବ । ଏହାକୁ ମଧ୍ୟ ଗଣପର୍ବ କୁହାଯାଏ । ନିପଟ ପଲ୍ଲୀ ଗାଁ ଗହଳି ଠାରୁ ଆରମ୍ଭ କରି ସହର ଯାଏଁ ଏହି ପର୍ବ ଧୁମଧାମରେ ଚାରି ଦିନ ଧରି ପାଳିତ ହୋଇଥାଏ । ଏହା ମିଥୁନ ମାସର ଦ୍ୱିତୀୟ ଦିନରୁ ଆରମ୍ଭ ହୋଇଥାଏ । ରଜ ସଂକ୍ରାନ୍ତିର ପୂର୍ବଦିନକୁ ପହିଲି ରଜ, ଦ୍ୱିତୀୟ ଦିନକୁ ରଜ ସଂକ୍ରାନ୍ତି, ତୃତୀୟ ଦିନକୁ ଭୂମିଦାହ ବା ଭୂମି ଦହନ, ଚତୁର୍ଥ ତଥା ଅନ୍ତିମ ଦିନକୁ ବସୁମତୀ ସ୍ନାନ ଭାବରେ ପାଳନ କରାଯାଇଥାଏ । ରଜ ଶବ୍ଦର ଆକ୍ଷରିକ ଅର୍ଥ ରଜବତୀ ହେବା, ଯାହା ପୃଥିବୀକୁ ମାତା ଭାବରେ ବିବେଚନା କରି ବର୍ଷାର ଆଗମନରେ ସେ ରଜସ୍ୱଳା ବୋଲି ବୁଝାଯାଏ । 'ରଜସ୍' ଶବ୍ଦରୁ 'ରଜ'ର ସୃଷ୍ଟି ବୋଲି ବିଶ୍ୱାସ ରହିଛି । ଏହି ଶବ୍ଦର ଅର୍ଥ ରଜସ୍ୱଳା ବା ଯାହାକୁ ଋତୁମତୀ କୁହାଯାଏ । ପରମ୍ପରା ଓ ବିଶ୍ୱାସ ଅନୁଯାୟୀ ବସୁମତୀ ଏହି ତିନି ଦିନ ରଜସ୍ୱଳା ହୁଏ । ବସୁମତୀ ରଜସ୍ୱଳା ହେବାର ଅର୍ଥ ନୂଆ ଶସ୍ୟ ଅଙ୍କୁରିତ ହେବାର ପ୍ରତୀକାତ୍ମକ ଭାବ ବହନ କରିଥାଏ । ଗୋଟିଏ ବର୍ଷ ପାଇଁ ସେ ହୁଏ ସୃଜନଶୀଳା । ତେଣୁ ଉକ୍ତ ତିନି ଦିନ ପାଇଁ କୃଷକମାନେ 'ବସୁମତୀ ତଥା ହଳଲଙ୍ଗଳ ପୂଜା କରି କୃଷିକର୍ମରୁ ଅବ୍ୟାହତ ନେଇ ବସୁମାତାକୁ ବିଶ୍ରାମ ଦିଅନ୍ତି । ଭିନ୍ନ ଅର୍ଥରେ କହିଲେ ଯେପରି ଏକ ରଜସ୍ୱଳା ନାରୀ ଚାରି ଦିନ ପାଇଁ ଅଛୁତ ରୁହେ, ସେପରି ବସୁଧା ମାତାକୁ ଅକ୍ଷତ ଓ ଅସ୍ପର୍ଶ୍ୟ ରଖାଯାଏ । ବସୁମତୀ ନିଜେ ରଜସ୍ରାବିତ ହୋଇ ନିଜ ସନ୍ତାନ ପାଇଁ ଶସ୍ୟ ଉତ୍ପାଦନକ୍ଷମତା ବଢାଏ। ଏହି ଦୃଷ୍ଟିରୁ ଏହାକୁ ମଧ୍ୟ ଏକ କୃଷିଭିତିକ ପର୍ବ ଭାବେ ଗ୍ରହଣ କରାଯାଇଛି ।

ରଜ ପର୍ବର ଉତ୍ପତ୍ତି, ବିକାଶ ଓ ସ୍ୱରୂପର ଅୟମାରମ୍ଭ କାଳ ସମ୍ପର୍କରେ ସେଭଳି କୌଣସି ଯଥାର୍ଥ ପ୍ରାମାଣିକ ତଥ୍ୟ ନାହିଁ । କିମ୍ବଦନ୍ତୀରେ ଏହାର ପ୍ରାଚୀନତା ଯଥେଷ୍ଟ ସାର୍ବଜନୀନ ଅଟେ। ଉତ୍କଳୀୟ ସାଂସ୍କୃତିକ ପରମ୍ପରା ସୁପ୍ରାଚୀନ ନିର୍ଦ୍ଦିଷ୍ଟ ଶୃଙ୍ଖଳାବୋଧ ସମନ୍ୱିତ ଚେତନା ସହିତ ଉଦ୍ର ସଂସ୍କୃତିର ମୌଳିକତା, ବୈଦିକ ସଂସ୍କୃତିର ଗାମ୍ଭୀର୍ଯ୍ୟ, ବୈଷ୍ଣବ ପରମ୍ପରାର ଆତ୍ମୀୟତା ତଥା ଚୈତନ୍ୟ ପରମ୍ପରାର ଶାଶ୍ୱତ ପ୍ରେମର ଅପୂର୍ବ ସମନ୍ୱୟରେ ଉନ୍ମେଷିତ ଓ ବିକଶିତ ହୋଇଛି ?। ତେଣୁ ଉତ୍କଳୀୟ ପର୍ବପର୍ବାଣୀ ସାମାଜିକ ପରିବେଶ ମଧ୍ୟରେ ରଜ ପର୍ବ ଗୌରବାନ୍ୱିତ ହୋଇଛି । ପ୍ରାଚୀନକାଳରୁ ଏହି ମହୋତ୍ସବ ସାମାଜିକ ସରସତା ଓ ସାମୂହିକତାର ସ୍ୱର ବହନ କରି ଓଡ଼ିଆ ଜାତିକୁ ଅହେତୁକ ଆନନ୍ଦ, ଉଲ୍ଲାସ, ଉଦ୍ଦିପନା ତଥା ସ୍ୱଜାତ୍ୟାଭିମାନର ପ୍ରେରଣା ପ୍ରଦାନ କରି ଆସିଛି । ରଜ ମହୋତ୍ସବ ଅବସରରେ ଅଗଣିତ ଓଡ଼ିଆ ନିଜ ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ସ୍ୱାଭିମାନରେ ଭାବାତ୍ମକ, ଚେତନାତ୍ମକ ଐକ୍ୟର ଗୌରବରେ ଉଲ୍ଲସିତ ହୋଇ ଆସିଛନ୍ତି ।

ଏହି ରଜ ମହୋତ୍ସବକୁ ଓଡ଼ିଆ ଜାତିର ଜାତୀୟ ମହୋତ୍ସବ ଭାବେ ଗ୍ରହଣ କରାଯାଏ । କିମ୍ବଦନ୍ତୀ ବହୁଳ ରଜ ମହୋତ୍ସବ ବିଷୟରେ ବିଭିନ୍ନ ପୌରାଣିକ ଓ ସାମାଜିକ ପୃଷ୍ଠଭୂମି ଲୁଚି ରହିଛି । ଲଙ୍କାରେ ରାକ୍ଷସମାନଙ୍କର ମହା ପ୍ରତାପୀ ରାଜା ରାବଣ ରାଜୁତି କରୁଥିବା ସମୟରେ ମୟଦାନବ ନାମରେ ଆଉ ଜଣେ ରାଜା ଭିନ୍ନ ଏକ ରାଜ୍ୟରେ ଶାସନ କରୁଥିଲେ । ଦୁହେଁ ରାକ୍ଷସମାନଙ୍କର ରାଜା ହୋଇଥିବାରୁ ଉଭୟଙ୍କ ମଧ୍ୟରେ ଖୁବ ନିବିଡ଼ ସମ୍ପର୍କ ଥିଲା । ରାବଣ ମୟଙ୍କ ଦରବାରକୁ ଯିବା ଆସିବା କରୁଥିଲା । ରାଜା ମୟଙ୍କର ମନ୍ଦୋଦରୀ ନାମରେ ଅତି ସୁନ୍ଦରୀ କନ୍ୟାଟିଏ ଥିଲା । ରାବଣ ପ୍ରତିଭାବାନ, ବୀର ଓ ସୁନ୍ଦର ଥିବାରୁ ଉଭୟେ ପରସ୍ପର ପ୍ରତି ଆକର୍ଷିତ ଓ ମିଳନରୁ ମନ୍ଦୋଦରୀ ଅନ୍ତସତ୍ତ୍ୱା ହେଲେ । ଅବିବାହିତ ମନ୍ଦୋଦରୀଙ୍କ ଠାରୁ ସୁନ୍ଦରୀ କନ୍ୟାଟିଏ ଜନ୍ମ ନେବା ଫଳରେ ପିତା-ମାତାଙ୍କ ପାଇଁ ବଦନାମର କାରଣ ହେଲା । ସମାଜରେ ଲୋକ ଲଜ୍ଜା ଓ କଳଙ୍କ ଭୟରେ ରାଜା ମୟ ଉକ୍ତ ଶିଶୁ କନ୍ୟାକୁ ବିଳମ୍ବିତ ରାତ୍ରରେ ଦୂର ରାଜ୍ୟରେ ଥିବା ମିଥିଳା ନଗରକୁ ନେଇ ଗୁପ୍ତ ଭାବରେ ଗାତ ଖୋଳି ପୋତି ଦେଇଥିଲେ। ଏହି କାରଣରୁ ମିଥିଳାରେ ଅକାଳ ପଡ଼ିଲା । ବର୍ଷା ହେଲା ନାହିଁ । ମିଥିଳାବାସୀ ତ୍ରାହି ତ୍ରାହି ଡାକିଲେ। ସେତେବେଳେ ମିଥିଳା ରାଜ୍ୟର ପ୍ରଜାବତ୍ସଳ ରାଜା ଥିଲେ ଜନକ । ରାଜା ଜନକ ପ୍ରଜାଙ୍କ ହିତ ପାଇଁ ଜ୍ୟୋତିଷମାନଙ୍କର ପରାମର୍ଶ ନେଲେ । ଜ୍ୟୋତିଷମାନଙ୍କର ମତାନୁଯାୟୀ ରାଜା ନିଜେ ହଳ ଯୋଚିଲେ ଅକାଳ ଦୂର ହେବ । "ର 'ଅର୍ଥ ସଂସାର ଓ "ଜ ' ଅର୍ଥ ଯୋଚିବା । ସଂସାରର ହିତ ପାଇଁ ରାଜା ଜନକ ନିଜେ ହଳ ଯୋଚିବାରୁ ଇନ୍ଦ୍ର ଦେବତା ସନ୍ତୁଷ୍ଟ ହେବା ଫଳରେ ମୂଷଳ ଧାରାରେ ବର୍ଷା ହେବାକୁ ଲାଗିଲା । ମିଥିଳାବାସୀ ଆନନ୍ଦ, ଉଲ୍ଲାସରେ ଗୀତ ଗାଇ ନାଚିବାକୁ ଲାଗିଲେ । ସାରା ମିଥିଳା ରାଜ୍ୟରେ ନାଚଗୀତର ପର୍ବ ଖେଳିଗଲା । ପୌରାଣିକ ମତାନୁସାରେ ସେହି ଦିନଠାରୁ ରଜ ପର୍ବର ଆରମ୍ଭ ଘଟିଥିବା ବିଶ୍ୱାସ କରାଯାଏ । କାରଣ ରାଜା ଜନକ ହଳ ଯୋଚି ଏକ କନ୍ୟା ରତ୍ନ (ସୀତା) ଭୂମିରୁ ପାଇଥିବାରୁ ଓ ମିଥିଳାବାସୀଙ୍କୁ ଏହି ପର୍ବକୁ ନାରୀମାନଙ୍କ ପର୍ବ ରୂପେ ପାଳନ କରିବାକୁ ସ୍ୱୀକୃତି ଦେଇଥିବା କୁହାଯାଏ ।

ଅନ୍ୟ ପଟେ କହିବାକୁ ଗଲେ ଏହି ମୃତିକା ବକ୍ଷରେ ସଭ୍ୟତାର ପ୍ରଥମ ଉନ୍ମେଷ ଘଟିଛି । ଏହି ମୃତିକା ହିଁ ମହାନ୍ ମାନବ ସଭ୍ୟତା ଓ ସାମାଜିକ ଜୀବନକୁ ପ୍ରାଣ ପ୍ରତିଷ୍ଠା କରିଛି । ମନୁଷ୍ୟର ଜୀବନଧାରଣ ପାଇଁ ବୈଜ୍ଞାନିକ ସାଧନ ଆବିଷ୍କୃତ ହୋଇଥିଲେ ମଧ୍ୟ ଆବଶ୍ୟକୀୟ ଅନ୍ନ ମୃତିକ ନିମେନ୍ତ ମଣିଷ ମୃତିକା ଓ ମୌସୁମୀ ଉପରେ କେବଳ ନିର୍ଭର୍ଭ କରିଆସିଛି । ଏହାକୁ ଲକ୍ଷ୍ୟକରି ଶ୍ରୀମଦ୍ ଭଗବତ ଗୀତାରେ ଉଲ୍ଲେଖ କରାଯାଇଛି –

> "ଅନ୍ନାଭବନ୍ତି ଭୂତାନି ପର୍ଜନ୍ୟାଦନ୍ନସମ୍ଭବଃ
> ଯଜ୍ଞାଦ୍ଭବତି ପର୍ଜନ୍ୟୋଂ ଯଜ୍ଞଃ
> କର୍ମସମୁଦ୍ଭବଃ" ।

ଅର୍ଥାତ୍ ଅନ୍ନ ହେଉଛି ଜୀବନଧାରଣର ଏକ ଉପାଦାନ । ଏହାର ସୃଷ୍ଟି ପର୍ଜନ୍ୟ ବା ମେଘରୁ , ପୁଣି ମେଘର ସୃଷ୍ଟି ଯଜ୍ଞରୁ ଓ ଯଜ୍ଞର ସୃଷ୍ଟି କର୍ମରୁ। ତେଣୁ ଆମ କୃଷିକୈନ୍ଦ୍ରିକ ସାମାଜିକ ଜୀବନରେ ଋତୁଚକ୍ରର ସାମ୍ବତ୍ସରିକ ପରିକ୍ରମଣ ଅନୁସାରେ ଏହିଭଳି ନାନା ପର୍ବପର୍ବାଣି ସୃଷ୍ଟି ପ୍ରାଚୀନ କାଳରୁ ପ୍ରଚଳିତ ହୋଇ ଆସୁଛି ।

ଜ୍ୟୋତିଷ ଶାସ୍ତ୍ରାନୁସାରେ ସୂର୍ଯ୍ୟ ବୃଷରାଶିକୁ ତ୍ୟାଗକରି ଯେଉଁ ଦିନ ମିଥୁନ ରାଶିରେ ପ୍ରବେଶ କରେ, ତା ପର ଦିନକୁ ମିଶାଇ ମୋଟ ତିନିଦିନ ରଜପର୍ବ ପାଳନ କରାଯାଏ । ମୃଗଶିରା ନକ୍ଷେତ୍ରରେ ସୂର୍ଯ୍ୟ ରହିବାର ତିନିଦିନକୁ ରଜ କୁହାଯାଉଥିବା ବେଳେ ଧର୍ମଶାସ୍ତ୍ରନୁସାରେ କୌଣସି ନାରୀର ଋତୁସ୍ରାବ ପ୍ରଥମ ତିନିଦିନ ଯଥାକ୍ରମେ- ଚାଣ୍ଡାଳି, ବ୍ରହ୍ମଘାତିନୀ, ଓ ରଜକୀ ହୋଇଥାଏ । ଚତୁର୍ଥ ଦିନରେ ଶୂଦ୍ରା ଓ ପଞ୍ଚମ ଦିନରେ ରମଣ ଯୋଗ୍ୟ ହୋଇଥାଏ । ତେଣୁ ରଜ ପର୍ବ ଭାବେ ଏହାକୁ ପାଳନ କରାଯାଏ । ଅନ୍ୟ ଦୃଷ୍ଟିରୁ ମିଥୁନ ସଂକ୍ରାନ୍ତି ଦିନ ମୌସୁମୀ ଓ ମୃତିକାର ମହାମିଳନ ଘଟେ । ଆକାଶ ପଥରେ ଘନ ମେଘମାଳା ଭାସି ଭାସି ଆସି ଧରିତ୍ରୀ ବକ୍ଷରେ ଅଜସ୍ର ବାରିରାଶି ଢାଳି ଦିଅନ୍ତି । ନାରୀ ସଦୃଶା ଏହି ମାତା ବସୁନ୍ଧରା ରାଜସ୍ୱରେ ହାଇ ପୂର୍ଣ୍ଣ ଉତ୍ପାଦିକା ଶକ୍ତି ଲାଭ କରିଥାଏ । ଏଣୁ ଉତ୍କଳୀୟ ସଂସ୍କୃତିର ରଜପର୍ବ ବା ମୃତିକା ପୂଜା ଏକ ପ୍ରଧାନ ଉତ୍ସବ ଭାବରେ ପାଳିତ ହୋଇଥାଏ। ଜ୍ୟେଷ୍ଠ ମାସର ଶେଷ ଦିନ ଓ ଆଷାଢ ମାସରେ ପ୍ରଥମ ଦୁଇ ଦିନ, ଏହିଭଳି ମୋଟ ତିନି ଦିନ ଓଡିଶାର ଘରେ ଘରେ ରଜପର୍ବ ପାଳନ କରାଯାଏ । ପ୍ରଥମ ଦିବସକୁ 'ପହିଲି ରଜ', ଦ୍ୱିତୀୟ ଦିବସକୁ 'ରଜ ସଂକ୍ରାନ୍ତି ' ଓ ତୃତୀୟ ଦିବସକୁ 'ଭୂମିଦାହ 'ନାମରେ ନାମିତ କରାଯାଇଛି । ରଜ ପର୍ବର ଅନ୍ତିମ ଚତୁର୍ଥ ଦିବସ ହେଉଛି ବସୁମତୀ ସ୍ନାନ । ଏହି ଦିନରେ ଠାକୁରାଣୀ ଗାଧୁଆରେ କାଠ ପିଢ଼ା ଉପରେ ଶିଳପୁଆ ଲଙ୍ଗଳ ଲୁହା ଓ ବିଭିନ୍ନ ଉପକରଣ ରଖି ତା ଉପରେ ହଳଦୀ ପାଣି ଢାଳି , ଭୋଗ ରାଗ ସହ ବସୁମତୀ ସ୍ନାନ କରାଯାଏ । ଯାହା ଫଳରେ ହିଁ ମୃତ୍ତିକା ପବିତ୍ର ଓ ଉତ୍ପାଦନ କ୍ଷମ ହୁଏ ।

ରଜ ଚାଷୀଘରେ ଆନନ୍ଦ ମଉଜ ମଜଲିସର ଉତ୍ସବ ହୋଇଥିବାରୁ ଏହା ସ୍ୱତଃ ଧର୍ମୀୟ ଭାବଧାରା ଭିଡ଼ରେ କେଉଁ କାଳରୁ ଯୋଡି ହୋଇଯାଇଛି । ଶ୍ରୀମନ୍ଦିରରେ ସପ୍ତାବରଣ ମୃତ୍ତି ମଧ୍ୟରେ ଭୂଦେବୀ ବା ମାଟି ଦେବୀ ଥିବାରୁ ରୀତିନୀତି ସହ ରଜପର୍ବ ପାଳନ କରାଯାଏ । ଏହି ସମୟରେ ଅନେକ ସ୍ଥାନରେ ଗୀତା-ଭାଗବତ ପାଠ ପାରାୟଣ ପ୍ରବଚନ ପ୍ରଭୃତି ଅନୁଷ୍ଠିତ ହୋଇଥାଏ । ଏହି ପର୍ବ ମାତୃ ଶକ୍ତି ଉପାସନା ପାଇଁ ଉଦ୍ଦିଷ୍ଟ ଥିବାରୁ ଝଂକଡ଼ରେ ଥିବା ଦେବୀ ସାରଳା, ଯାଜପୁରରେ ଦେବୀ ବିରଜା, ବାଙ୍କୀରେ ଦେବୀ ଚର୍ଚ୍ଚିକା, ଚୌଷଠି ଯୋଗିନୀଙ୍କୁ ମଧ୍ୟ ଏହି ଅବସରରେ ବିଶେଷ ଭାବରେ ପୂଜା କରାଯାଇଥାଏ । ଏପରିକି ଆଦିବାସୀ ସଂସ୍କୃତି ପରଂପରାରୁ ଜଣାଯାଏ, ଏହି ପର୍ବରେ ଦେହୁରି ନିହାଣ ବାରିସି ଆଦି ରଜ ଦୋଳିରେ ରଖି ଏହାକୁ ଅଢେଇବେଣ୍ଟ ଝୁଲାଇଥାଏ । ପ୍ରଥମେ ନୀହାର ବାରିସିକୁ ଝୁଲାଇବା ଦ୍ୱାରା ସ୍ୱର୍ଗର ଶିଳ୍ପ ବିଶ୍ୱକର୍ମାଙ୍କ ପ୍ରତି ସମ୍ମାନ ଜଣାଏ । ପରେ ଆଦିବାସୀ ମାନେ ଲୋକ ଗୀତରେ ଦୋଳି ଖେଳରେ ମଜ୍ଜିଯାଆନ୍ତି। ଶବର- ଶବରଣୀ ନାଚ ନୃତ୍ୟରେ ଶବର ତା'ର ଆରାଧ ଦେବତା ଶ୍ରୀ ଜଗନ୍ନାଥଙ୍କ ପ୍ରତି ସମ୍ମାନ ଜଣାଏ । ଆଦିବାସୀମାନଙ୍କ ଗଭୀର ବିଶ୍ୱାସଯେ ମା ' ସୀତା ଏହି ଦିନ ଗର୍ଭବତୀ ହୋଇଥିଲେ । ତେଣୁ ସେମାନେ ଶବର ନୃତ୍ୟ ମାଧ୍ୟମରେ ଆର୍ଯ୍ୟଦେବତା ଓ ଆର୍ଯ୍ୟ ସଂସ୍କୃତିକୁ ସମ୍ମାନ ଜଣାଇଥାନ୍ତି । ଶବରୁଣୀ ଶବରକୁ କୃଷି କର୍ମରେ ତତ୍ପର ହେବାକୁ ପରବାର୍ତ୍ତାଏ । ଶେଷରେ ଆଶ୍ରୁଳ ଆଖିରେ ସମସ୍ତେ ରଜକୁ ବିଦାୟ ଦେଇଥାନ୍ତି ।

ରଜପର୍ବ କେବଳ ଓଡ଼ିଶାରେ ନୁହେଁ ଆସାମରେ ଅମ୍ବୁବାଚି ବା କାମାକ୍ଷାଦେବୀଙ୍କ ରଜପର୍ବ ନାମରେ ପାଳନ ହେଉଥିବା ଜଣାଯାଏ। ମିଥୁନ ସଂକ୍ରାନ୍ତି ଅବସରରେ ୫୨ ଶକ୍ତିପିଠ ମଧ୍ୟରୁ ଗୌହାଟିରେ ଥିବା ପ୍ରମୁଖ କାମାକ୍ଷା ଦେବୀଙ୍କ ପୀଠ ଲୋକାରଣ୍ୟ ହୁଏ ବିଶ୍ୱାସ କରାଯାଏ ଦେବୀ କାମାକ୍ଷା ଏହି ସମୟରେ ରାଜବତୀ ହୁଅନ୍ତି । ଦେବୀଙ୍କ ମହାସ୍ନାନ ପରେ ୪ର୍ଥ ଦିନ ଭକ୍ତମାନେ ମନ୍ଦିର ଭିତରେ ପ୍ରବେଶ କରିଥାନ୍ତି । ଦେଶ ବିଦେଶରୁ ଅନେକ ତାନ୍ତ୍ରିକ, ସାଧୁ ସନ୍ୟାସୀ ଦେବୀଙ୍କ ଆଶୀର୍ବାଦ ପାଇବା ପାଇଁ ଏଠାକୁ ଆସନ୍ତି । ଓଡିଶାର ରଜପର୍ବ ପରି ରାଜସ୍ଥାନରେ ମଧ୍ୟ ପାଳନ ହୁଏ 'ଡାଜପତ୍ର '। ସେଠାରେ କୁମାରୀମାନେ ନୂତନ ବସ୍ତ୍ର ପରିଧାନ କରି ଦୋଳି ଖେଳନ୍ତି । ରଜପର୍ବ ଭଳି କେରଳରେ ପାଳିତ ହେଉଥିବା ପର୍ବର ନାଁ 'ଓନାମ ' । ଓଡିଶା ଭଳି ସେଠାରେ ଦୋଳିଥାଏ , ପିଠାପଣା ହୁଏ, ଆଉ ନାଚଗୀତରେ ପୁଅଝିଅମାନେ ନାଚି ଆନନ୍ଦ ଉଲ୍ଲାସ କରନ୍ତି । ସାଧାରଣ ଦୃଷ୍ଟିରେ ରଜପର୍ବ ପ୍ରତିବର୍ଷ ଜୁନ ମାସରେ ହିଁ ପଡିଥାଏ । ଚନ୍ଦ୍ରଙ୍କ ନାଁ ଅନୁସାରେ ଏହି ମାସରେ ନାମକାରଣ କରାଯାଇଛି । ରୋମରେ ଲୋକେ ଜୁନୋଙ୍କୁ ମାତୃତ୍ୱରେ ଦେବୀ ଭାବେ ପୂଜା କରୁଥିବା ବେଳେ ତାଙ୍କରି ନାଁରେ ନାମକରଣ ହୋଇଥିବା ଜୁନ ମାସରେ ରଜପର୍ବର ସଂଯୋଗ ଅପୂର୍ବ ସାମଞ୍ଜସ୍ୟ ରଖିଥାଏ ।

ବିଶେଷ କରି ରଜପର୍ବ ଗ୍ରାମାଞ୍ଚଳର ଝିଅ ଭୁଆସୁଣୀମାନଙ୍କ ପର୍ବ ହୋଇଥିବା ଦୃଷ୍ଟିରୁ ସେମାନଙ୍କ ମଧ୍ୟରେ ସୁସମ୍ପର୍କ ଗଢ଼ିଉଠେ । ପରସ୍ପରର ତନ, ମନ, ଭାବର ଆଦାନ ପ୍ରଦାନ ସହ ନାଚଗୀତର ଅପୂର୍ବ ସମନ୍ୱୟରେ ଗଢ଼ିଉଠେ ନାରୀମାନଙ୍କ ଗୋଷ୍ଠୀମୟ ସାମାଜିକ ସମ୍ପର୍କ । ରକ୍ଷଣଶୀଳତା, କୁସଂସ୍କାର, ଅନ୍ଧବିଶ୍ୱାସ ଓ ମିଥ୍ୟାଚାର, ଅଶିକ୍ଷା, ଅଜ୍ଞତା ଓ ସ୍ୱାର୍ଥପରତାକୁ ଦୂରେଇ ସମସ୍ତେ ଏକାକାର ହୋଇ ଉଠନ୍ତି । ଏକାଠି ସୁସ୍ୱାଦୁ ଯୁକ୍ତ ରନ୍ଧା ଖାଦ୍ୟ ଖାଇବା ପାଇଁ ମେଳ ହୋଇ ଭୋଜିର ବ୍ୟବସ୍ଥା କରନ୍ତି । ସାଧାରଣତଃ ଝିଅମାନେ ଖାଲି ପାଦରେ ଚାଲିବାକୁ ବାରଣ କରାଯାଇଥିବା ବେଳେ କଦଳୀ ପଟୁଆ ପିନ୍ଧି ଚାଲିଥାନ୍ତି । ସବୁରି ଘରେ ନାନା ପ୍ରକାର ପିଠା, ପୋଡ ପିଠା, ଏଣ୍ଡୁରି ପିଠା, ମିଠାନ୍ନ ପ୍ରସ୍ତୁତି ହୁଏ । ବିଶେଷତଃ ପୋଡପିଠା ଓ ପାନ ଖାଇବା ସହ ଝିଅ ମାନେ ଦୋଳି ଖେଳିଥାନ୍ତି । ବିଭିନ୍ନ ପ୍ରକାରର ଯେପରିକି 'ରାମ ଦୋଳି', 'ଚର୍କି ଦୋଳି', 'ପଟା ଦୋଳି', 'ଦାଣ୍ଡି ଦୋଳି ' ଖେଳି ପ୍ରଚଳିତ ଲୋକ ଗୀତ ଗାଇଥାନ୍ତି- 'ବନେସ୍ତ ଡାକିଲା ଗଜ / ବରଷକେ ଥରେ ଆସିଛି ରଜ/ ଆସିଛି ରଜଲୋ/ ଘେନି ନୂଆ ସଜବାଜ, ବଉଳେଲା ଘେନି ନୂଆ ସଜବାଜ । ' ଏଥିରେ ଲୁଚି ରହିଥାଏ ଓଡ଼ିଆ ସଂସ୍କୃତିର ପ୍ରେମ, ସ୍ନେହ, ସମ୍ମାନ, ସାମାଜିକ ଆଚରଣ ଓ ସାମାଜିକ ଜୀବନର ସବୁକିଛି । ପୁଅମାନେ ଏହି ଦିନରେ କବାଡି,ବାଗୁଡି ଖେଳ ଖେଳି ରଜ ପାଳନ କରିଥାନ୍ତି । ଏପରିକି ବିଭିନ୍ନ ସ୍ଥାନରେ ଅଦ୍ୟାବଧି ମିଳିତ ଉଦ୍ୟମରେ ବଡ଼ ଧରଣର ଯାତ୍ରା ଓ ମନୋରଞ୍ଜନର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।

ବାସ୍ତବରେ ଦୈନନ୍ଦିନ ସଂସାର ଭିତରେ ସୁଖ ଦୁଃଖର ଜଞ୍ଜାଳରେ ଆବଦ୍ଧ ହୋଇ ପଞ୍ଜୁରି ମଧ୍ୟରେ ଶାରୀ ପରି ଜୀବନ ଅତିବାହିତ କରି ଥିବା ଉଭୟ ନାରୀ ପୁରୁଷ ଏହି ରଜ ତିନି ଦିନ ମୁକ୍ତ ଆକାଶ ମୁକ୍ତ ପବନ ସାଙ୍ଗକୁ ଗୋଷ୍ଠୀମୟ ସାମୂହିକତା ଓ ସରସତା ପୂର୍ଣ୍ଣ ଜୀବନ ବିତାଇବାକୁ ତତ୍ପର ହୋଇଉଠିଥାନ୍ତି ତାହା ଅବର୍ଣ୍ଣନୀୟ । ଏହି ଦୃଷ୍ଟିରୁ ଉତ୍କଳୀୟ ସଂସ୍କୃତିରେ ଏହି ରଜ ମହୋତ୍ସବ ଜାତି ହୀନ, ବର୍ଣ୍ଣ ହୀନ, ଧର୍ମ ହୀନ ଏକ ସମାନତାର ଗଣପର୍ବ କହିଲେ ଅତ୍ୟୁକ୍ତି ହେବନାହିଁ ।

+ ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ ,କଟକ -୪
ମୋ : ୯୦୪୦ ୧୫୧୪ ୭୫

## ରଜ ପରବ

### କୀର୍ତ୍ତନ ସାହୁ



ଆସି ଅଛି ରଜ ପରବ
ଇଏ ପରା ଆମ ଗରବ
ହସରେ ଖୁସିରେ
ଦୋଳି ଖେଳିବାରେ
ମିଳିମିଶି ଆମେ ସରବ ।

ଖୁସିର ପରବ ଇଏରେ
ଆପଣାର ଭାବ ଦିଏରେ
ସାଙ୍ଗ ସାଥୀ ମେଳେ
ମିଶି ଗଲା ବେଳେ
ଦୁଃଖ ଶୋକ କାଢି ନିଏରେ ।

ନୂଆ ପୋଷାକକୁ ନାଇବା
କେତେ ପିଠା ପଣା ଖାଇବା
ଦୋଳିରେ ଝୁଲିବା
ବିଭେଦ ଭୁଲିବା
ରଜ ଦୋଳି ଗୀତ ଗାଇବା ।

ରଜ ପାନ ବଡ ମଜାରେ
ତେଲିଙ୍ଗି ବାଇଦ ବଜାରେ
ଗାଇବା ନାଚିବା
ବୁଲିବା ଝୁଲିବା
ଆସି ଅଛି ଖେଳ ରଜାରେ ।

ମିଶ୍ର କଲୋନୀ
ଶାଳ ପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

## ଆମ ରଜ ପର୍ବ

### ରମେଶ ଚନ୍ଦ୍ର ନାୟକ



ଟିକି ଗାଆଁ ମୋର ଦେଇଛି ଖବର
ଆସୁଅଛି ପରା ରଜ
ବରଷକେ ଥରେ ପାଳିବା ଆମେରେ
ହୋଇ କେତେ ସଜବାଜ ।
ସାରା ଜଗତରେ ନାହିଁ କେଉଁଠାରେ
ଓଡିଆଙ୍କ ପ୍ରିୟ ପର୍ବ
ଜଗନ୍ନାଥ ଧାମ କରୁଛି ପ୍ରଣାମ
ସଭିଏଁ କରନ୍ତି ଗର୍ବ ।
ଜ୍ୟେଷ୍ଠ ତାତି ନାହିଁ ଆଷାଢ଼ କାନ୍ଦଇ
ଧରଣୀ ମାଆର କୋଳେ
ଚାଷୀ ଭାଇ ଯାକ ସାଜନ୍ତ ପୂଜକ
ନନେଇ ଲଙ୍ଗଳ ବିଲେ ।
କେତେ ଛୋଟ ପିଲା କରନ୍ତି ଝାମେଲା
ଭାଇ ଭଉଣୀଙ୍କ ସାଥେ
ହୋଇଥାନ୍ତି ମେଳି ଖେଳିବାକୁ ଦୋଳି
ଉଛୁରେ ଅଧଯର୍ଯ୍ୟେ କାନ୍ଦେ ।
ମଣ୍ଡା ପୋଡପିଠା ରଜ ପାନ ମିଠା
ପାଚିଲା ଆମ୍ବ ପଣସ
ସାଇ ପଡ଼ିଶାରେ ବଣ୍ଟାତ ହୁଏ ରେ
ମୁହଁରେ ଫୁଟାଇ ହସ ।
ମଟନ ଚିକେନ ଅବା ମାଛ ତୁଣ
ବାସନା ଛୁଟଇ କେତେ
ରଜ ମଉଜରେ ରନ୍ଧା ଘରେ ଘରେ
ଗରିବ ଦେଖିକି କାନ୍ଦେ ।
ସହର ବଜାର ଜନତାରେ ପୂର୍ଣ୍ଣ
କିଣା ବିକା ଛାଡେ ରଡ଼ି
ବନ୍ଧୁ ବାନ୍ଧବଙ୍କ ଭିଡ଼ ଜମିଯାଏ
ଘର ଖର୍ଚ୍ଚ ଯାଏ ବଢି ।
ବରଷକେ ଥରେ ଏ ରଜ ଆସେରେ
ଆନନ୍ଦେ ଉଛୁରେ ମନ
ଦୁଃଖ ଲାଗିଥାଏ ସେହି ଜନତାଙ୍କୁ
ଯା' ହାତେ ନଥାଏ ଧନ ।

ଦରଭା, ମଙ୍ଗଳପୁର, ଯାଜପୁର
ମୋ: ୭୯୭୮୧୫୧୭୧୦

## ଗାଁରେ ରଜ

### ପ୍ରଦୀପ୍ତ କୁମାର ମିଶ୍ର

ରଜଟା ଆଉ ସେମିତି ନାହିଁ
ଟିକେ ବୋଧେ ଆଧୁନିକ
ପ୍ରବଳ ଗରମ କଂକ୍ରିଟ ବଣ
ମରିଗଲାଣି ପୂର୍ବ ସଉକ।

ସମ୍ପର୍କ ସବୁ ଥାଇକି ନାହିଁ
ନଷ୍ଟକଲାହୀନ ରାଜନୀତି
ଖାଁଖାଁ ଲାଗେ ପ୍ରାୟସବୁଘର
ବଢ଼ିକି ଯାହା ଦାଦନ ପ୍ରିତି।

ବାଗୁଡି କବାଡି ସରି ଯାଇଛି
ତାସ ଖେଳହୁଏ କାଁ ଭାଁ
ମୌସୁମୀ ନାହିଁ ମେଘବାକାହିଁ
ଚାଷୀପୁଅ ବୁଲେ ବାଁବାଁ।

ଡାଳନାହିଁ ଦୋଳି ଲାଗୁନିଆଉ
ଦୋଳିଗୀତ ଶୁଭିବ କାହିଁ
ଭିନ୍ନଭିନ୍ନ ପିଠା ମିଠାଗଡ଼ା ନାହିଁ
ବଜାର ଭାଉକୁଯେ ଚାହିଁ।

ଭୁଆସୁଣି କଥା ଅତୀତ ହେଲାଣି
ନାହିଁ ପଡ଼ୋଶୀ ବନ୍ଧୁ ପ୍ରିତି
ଭାର ବେଭାର କଥାରେ ରହିଛି
ହଜିଗଲାଣି ସବୁ ରୀତିନୀତି।

ଯାଜପୁର

## ରଜ ଆସିଛି

### ରମାକାନ୍ତ ଦାସ



ରଜ ଆସିଛି
ଆକାଶ ନଇରେ ବାଦଲ ଭାସୁଛି
ବାଦଲ ଅଙ୍ଗରୁ ବର୍ଷା ଝରୁଛି
ସବୁଜ ସୁନ୍ଦର ଧରଣୀ ଦିଶୁଛି
ଧରଣୀ ରାଣୀ ଫଳବତି ହୋଇଛି
ପହିଲି ଆଷାଢ଼ ତାକୁ ଛୁଇଁଛି ।।

ରଜ ଆସିଛି
ଗଛରେ ଆମ୍ବ ପଣସ ପାଚିଛି
ଜୁଇ ଯାଇ ହେନା ଫୁଟି ହସୁଛି
ଆକାଶେ ମେଘ ମହ୍ଲାର ହସୁଛି
ନବବଧୂ ସାଜି ବର୍ଷାରାଣୀ ଆସିଛି
ମାଟି ମାଆ ରଜସ୍ୱଳା ହୋଇଛି ।

ରଜ ଆସିଛି
ପୁରରୁ ପଲ୍ଲୀ ସବୁ ହସୁଛି
ଚଷାବଧୂ ପୋଡ଼ପିଠା କରୁଛି
ପୋଡ଼ପିଠା ବାସେ ଗାଁ ମହକୁଅଛି
ଚାରିଆଡେ ରଜ ଗୀତ ଶୁଭୁଛି
ଚଷାଭାଇ ରଜ ପାନ ଖାଉଛି
ମହାଆନନ୍ଦରେ ବିଶ୍ରାମ ନେଉଛି ।

ରଜ ଆସିଛି
ଚଷାଝିଅ ନୂଆ ଶାଢ଼ୀ ପିନ୍ଧିଛି
ଟିପି ଚନ୍ଦନେ କପାଳ ସଜାଉଅଛି
କଅଁଳ ପାଦେ ଅଳତା ପିନ୍ଧିଛି
କଦଳୀ ପାଟୁକା ପାଦେ ବାନ୍ଧିଛି
ଗଭାରେ ଗଜରା ହାତେ ଚୁଡ଼ି ପିନ୍ଧିଛି
ଖୁସିରେ ଗୀତଗାଇ ଦୋଳିରେ ଝୁଲୁଛି
ରଜଗୀତ ଗାଇ ମଉଜ କରୁଛି ।

ରଜ ଆସିଛି
ଉତ୍ସବ ମୁଖର ଗାଁ ହୋଇଛି
ଗାଁ ଦାଣ୍ଡ ଖୁସିରେ ହସୁଛି
ଚଷାପୁଅ ବାଗୁଡ଼ି ଖେଳୁଛି
ପଲ୍ଲୀର ପ୍ରକୃତି ସୁନ୍ଦର ଦିଶୁଛି
ହସଖୁସି ନେଇ ରଜ ଆସିଛି ।

ନନ୍ଦିଗ୍ରାମ , ନାଉଗାଁ, ଜଗତସିଂହପୁର
ମୋ - ୯୬୬୮୮୧୫୩୬୯

## ଦେଖରେ ଆସିଛି ରଜ

### ସିଦ୍ଧେଶ୍ୱର ତ୍ରିପାଠୀ

ବରଷା ରାଣୀର ଖବରକୁ ନେଇ
ଦେଖରେ ଆସିଛି ରଜ
ଘରେଘରେ ଦେଖ କେତେ ପିଠାପଣା
ନୂଆଜାମା ସଜବାଜ ।

ଆମ୍ବତୋଟା ଦୋଳି କବାଡି ବାଗୁଡି
ଚାଲିଛି ତାଆସ ଲୁଡୁ
ଚାଷୀ ଚାଷ କାମ ଆରମ୍ଭ କରିବ
ମାଟି ହେବ ଜୁଡୁବୁଡୁ ।

ସଜ ହୋଇ ଦାଣ୍ଡେ ଯାଉଛି କୁଆଁରୀ
କୁଆଁରୀ ଆଖିରେ ଲାଜ
ବରଷା ରାଣୀର ଖବରକୁ ନେଇ
ଦେଖରେ ଆସିଛି ରଜ ।

ପହିଲି ସରିବ ସଙ୍କରାନ୍ତି ଯିବ
ସରିବ ଭୂମି ଦହନ
ସମୟ ସାଥିରେ ମଉଜ ବଢିବ
ହେବ ବସୁମତୀ ସ୍ନାନ ।

ଟିକିଏ ଖରାକୁ ଟିକିଏ ବରଷା
ପ୍ରଣାୟିନୀ କୁହେ ଭିଜ
ବରଷା ରାଣୀର ଖବରକୁ ନେଇ
ଦେଖରେ ଆସିଛି ରଜ ।

# ଓଡ଼ିଶାର ଗଣପର୍ବ ରଜ



### ମୀରା ବେଉରା



ଭାରତ ବର୍ଷର ପରମ୍ପରା ଅତି ପ୍ରାଚୀନ। ସେଥିମଧ୍ୟରୁ ଓଡ଼ିଶାର କଳା, ସଂସ୍କୃତି, କାରୁକାର୍ଯ୍ୟ, ପର୍ବପର୍ବାଣୀ ବିଶ୍ୱ ଦରବାରରେ ଚିରବନ୍ଦନୀୟ। ବାରମାସରେ ଏଠାରେ ତେର ପର୍ବ ପାଳିତ ହୁଏ। ଏହି ରଜପର୍ବ ହେଉଛି ଏକ କୃଷି ଭିତ୍ତିକ ପର୍ବ। ଜାତି, ଧର୍ମ, ବର୍ଣ୍ଣ ଓ ନିର୍ବିଶେଷରେ ଏହି ପର୍ବ ସମସ୍ତ ପୁରପଲ୍ଲୀରେ ମହା ଆଡ଼ମ୍ବରରେ ପାଳିତ ହୋଇଥାଏ। କର୍ମକ୍ଳାନ୍ତ ମଣିଷଟିଏ ଯେତେବେଳେ କାମ କରି କ୍ଳାନ୍ତି ଅନୁଭବ କରେ ଏହି ପର୍ବପର୍ବାଣୀ ତାକୁ ଖୁବ୍ ଆନନ୍ଦ ଦିଏ। ଆଜି କିନ୍ତୁ ମହାମାରୀ କରୋନା ପାଇଁ ସମସ୍ତେ ପ୍ରାୟ ଗୃହବନ୍ଦୀ। କିନ୍ତୁ ଗୃହବନ୍ଦୀ ହେଲେ ବି ଏହି ପର୍ବକୁ ଆମେ ଘରେ ରହି ଆନନ୍ଦରେ ପାଳିପାରିବୁ। କେଉଁ ଆଦିମ କାଳରୁ ମଣିଷ ଯେତେବେଳେ ଗ୍ରାମୀଣ ଗୋଷ୍ଠୀଜୀବନ ପାଳୁଥିଲା ସେବେଠାରୁ ଏହି ପର୍ବ ପାଳନ କରିଆସୁଛି। କେଉଁ ବୈଦିକ ଯୁଗରୁ ପୃଥିବୀକୁ ଆମେ ମାତାରୂପେ ପୂଜାଅର୍ଚ୍ଚନା କରି ଧରାକୁ ଶସ୍ୟଶ୍ୟାମଳା କରିବା ପାଇଁ ଆରାଧନା କରିଥାଉ। ଏହି ବିଧି ଇତିହାସରେ ମଧ୍ୟ ଦେଖାଯାଏ, ଏହା ମଧ୍ୟ ସମସ୍ତେ ବିଶ୍ୱାସ କରଂି ଯେ ଏହି ରଜପର୍ବରେ ୩ ଦିନ ଧରି ପ୍ରକୃତିରାଣୀ ରଜସ୍ୱଳା ହୁଏ। ଏହାପରେ ସେହି ପ୍ରକୃତିରାଣୀ ହୁଏ ସୃଜନଶୀଳା। ତେଣୁ କରି ଏହି ତିନିଦିନ ପୃଥିବୀ ମା'କୁ ଆମେ ବିଶ୍ରାମ ଦେଇଥାଉ। ପ୍ରଥମ ଦିନଟିକୁ ପହିଲି ରଜ ଦ୍ୱିତୀୟ ଦିନକୁ ରଜ ସଂକ୍ରାନ୍ତ ଏବଂ ତୃତୀୟ ଦିନକୁ ଭୂମିଦାହ ବୋଲି କୁହାଯାଏ।

ଆଜିର ମଣିଷ ଯେତେ ମଙ୍ଗଳ ଗ୍ରହକୁ ଯାନ ପଠାଇଲେ ମଧ୍ୟ ଏବଂ ଚନ୍ଦ୍ରପୃଷ୍ଠରେ ଘର କରିବାର ସ୍ୱପ୍ନ ଦେଖିଲେ ମଧ୍ୟ ପୃଥିବୀ ମା' ମାଟିକୁ ପୂଜା କରୁଛି। ମାଟିକୁ ଆଉ ପ୍ରକୃତିକୁ ଛାଡ଼ିଦେଲେ ତା'ର ସ୍ଥିତି ଅସମ୍ଭବ। ମୃତ୍ତିକା ଏବଂ ମୌସୁମୀ ଉପରେ ସେ ନିର୍ଭର ନକରି ରହିପାରୁନି। ପ୍ରଥମ ଦିନଟିକୁ ଆମେ ସଜବାଜ ରୂପେ ପାଳନ କରିଥାଉ। ନିଜର ଦୈନନ୍ଦୀନ କର୍ମଜାଲରୁ ଟିକିଏ ଅବସର ନେଇ ଗାଁଠୁ ସହର ଯାଏ ସମସ୍ତେ କି ବୁଢ଼ା କି କୈଶୋର କି କୁଆଁରୀ ଝିଅ ବାହୁଆ ବୋହୂ ସମସ୍ତେ କ୍ରୀଡ଼ା କୌତୁକ, ଆମୋଦ ପ୍ରମୋଦ ଆଳାପ ଆଲୋଚନା ମଧ୍ୟରେ ଏହି ଦିନ ତିନୋଟିକୁ ମୁହାଁଖୁସି ଆନନ୍ଦରେ ପାଳିଥାନ୍ତି। ନାଚ, ଗୀତ, ପଶା, ବାକୁଡି, ତାସ ଇତ୍ୟାଦି ଖେଳି ଖୁସି ହୁଅଁ। ପ୍ରତ୍ୟୁଷରୁ କୁଆଁରୀ ଝିଅ ବୋହୂ ଉଠି ସଜବାଜ ହୋଇ ପୋଡ଼ପିଠା ପ୍ରସ୍ତୁତ କରି ଖାଆନ୍ତି ଏବଂ ସାହି ପଡ଼ିଶା ସବୁଆଡ଼େ ବାଣ୍ଟି ଆନନ୍ଦ ପାଆନ୍ତି। କେବଳ ପୋଡ଼ପିଠା ନୁହେଁ ଆହୁରି ଅନେକ ପ୍ରକାର ପିଠାପଣା ଯେମିତିକି, କାକରା, ଏଣ୍ଡୁରୀ ଚକୁଳି, ଆରିସା, ମଣ୍ଡା, ଚିତ୍ତଉ ପିଠା ଇତ୍ୟାଦି ଘରେ ଘରେ ତିଆରି କରି ସମସ୍ତେ ଏକାଠି ହୋଇ ଖାଇ ଖୁସି ହୁଅଁ। କୁଆଁରୀ ଝିଅମାନଙ୍କ ପାଇଁ ସବୁଠୁ ବଡ଼ ଆକର୍ଷଣ ହେଉଛି ରଜଦୋଳି। ଏହି ରଜଦୋଳିର ଗୀତ ତୋଟାବଣରୁ ଭାସି ଆସୁଥାଏ।

'ବନସ୍ତେ ଡାକିଲା ରଜ
ବରସକେ ଥରେ ଆସିଛି ରଜ
ଆସିଛି ରଜଲୋ;
ଘେନି ନୂଆ ସଜବାଜ
ଦୋଳି ହେଲା କଟମଟ
ମୋ' ଭାଇ ମୁଣ୍ଡରେ ସୁନା ମୁକୁଟ,
ସୁନା ମୁକୁଟ ଲୋ ଦିଶୁଥାଇ ଝରମଟ।'

ଏହିଭଳି ପଲ୍ଲୀଗୀତ ସବୁ ଆମ୍ବତୋଟାରୁ ଭାସିଆସି ପୁରପଲ୍ଲୀକୁ ଆହୁରି ଉତ୍ସବମୁଖର କରିଦିଏ। ସତରେ ପର୍ବ ନ ଥିଲେ ଆମ ପାରିବାରିକ ତଥା ଗୋଷ୍ଠୀଜୀବନ ଏତେ ଆନନ୍ଦ ଉଲ୍ଲାସମୟ ହୋଇନଥାନ୍ତା। କୁଆଁରୀକନ୍ୟାଙ୍କ କଣ୍ଠରୁ ସୁଲଳିତ ସଙ୍ଗୀତର ମୂର୍ଚ୍ଛନା ସତରେ ଆମ ଗ୍ରାମୀଣ ଜୀବନକୁ ଆହୁରି ମଧୁମୟ କରିଦିଏ।

ଖାଲି ସେତିକି ନୁହେଁ, ଏହି ରଜପର୍ବରେ ପ୍ରତ୍ୟୁଷରୁ ସ୍ତ୍ରୀ ଓ କୁଆଁରୀ ଝିଅମାନେ ପୋଖରୀ ତୁଠରେ ସ୍ନାନାଦି ନିତ୍ୟକର୍ମ ସାରି ବିଭିନ୍ନ ପ୍ରକାର ବେଶଭୂଷାରେ ନିଜକୁ ମଣ୍ଡିତ କରି ନୂତନ ବସ୍ତ୍ର ପରିଧାନ କରି ମୁଣ୍ଡରେ ଟିପିଟିପି ଚନ୍ଦନ ଟୋପା, ପାଦରେ ଅଳତା, ମଥାରେ କୁଙ୍କୁମ କେଶରେ ନାଲି ରିବନ ଫିତା, ଗଜରା ଫୁଲ ମାଳ, ଶରୀରରେ ଅତର, ଆଖିରେ କଜ୍ଜଳ ଆଦିରେ ସୁସଜ୍ଜିତ ହୋଇ ଖୁସିରେ ପାଳିଥାଂି। ରଜପାନ ମଧ୍ୟ ରଜପର୍ବର ଆଉ ଏକ ବୈଶିଷ୍ଟ। ସୁସ୍ୱାଦୁ ପୋଠପିଠା ସହ ମିଠାମସଲା ଦିଆ ପାନ ଖାଇ ବହୁତ ଖୁସି ହୋଇଥାନ୍ତି। ଅବାଳ ବୃଦ୍ଧବନିତା ଖାଲି ପାନ କି ପୋଡ଼ ପିଠା ନୁହେଁ। ଏହା ସହ ବିଭିନ୍ନ ପ୍ରକାରର ପାଚିଲା ଫଳ ଯେମିତିକି ପାଚିଲା ଆମ୍ବ, ପଣସ, ସପୁରୀ, ସେପଟା, ଜାମୁରୋଳ, ପିଜୁଳି, କେନ୍ଦୁ, ତାଳ, ଲିଚୁ, ଜାମୁ ଆଦି ଫଳ ଖାଇ ସମସ୍ତେ ଆନନ୍ଦ ମୁଖର ହୋଇଥାନ୍ତି। ତୃତୀୟ ରଜଦିନ କୁଆଁରୀ ଝିଅମାନେ ଆଉ ଭୂମିରେ ଚାଲନ୍ତି ନାହିଁ ତେଣୁ ସେମାନେ ଗୁଆଗଛର ବଲ୍କଳକୁ ପାଦୁକା ସଦୃଶ ଏବଂ କଦଳୀ ଗଛର ବାହୁଙ୍ଗାରୁ ପ୍ରସ୍ତୁତ ପାଦୁକାକୁ ବ୍ୟବହାର କରିଥାନ୍ତି। ତୃତୀୟ ଦିବସକୁ 'ଭୂମିଦାହ' ନାମରେ କଥିତ ହେଉଥିବାରୁ ସେଦିନ ଭୂମିକୁ ଆଘାତ ନ ଦେଇ ବିଶ୍ରାମ ଦିଆଯାଏ। ରଜର ଶେଷଦିନ ଅର୍ଥାତ୍ ଚତୁର୍ଥଦିନ ପ୍ରତ୍ୟୁଷରେ ପ୍ରତ୍ୟେକ ବୋହୂ ତାଙ୍କ ଅଗଣାରେ କାଠ ଉପରେ କୃଷି ଉପକରଣ ଯେମିତିକି ଦାଆ, ଲଙ୍ଗଳ, ଲୁହା, ଶିଳପୁଆ, କଳସ ଆଦି ସ୍ଥାପନ କରି ଭୂମିକୁ ହଳଦୀ ପାଣିରେ ସ୍ନାନ କରାଇ ସିନ୍ଦୂର ଚନ୍ଦନ ଫୁଲ ଦେଇ ପୂଜା କରନ୍ତି। ଏହାକୁ ବସୁମତୀ ସ୍ନାନ କୁହାଯାଏ। ଏହାପରେ ସମସ୍ତ ଆଳସ୍ୟ, ଉପଭୋଗ, ଆମୋଦ ପ୍ରମୋଦକୁ ପରିତ୍ୟାଗ କରି ଚଷାଭାଇ କ୍ଷେତକୁ ଯାଏ ସାଙ୍ଗରେ ଧରି ନୂତନ କର୍ମପ୍ରେରଣା। ଏହାପରେ ମାଟି ମା'କୁ ଓଦା କରି ଆକାଶରୁ ଝରିପଡ଼େ ପହିଲି ବର୍ଷା। ପହିଲି ବର୍ଷାରେ ମାଟି ମା'ର ସୁଗନ୍ଧିତ ବାସ୍ନାରେ ପୁରପଲ୍ଲୀ ମହକି ଯାଏ। କିଆ ବୁଦାମୂଳେ ବେଙ୍ଗ ବେଙ୍ଗୁଲି ରାବ ଦିଅନ୍ତି। ପୋଖରୀ, ନାଳ, କୂଅ, ଗଡ଼ିଆ ସବୁଠି ଭରିଯାଏ ପହିଲି ଆଷାଢ଼ର ବର୍ଷା।

ଏହି ପର୍ବ ସବୁ ପୁରପଲ୍ଲୀର ଲୋକମାନଙ୍କ ଭିତରେ ଶାନ୍ତି, ମୈତ୍ରୀ, ବନ୍ଧୁତ୍ୱ, ସୌହାର୍ଦ୍ଦ୍ୟ ଭରି ଦେଇ ଏକତାର ବନ୍ଧନରେ ବାନ୍ଧିଦିଏ। ଆଧୁନିକତା ପାଶ୍ଚାତ୍ୟକରଣ ଏବଂ ଜଗତକରଣ ଆଳରେ ଆଜି ଆମମାନଙ୍କ ଜୀବନ ଶୈଳୀରେ ଘୋର ପରିବର୍ତ୍ତନ ଦେଖାଯାଇଛି। ସତକଥା ହେଉଛି ଆଜିର ମଣିଷ ଆଉ ମାଟି ମା'କୁ କି ପ୍ରକୃତିକୁ ପୂଜା କରୁନି ତେଣୁ ଅନେକ ଭୟଙ୍କର ବ୍ୟାଧିର ଶିକାର ହେଉଛି। ପ୍ରକୃତି ଏବଂ ମଣିଷ ପରସ୍ପର ଅଙ୍ଗାଙ୍ଗୀଭାବେ ଜଡ଼ିତ। ମଣିଷ ଯଦି ପ୍ରକୃତିଠାରୁ ନିଜକୁ ଦୂରେଇ ନେବ ତେବେ ସେ ନଷ୍ଟ ହୋଇଯିବ ଏହା ସତ୍ୟ। ଆଜିର ଆଧୁନିକ ମଣିଷ ଆଜି ପ୍ରକୃତିକୁ ନଷ୍ଟ କରି ସୃଷ୍ଟି କରି ଚାଲିଛି କଂକ୍ରିଟ୍ ଜଙ୍ଗଲ। ଫଳରେ ଆପଣା ହସ୍ତେ ଜିହ୍ୱାଛେଦି ତା'ର କେ ଅଛି ପ୍ରତିବାଦୀ ଭଳି ପରିସ୍ଥିତି ଆଜି ସୃଷ୍ଟି ହୋଇଛି। ଆଧୁନିକ ସ୍ୱେଚ୍ଛାଚାରୀ ମଣିଷ ଏବେ ଚନ୍ଦ୍ରରେ ଘର କରିବାର ସ୍ୱପ୍ନ ଦେଖିଲାଣି ଆଉ ମାଟି ମା'କୁ ପୂଜା କରିବାକୁ ସେ ଅନ୍ଧବିଶ୍ୱାସ ଏବଂ କୁସଂସ୍କାର ବୋଲି କହିବାକୁ ମଧ୍ୟ ପଛାଉନାହିଁ। କିନ୍ତୁ ଆଜିର ଏହି ଅତ୍ୟାଧୁନିକ ମଣିଷ ଯଦି ମୃତ୍ତିକା ଓ ମୌସୁମୀର ଆଦର ନ କରେ ପ୍ରକୃତିଠାରୁ ଦୂରେଇ ଯାଇ ନିଜର ସ୍ଥିତି କଥା ଭାବୁଥାଏ ତେବେ ଏହି ମାନବ ସଭ୍ୟତାର ଧ୍ୱଂସ ଠିକ୍ ପୃଥିବୀରେ ଡାଇନୋସର ପ୍ରାଣୀଭଳି ହେବ। ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ତେଣୁ ହେ ଦିବ୍ୟ ମାନବ ବେଳ ଥାଉ ଥାଉ ସୁଧୁରି ଯିବା ନିଜ ପାଇଁ ଏବଂ ସମଗ୍ର ବିଶ୍ୱ ପାଇଁ ମଙ୍ଗଳମୟ। ଏ ମଣିଷ ଜାତି ପ୍ରକୃତି ମା'କୁ ଓ ମାଟିକୁ ଭଲ ପାଉ ଏହା ହିଁ ଆଜି ରଜପର୍ବରେ ପ୍ରକୃତି ମା'ର ତା'ର ସନ୍ତାନମାନଙ୍କୁ ଆହ୍ୱାନ।

ରଘୁନାଥଜୀଉ ମହାବିଦ୍ୟାଳୟ,
ଦେଉଳ ସାହି,
ତୁଳସୀପୁର, କଟକ
ମୋ:୯୮୫୩୩୫୦୩୮୪

# ରଜ ମଉଜ : ଆନନ୍ଦ-ଆହ୍ଲାଦ ଓ ଦୋଳିର ପର୍ବ



### ଯଶସ୍ୱିନୀ ପଟ୍ଟନାୟକ



ରଜ ପର୍ବ କେବଳ ଓଡ଼ିଶାରେ ପାଳିତ ହେଉଥିବାରୁ ଏହାକୁ ଓଡ଼ିଶାର ନିଜପର୍ବ ଓଡ଼ିଆ ପର୍ବ । ପ୍ରତିବର୍ଷ ଆଷାଢ଼ ମାସରେ ପଡୁଥିବା ସଂକ୍ରାନ୍ତିକୁ ରଜ ସଂକ୍ରାନ୍ତି କୁହାଯାଏ । ସଂକ୍ରାନ୍ତିର ପୂର୍ବ ଦିନକୁ ପହିଲି ରଜ ଓ ପର ଦିନକୁ ଭୂମି ଦହନ କୁହାଯାଏ । ଭୂମି ଦହନରେ ଚାଷବାସ ବା ମାଟି ହାଣିବା କାର୍ଯ୍ୟ କରାଯାଏ ନାହିଁ । ଚତୁର୍ଥ ଦିନ ବସୁମତୀ ସ୍ନାନ ସହ ରଜ ପର୍ବ ପାଳନ ଶେଷ ହୁଏ । ରଜ କୃଷି ସହ ସଂପର୍କିତ ପର୍ବ । ଏହି ମାସରେ ମାଟି ସହ ମେଘର ମିଳନ ହୁଏ । ତା ପରେ ଆସିଥାଏ ଚାଷ ଋତୁ । କାମ ଆରମ୍ଭ ପୂର୍ବରୁ ବିଶ୍ରାମ ନେବା ପାଇଁ ଏବଂ ଦେବା ପାଇଁ ସମ୍ଭବତଃ ଏହି ପର୍ବର ସୃଷ୍ଟି । ଆଷାଢ଼ ମାସରେ ବର୍ଷାପାଣି ପଡ଼ିଲେ ଭୂଇଁ ଉତ୍ପାଦନକ୍ଷମ ହୁଏ । କୁଆଁରୀ କନ୍ୟାମାନଙ୍କ ଠାରୁ ଆରମ୍ଭ କରି ସମସ୍ତ ଝିଅ, ଯୁବତୀ ଓ ମହିଳା ରଜ ତିନି ଦିନ ଗୃହ କାର୍ଯ୍ୟ ନ କରିବା ହେଉଛି ଖାଣ୍ଟି ଓଡ଼ିଆ ପରମ୍ପରା ।

ସରଳ ପଲ୍ଲୀବାଳା ଓଠରେ ଉକୁଟି ଉଠିଛି ପାନଖିଆ ଖିଲି ଖିଲି ହସ । ଅଳତା-ହଳଦୀମଖା ବୋହୂଟି ଗହଣାରେ ସଜବାଜ ହୋଇ ଦୋଳିରେ ଝୁଲିବା ଆରମ୍ଭ ହୋଇଯାଇଛି । କୁଙ୍କୁମ, ଚନ୍ଦନ ବେଶରେ କୁଆଁରୀ ଏ ଡାଳ ଦୋହଲାଇ ଦୋଳି ବାହି ଗୀତ ଆରମ୍ଭ କରି ଦେଇଛନ୍ତି - 'ବନସ୍ତେ ଡାକିଲା ଗଜ / ବରଷକେ ଥରେ ଆସିଛି ରଜ ଲୋ / ଘେନି ନୂଆ ସଜବାଜ ।' ଆରମ୍ଭ ହୋଇଯାଇଛି ରୂପସଜ୍ଜା, ଆନନ୍ଦ-ଆହ୍ଲାଦ ଓ ଦୋଳିର ପର୍ବ । ଜରାଗ୍ରସ୍ତ ଧରିତ୍ରୀର ତନିମାରେ ରଜ ଜଗାଇବ ପୂର୍ଣ୍ଣ ଯୌବନର ଦୀପ୍ତି । ମାଟି, ମୌସୁମୀ ଓ ମଣିଷର ମିଳନ ପର୍ବରେ ଶସ୍ୟଗର୍ଭା ପୃଥିବୀର ମାତୃତ୍ୱର ସଫଳତା କାମନା କରି ସୃଷ୍ଟିର ଜୟଗୀତି ଗାନ କରିବ କୃଷକ । ଶରୀର ପାଇଁ ବିଶ୍ରାମ, ମନ ପାଇଁ ଆନନ୍ଦ ଏବଂ ପୃଥିବୀ ଶସ୍ୟଶାମଳା ହେବା ପାଇଁ ପ୍ରାର୍ଥନା କରିବ ମଣିଷ ।

ରଜ ଆସିଛି ଆଜି ଗାଁ ଆଉ ସହରରେ । ଦୋଳିରେ ଦୋଳିରେ ରଜଗୀତର ସୁଅ ଛୁଟିଆସୁଛି । ପୋଡପିଠା, ବାଗୁଡ଼ିଖେଳ, ତାସ୍, ପୁଚିଖେଳ ଆଉ ରଙ୍ଗ ବେରଙ୍ଗର ପୋଷାକରେ ସଜେଇ ହୋଇ ରଜ ପାଳିବାରେ ମଜି ଯାଇଛନ୍ତି ସମସ୍ତେ । ଉନ୍ମନା କୁଆଁରୀ ଝିଅର ପାଦରେ ଅଳତା, ମଥାରେ ବିନ୍ଦି, ଶାଢ଼ୀ ଆଉ ସଜବାଜରେ ସେ ବି ରଜର ଖୁସି ମନଉଛି । ଋତୁମତୀ ଧରାର ସଙ୍କେତ ବହନ କରି କୁଆଁରୀ ପାଦ ଆଉ ମାଟି ଛୁଇଁନି । ସବୁ ପର୍ବଠୁ ନିଆରା ରଜ । ଖାସ୍ ଏଇଥିପାଇଁ ଯେ ଏହା ଖାସ୍ ଓଡ଼ିଶାର ନିଜସ୍ୱ ଆଉ ମାଟି ମାଆର ପୂଜାରେ ଏହାର ପରମ୍ପରା କାହିଁ କେଉଁ କାଳର ।

କୁହାଯାଏ, ପୃଥିବୀର ପ୍ରଥମ ଧାନଚାଷ ଓଡ଼ିଶାରେ ହୋଇଥିଲା । ଆଉ ଓଡ଼ିଶାରେ ହିଁ ରଜ, ଅକ୍ଷୟ ତୃତୀୟା ଭଳି କୃଷିଭିତ୍ତିକ ପର୍ବ ଏଠାରେ ସଂସ୍କୃତି ସହ ଜଡ଼ିତ ହୋଇପାରିଛି । ଖରା ଚାଲିଯାଇଛି । ମୌସୁମୀ ଆସିଗଲାଣି । ଏବେ ଖାଲି ବର୍ଷା ଆଉ ବର୍ଷା । ପୃଥିବୀ ତିନ୍ତିଛି ପ୍ରଥମ ବର୍ଷାର ସ୍ପର୍ଶରେ । ଆର୍ଦ୍ର ହୋଇଛି ମାଟି । ମାଟିର ଗନ୍ଧ ମହକେଇ ଦେଉଛି ଦୁନିଆ । ଅକ୍ଷୟ ତୃତୀୟାରେ ଧାନ ଅନୁକୂଳ କରି ବସିଥିବା ଚାଷୀ କ୍ଷେତକୁ ଯିବ । ହେଲେ ପୃଥିବୀ ଏବେ ଋତୁମତୀ । ରଜସ୍ୱଳା ନାରୀ ପରି ତାର ପାଇଁ ଏଇ ପାଞ୍ଚଦିନ ବିଶ୍ରାମର ବେଳ । ଭୂଇଁରେ କର୍ଷଣ ମନା । ଏଇ କିଛିଦିନ ସମସ୍ତଙ୍କ ପାଇଁ ମଉଜ ଆଉ ଫୁରସତ୍‌ର ବେଳ । ଫସଲ ଉତ୍ପାଦନ ଭଳି ଗୁରୁତ୍ୱପୂର୍ଣ୍ଣ କୃଷିପର୍ବର ଆରମ୍ଭରୁ ମାଟିକୁ ସମ୍ପୂର୍ଣ୍ଣ ବିଶ୍ରାମ ଦେବା ପାଇଁ ଏହି ପର୍ବର ସୃଷ୍ଟି । ଓଡ଼ିଶାର ଜାତୀୟ ପର୍ବ ରଜ । ଏହା କେବଳ ସାର୍ବଜନୀନ, ଆନନ୍ଦଦାୟୀ ପର୍ବ ନୁହେଁ, ଝିଅମାନଙ୍କର ଦୋଳି ଖେଳର ଅବସର ନୁହେଁ, ବରଂ ସମସ୍ତଙ୍କ ମନ, ପ୍ରାଣ ଓ ଶରୀର ପାଇଁ ଆମୋଦକାରୀ ଅବସର । ଗାଁରେ ରଜପର୍ବର ମାହୋଲ ବେଶ୍ ଜମିଥିବା ବେଳେ ସହରରେ ମଧ୍ୟ ଲୋକେ ଖୁବ୍ ଉତ୍ସାହର ସହ ଏହି ରଜପର୍ବ ପାଳିଥାନ୍ତି । ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ରଜ ଉତ୍ସବର ଆୟୋଜନ ଏହି ସହରୀ ଲୋକଙ୍କୁ ବି ବେଶ୍ ମନୋରଞ୍ଜନର ଖୋରାକ ଦେଉଛି । କିନ୍ତୁ ଗୋଟିଏ କଥା ଯେ କ୍ରମଶଃ ପରମ୍ପରାରୁ ଦୂରେଇଯାଇ ସୌଖିନ ଫେସନ ହେବାକୁ ବସିଛି ଆମର ପର୍ବପର୍ବାଣି । କମିଯାଉଛି ପୋଡ଼ପିଠାର ରୁଚି ଆଉ ଦୋଳିଗୀତର ପରମ୍ପରା । ତଥାପି ସଂସ୍କୃତିର ଚିହ୍ନ ସମ୍ପୂର୍ଣ୍ଣ ଲିଭିଯାଇନାହିଁ । ଓଡ଼ିଆ ମାନସିକତା ଏବେ ବି ଅନେକ ସଂସ୍କୃତିପ୍ରେମୀଙ୍କୁ ଉଦ୍‌ବୁଦ୍ଧ କରି ରଖିଛି, ଯାହା ଏ ଜାତି ପାଇଁ ସର୍ବାଦୌ ଅପରିହାର୍ଯ୍ୟ । ଯିଏ ଯେଉଁଠି ଥିଲେ ବି ରଜରେ ବନ୍ଧୁବାନ୍ଧବଙ୍କର ଗହଣରେ ଖୁସି ଭରିଯାଏ ଘର ଭିତରେ । ହସ କୌତୁକର ଆସର ଭୁଲାଇଦିଏ କର୍ମମୟ ଜୀବନର ଅବସାଦ । ଥମିଯାଇଛି ଖରାର ଦର୍ପ । ଆଉ ମୌସୁମୀର କଅଁଳ ଛୁଆଁ ଶିହରିତ କରୁଛି ମାଟିକୁ । ଜ୍ୟେଷ୍ଠ ମାସର ଶେଷଦିନ ଓ ଆଷାଢ଼ ମାସର ଆରମ୍ଭ ଦୁଇଦିନକୁ ନେଇ ରଜପର୍ବ । ଅସରା ଅସରା ବର୍ଷାରେ ଭିଜାମାଟିର ବାସ୍ନା ମହାକାଇଦିଏ ରଜପର୍ବକୁ । ବସୁମତୀ ବନ୍ଦନାର ଋତୁ ଇଏ । ଏହି ପର୍ବରେ ଭୂଇଁ ରଜସ୍ୱଳା ହେତୁ ମହିଳାମାନେ କାଠପିଢ଼ା ଉପରେ ଶିଳପୁଆ, ଲଙ୍ଗଳ ଲୁହା, ନଡ଼ିଆ ଆଦି ରଖି ତା ଉପରେ ହଳଦୀପାଣି ଢ଼ାଳି ବାସୁମତୀ ସ୍ନାନ କରାନ୍ତି । କାରଣ ଏହାପରେ ହିଁ ଉତ୍ପାଦନକ୍ଷମ ହୁଏ ମାଟି । ଲୋକ ଚଳଣି ସହ ଏହି ପରମ୍ପରାର ଅପୂର୍ବ ସାମଞ୍ଜସ୍ୟ । ଆକାଶରେ ମେଘ ଦେଖିଲେ ଚାଷୀ ମନ ଉଚ୍ଛନ୍ନ ହୋଇଉଠେ, ସତେ ଯେମିତି ବର୍ଷା ଟିକକ ପାଇଁ ତା'ର ବ୍ୟାକୁଳ ଅପେକ୍ଷା । ପହିଲି ବର୍ଷାର ପ୍ରଥମ ପ୍ରେମରେ ଉନ୍ମନା ହୋଇଉଠେ କୁଆଁରୀର ମନ । ଗୋଡ଼ରେ ଅଳତା, ହାତରେ ମଞ୍ଜୁଆତି, ଆଖିରେ କଜ୍ଜଳ ଆଉ ପାଦରେ ପାଉଁଜି ପିନ୍ଧି ଛମ୍ ଛମ ନାଚିଯାଏ ସେ । ଚୁଲିର ରଡ଼ନିଆଁରେ ପୋଡ଼ାଯାଇଥିବା ପୋଡ଼ପିଠା ବୃନ୍ଦାବତୀଙ୍କ ପାଖରେ ଭୋଗ ଲଗାଇ ଏହାକୁକାଟି ପରଷିଦେବ ଗୃହଲକ୍ଷ୍ମୀ । ବାଡ଼ିରେ ରଜଦୋଳିର ଗୀତ ଶୁଭି ଉଠୁଥିବ ଆଉ ଖେଳାଇ ଦେଉଥିବ ଆନନ୍ଦର ଲହରୀ, ବାଗୁଡ଼ି ଖେଳରେ ନଈବାଲିରେ ମାତିଥିବେ ଯୁବକ, ଆଉ କିଶୋରୀର ପୁଚିଖେଳର ଉଛୁଳି ଉଠୁଥିବ ଗାଁ ଦାଣ୍ଡ । ସତରେ ନିଟୋଳ ବିଶ୍ୱାସର ନିଆରା ପର୍ବ ଏହି ରଜ । ପହିଲି ବର୍ଷାର ପୁଲକରେ ଅପରୂପା ଏବେ ପୃଥିବୀ ମାଆ । ସବୁଜିମାରେ ଯାହାର ସୌନ୍ଦର୍ଯ୍ୟ ଅକଳ୍ପନୀୟ । ମାଟିକୁ ମା' ରୂପରେ ଦେଖିବାର ସଙ୍କେତ ବହନ କରୁଥିବା ଏହି ରଜରେ କେହି ନାରୀ କାହାକୁ ପ୍ରଣାମ କରନ୍ତି ନାହିଁ କି ଆଶୀର୍ବାଦ ଦିଅନ୍ତି ନାହିଁ । କାରଣ ସେ ଗରିୟସୀ - ଏଇ ବେଳରେ । ତା'ର ମହନୀୟତା ସବୁଠୁ ଉର୍ଦ୍ଧ୍ୱରେ ।

ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ

## ରଜ ଆସିଛି...

### ତେଜସ୍ୱିନୀ ପଣ୍ଡା



ତରୁଣୀ କାନ୍ତାର ହୃଦୟେ କାହିଁ
ଭରିଲା ଏତେ ଆନନ୍ଦ,
ପ୍ରକୃତିର ସ୍ୱାଗତ ସମ୍ଭାଷଣେ
ଆସିଛିରେ ରଜ ପରବ।
ତାପସହ୍ୟ ନୀରସ ଜୀବନକୁ
ରଜ କରେ ରଙ୍ଗମୟ,
ନାଲି ବିନ୍ଦିରେ ଦିଶେ
ଅବୋଢା କନ୍ୟା ସୌନ୍ଦର୍ଯ୍ୟମୟ।
ଦୁଃଖ ସହିନୀ ଧରିତ୍ରୀ ମାତା
ଲଭିଥାନ୍ତି ରଜସ୍ୱଳା,
ପାଦେ ଶୋଭେ ଘୁଙ୍ଗୁର
ଦୋଳି ଖେଳେ ଅବଳା।
ମଉନାବତୀ ଲାଜେଇ ଯାଉଛି
କର୍ଣ୍ଣରେ ଝୁଲାଇ ଝୁମୁକା,
ସତେ କଣ ଧରାପୃଷ୍ଠକୁ
ଆଗମନ କରନ୍ତି ମେନକା।
ପୁରପଲ୍ଲୀର ଦାଣ୍ଡେ ମହକେ
ପୋଡପିଠାର ବାସ,
ଆବାଳବୃଦ୍ଧବନିତାଙ୍କ ଓଠେ
ଫୁଟି ଉଠୁଛି ହସ।
ରଜ ହୋଇଥାଏ ଅଧୁରା
ଯେବେ ନଥାଏ ମିଠା ପାନ,
ସଭିଏଁ ମିଶି ରଜ ପାଳନ୍ତି
ନଥାଏ ମନେ ଅଭିମାନ।
କବି କଲମରେ ଶୋଭା ପାଏ
ଯେବେ ରଜ ପର୍ବର ବର୍ଣ୍ଣନା,
ଓଡ଼ିଶା ଓ ଓଡ଼ିଶାବାସୀଙ୍କୁ
ରଜ ପର୍ବର ଅଜସ୍ର ଶୁଭକାମନା।

ଜଗତସିଂହପୁର

## ରଜ ସଜବାଜ

### ଜୟକୃଷ୍ଣ ସାହୁ



ରଜ ସଜବାଜ ରଜରେ ମଉଜ
ସପନ ହେଲାଣି ଆଜ
ସେ ହଜିଲା ଦିନ ପଡ଼େ ଆଜି ମନ
ଆସିଲେ ପହିଲି ରଜ।

ନିଦ ଲାଗେନାହିଁ ସାରା ରାତି ଚେଇଁ
କେମିତି ଖେଳିବି ଦୋଳି
ଦୋଳି ଖେଳିବାକୁ ରାଧୁ ମଧୁ ଯଦୁ
ହୋଇବୁ କେମିତି ମେଳି।

ଜେଜେମାଆ ମୋର ଦିନକ ଆଗରୁ
ଚାଉଳକୁ ଚୁନା କରି
ପୋଡ଼ପିଠା କରେ ତାଳରସ ଗୁଡ଼
କାଜୁ କିସମିସ ଭରି।

ସୁଖିଲା ନଡ଼ିଆ ସରୁ ସରୁ ପାତି
କରି ଯତନରେ ଦେଇ
ତାଳପୋଡ଼ପିଠା କରଇ ଜେଜିମା'
ରଡ଼ନିଆଁ ତହିଁ ଥୋଇ।

ଦାଣ୍ଡରେ ଚାଞ୍ଚେରା ପକାଇ ତାଆସ
ପାଶାପାଲି ଖେଳ ଜମେ
ଠାକୁରାଣୀପୀଠେ ବାଦୀପାଲା ଦଳ
ଦେଖି ସୁଖେ ମନ ଝୁମେ।

ପାଦରେ ଅଳତା କୁଙ୍କୁମର ଚିତା
ହାତେ ଧରି ରଜପାନ
ରଜ ଆସିଗଲେ କେଜାଣି କାହିଁକି
ଏତେ ଖୁସି ଲାଗେ ମନ।

ଯେତେ ଚାହିଁଲେ ବି ସେମିତିକା ସୁଖ
ଗୋଟାଇ ପାରୁନି ଆଜି
ସେଇ ଭାଇଚାରା ବିରଳ ହେଲାଣି
କୁଆଡ଼େ ଗଲାଣି ହଜି।

କପିଳପ୍ରସାଦ, ଭୁବନେଶ୍ୱର -୨
ମୋ-୯୯୩୭୦୯୨୩୯୭



ଧ୍ୱନି ପ୍ରତିଧ୍ୱନି
♣ ବାଲେଶ୍ୱର ♣ ଶୁକ୍ରବାର, ୧୪ ଜୁନ୍, ୨୦୨୪

# ବନସ୍ତେ ଡାକିଲା ଗଜ...



## ରଜ ମଉଜ

**କବିତା ପଣ୍ଡା**

ମୁଁ ଜାଣେ ତୁମେ ଯୋଉଁଠି ଥିଲେ ବି
ନିଶ୍ଚୟ ଆସିବ !

ରଜ ନିକଟକୁ ତୁମେ ବି ଖୁବ୍
ନିକଟତର ହୋଇ ଯାଇଥିବ ।

ତୁମେ କୁହ ରଜ ଆସିଲେ
ଆମ ଗାଁ ଆମ୍ବ ଗଛର ଝୁଲଣୀ
ତୁମକୁ ଇସାରା ଦେଇ ଡାକେ ।

ତୁମେ କୁହ ରଜ ଆସିଲେ
ଆମ ଗାଁ କେନାଲ ତୋଠ
ତୁମକୁ ପାଗିଳି ଭଳି ଖୋଜେ ।

ପୁଣି କେବେ କୁହ ତମେ
ଯେବେ ରଜ ଆସେ
ପହିଲି ଆଷାଢ଼ ର ମଳୟ ଛୁଆଁରେ
ପ୍ରେୟସୀ ସାଜି ମୋ ବାଟ ଚାହିଁ ରହେ ।

ସବୁ କିଛି ଅସ୍ତ ବ୍ୟସ୍ତ
ଭରିଦିଏ କ୍ଷଣ କ୍ଷଣକ ଅଳରେ
ଅନେକ ଆଶା ଆକାଂକ୍ଷା ।

ମନ ଠୋ ଦେହ ଯାଏଁ
ଶିରା ଠୋ ପ୍ରଶିରା ଯାଏଁ
ଖୁସିର ଉର୍ମି ।

ଯେବେ ରଜ ନିକଟହୁଏ
ତୁମ ନିକଟତାକୁ ଦେଖି
ତାତିର କାତିକୁ ଭୁଲି ଯାଇ
ଗାଏ ଆଜି କେତେ ଗୀତ ।

ବନସ୍ତେ ଡାକିଲା ଗଜ
ବରଷକେ ପରେ ଆସିଛି ରଜ
ହୋଇଛି ଆଜି ମୁଁ କେତେ ଶଜ ବାଜ ।

+ମଙ୍ଗଳପୁର, ସୋର, ବାଲେଶ୍ୱର



## ଆସିଛି ରଜ

**ବିକାଶୀ ପ୍ରିୟଦର୍ଶିନୀ ରାଉତ**

ଓଡ଼ିଆ ସଂସ୍କୃତି ଗର୍ବ ଗୌରବ,
ବାରମାସେ ପଡେ ତେର ପରବ ।
ପଶୁ ମଧ୍ୟେ ଶ୍ରେଷ୍ଠ ଅଟେ ଯେ ଗଜ,
ପର୍ବ ମଧ୍ୟେ ଶ୍ରେଷ୍ଠ ଅଟଇ ରଜ ।

ବରଷକେ ଥରେ ଆସିଛି ରଜ,
ମିଠା ପାନ ଖାଇ କର ମଉଜ ।
ଦୋଳି ପାଇଁ ପଡେ ଦଉଡି ଖୋଜା,
ଆରିସା କାକରା ପିଠାର ମଜା ।

ଗୁଡ଼ି ଉଡ଼ା ସଂଗେ ବନ୍ଧୁ ମିଳନ,
କୁମାରୀଙ୍କ ମନେ କେତେ ସପନ ।
ରଜ ପାଇଁ ଆଜି ଧରା ସତେଜ,
ସତେକି କାଳିଆ ବୁଣେ ମୁରୁଜ ।

ବିତି ଅଛି ଯାହା ମନେ ନ ହେଜ,
ଆସ ହେ କରିବା ରଜ ମଉଜ ।

+ ସହକାରୀ ଶିକ୍ଷୟିତ୍ରୀ, ବଡ଼ପଲ୍ଲୀ
ପ୍ରାଥମିକ ବିଦ୍ୟାଳୟ, ରାଜନଗର,
କେନ୍ଦ୍ରାପଡ଼ା



## ସହରରେ ରଜ ଗାଆଁରେ ବି ରଜ

**ନୀଳମଣି ଚାନ୍ଦ**

ସହରରେ ରଜ ଗାଆଁରେ ବି ରଜ
ରଜ ଆଜି ପୁରପଲ୍ଲୀରେ
ଦୋଳି ଝୁଲୁଥିଲା ଦୋଳି ଉଡୁଥିଲା
ଦେଖିଲି ଯୁଆଡ଼େ ଗଲିରେ ।

ରଜ ପାନ ଖାଇ ରଜ ଗୀତ ଗାଇ
ହେଉଥିଲେ ସବୁ ହରଷ
ରଜ ତିନି ଦିନ କାମ କରିବେନି
ତେଣୁ ଚାଷୀ ମନ ସରସ ।

ରଜ ପୋଡ଼ପିଠା କି ସୁଆଦ ମିଠା
ଜାଣିଛି ଯିଏରେ ଖାଇଛି
ସାଇ ବୁଲିଯିବ ଜୟନ୍ତୀ ଆମର
ପାଦରେ ଅଳତା ନାଇଛି ।

ଜ୍ୟେଷ୍ଠ ସରିଯିବ ଆଷାଢ଼ ଆସିବ
ଏଇ ପର୍ବଟି ଜଣାଏ
ତାତି ଗୁଲୁଗୁଳି ଟାଣଖରା ପରେ
ବରଷା ଚାଦର ଟଣାଏ ।

ଆମ ଓଡିଶାର ଗଣ ପରବ ଏ
ତାକୁ ମଣିବାନି ସାନରେ
ବନସ୍ତେ ଡାକିଲା ଗଜ ମୁଁ ଗାଉଛି
କୁହ ପଡୁଛି କି କାନରେ ।

+ମନ୍ତ୍ର ମାନୋର,ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

# ଉତ୍କଳର ଜାତୀୟ ପର୍ବ ରଜ ସଂକ୍ରାନ୍ତି

**ପଣ୍ଡିତ ଦୈତ୍ୟାରି ମହାପାତ୍ର**



ଗାଁ ଠାରୁ ଆରମ୍ଭ କରି ସହର ସଭ୍ୟତା ପର୍ଯ୍ୟନ୍ତ ଆବାଳବୃଦ୍ଧବନିତାଙ୍କ ଦ୍ୱାରା ରଜ ସଂକ୍ରାନ୍ତିଙ୍କୁ ବେଶ୍ ଆନନ୍ଦର ସହିତ ପାଳନ କରାଯାଏ। ଉଚ୍ଚ-ନିଚ୍ଚ, ଧନୀ-ଦରିଦ୍ର ସବୁରି କ୍ଷେତ୍ରରେ ଏହି ପର୍ବକୁ ପାଳନ କରାଯାଇଥାଏ। ଆମ ଓଡ଼ିଶାର ପ୍ରାୟ ଘରେ ଘରେ ପାଳିତ ହେଉଥିବାରୁ ରଜ ପର୍ବକୁ "ଜାତୀୟ ପର୍ବ" ବୋଲି କୁହାଯାଏ। ଓଡ଼ିଶା ଏକ କୃଷି ପ୍ରଧାନ ଦେଶ ହୋଇଥିବାରୁ ଏହି ପର୍ବର ସ୍ୱତନ୍ତ୍ରତା ରହିଛି। ଆଷାଢ଼ ମାସର ସଂକ୍ରାନ୍ତିକୁ ରଜ ସଂକ୍ରାନ୍ତି କୁହାଯାଏ। ଏହି ସଂକ୍ରାନ୍ତିର ଅନ୍ୟ ନାମ ମିଥୁନ ସଂକ୍ରାନ୍ତି। ସଂକ୍ରାନ୍ତିର ପୂର୍ବ ଦିନକୁ "ପହିଲି ରଜ" ଏବଂ ପରଦିନକୁ "ଭୂମିଦାହ" କୁହାଯାଏ। ତା ପରଦିନ ଅର୍ଥାତ୍ ଭୂମିଦାହର ପରଦିନ ସକାଳେ "ବସୁମତୀ ସ୍ନାନ" ଏବଂ ରଜ ପାଳନର ଶେଷ ପର୍ବ ହୋଇଥାଏ। ଆଷାଢ଼ ମାସରେ ଇନ୍ଦ୍ର ଦେବତା ଶାନ୍ତି ଥାଆନ୍ତି। ଫଳରେ ବର୍ଷାର ଆଗମନ ହୋଇଥାଏ। ଧରଣିରାଣୀ ହସି ଉଠେ। ଶୁଷ୍କ ଭୂମିରେ ବର୍ଷାର ପ୍ରଥମ ଅସରା ପଡ଼ିବା ପରେ ମାଟିରେ ଏକ ପ୍ରଜନନ ଶକ୍ତି ଜାତ ହୁଏ। ଫଳରେ ମାଟିର ଉପର ଅଂଶ ଫୁଲି ଉଠେ। ସେଥିପାଇଁ ଏହି ସମୟରେ ମାଆ ବସୁମତୀ ଧରିଣିରାଣୀଙ୍କୁ ରଜସ୍ୱଳା ନାରୀ ସହିତ ତୁଳନା କରାଯାଇଅଛି।

"ବୃଷାନ୍ତେ ମିଥୁନ ସ୍ୟାଦୌ ତନ୍ମଧ୍ୟେଦ୍ୱପି ଦିନତ୍ରୟଂ,
ରଜସ୍ୱଳା ସ୍ୟାତ୍ ପୃଥିବୀ କୃଷି କର୍ମଣି ବର୍ହିତା।"

ଧରଣୀର ଏହି ତିନି ଦିନକୁ ରଜ ଦିନ ବୋଲି କୁହାଯାଏ। ରଜ ଅର୍ଥାତ୍ ରଜବତୀ ବା ରଜସୂତା। ସ୍ତ୍ରୀ (ନାରୀ) ରଜସ୍ୱଳା ହେଲେ ତିନିଦିନ ଯେପରି ମୈଥୁନ କର୍ମନିଷିଦ୍ଧ ସେହିପରି ପୃଥିବୀ ମାତାର ଏହି ରଜ ତିନିଦିନ କୃଷିକର୍ମ ନିଷିଦ୍ଧ ହୋଇଥାଏ। ରଜସ୍ୱଳା ନାରୀ ଯେପରି ସ୍ନାନକରି ସୁଦ୍ଧି ହୁଏ ସେହିପରି ମା ବସୁମତୀଙ୍କ ଚତୁର୍ଥ ଦିନରେ ସ୍ନାନ ପରେ କୃଷି କାର୍ଯ୍ୟର ଆରମ୍ଭ ହୋଇଥାଏ।

ଆଷାଢ଼ ମାସରେ ମାଟି ସହିତ ମେଘର ମିଳନ, ତା'ପରେ ମାଟିରୁ କେତେ ପ୍ରକାର ଫସଲ ଉତ୍ପନ୍ନ ହୁଏ। ଏହି ଗୁରୁତ୍ୱପୂର୍ଣ୍ଣ ଅୟମାରମ୍ଭ ପୂର୍ବରୁ ମାଟିକୁ ସମ୍ପୂର୍ଣ୍ଣ ବିଶ୍ରାମ ଦିଆଯାଇଥାଏ। ଠିକ୍ ସେହିପରି ନାରୀ ପୁରୁଷର ମିଳନ ଫଳରେ ନାରୀର ଗର୍ଭରୁ ସମାଜକୁ ଉତ୍ପନ୍ନ ନିଏ ଏକ ସୁସନ୍ତାନ। ତେଣୁ ନାରୀକୁ ମଧ୍ୟ ତାର ରଜସ୍ୱଳା ସମୟରେ ପୂର୍ଣ୍ଣ ତିନିଦିନ ବିଶ୍ରାମ ଦିଆଯିବା ଉଚିତ୍। ମାଟି ନୁହେଁ ମାଆ'ଟି। ମା'ଟି। ମାଟିକୁ ମାଆ ସହିତ ତୁଳନା କରାଯାଏ। ଠିକ୍ ସେହିପରି ମାଆକୁ ମଧ୍ୟ ମାଟି ଅର୍ଥାତ୍ ପୃଥିବୀ ସହିତ ତୁଳନା କରାଯାଏ। ମାଆ ଯେପରି ନିଜର ସନ୍ତାନକୁ କୋଳରେ ଧରି ସ୍ତନ୍ୟପାନ ଦେଇ ସକଳ ଦୁଃଖ ବରିନେଇ ସନ୍ତାନକୁ ଦେଇଥାଏ ସକଳ ସୁଖ। ଠିକ୍ ସେହିପରି ଧରିଣୀ ମାଆ ତାର ବକ୍ଷ ଫାଡ଼ି ଆମକୁ ଦେଇଛି ଖାଦ୍ୟ ଏବଂ ଆଦରିନେଇଛି ତାହାରି କୋଳକୁ। ତେଣୁ ଧରଣୀ ବସୁମାତା ଓ ଜନ୍ମଦାତ୍ରୀ ଜନନୀ ଏହା ଭିତରେ କୌଣସି ଫରକ ନାହିଁ। "ସମୁଦ୍ର ବସନା ଦେବୀ ପର୍ବତସ୍ତନମଣ୍ଡଳା।"ବେଦ କହେ :-

ଯସ୍ୟାଂ ସମୁଦ୍ର ଉତ ସିନ୍ଧୁରାପୋ ଯସ୍ୟା ମନ୍ନଂକୃଷ୍ଟୟଃ ସଂବଭୁବୁଃ,
ଯସ୍ୟାମିଦଂ ଜିନ୍ୱତି ପ୍ରାଣଦେଜତ୍ ସାନୋ ଭୂମିଃ ପୂର୍ବପେୟ ଦଧାତୁ।

ଅର୍ଥାତ୍ ଯେଉଁ ପୃଥିବୀ ଉପରେ ସମୁଦ୍ର, ନାରୀ ଓ ଜଳ ରହିଛନ୍ତି ଯେଉଁଥିରେ ଅନ୍ନ ଓ ମାନବ ସୃଷ୍ଟିର ସତ୍ତା ରହିଛି, ଯେଉଁଠାରେ ସମସ୍ତ ଜୀବଗଣ ଆନନ୍ଦିତ ହୁଅନ୍ତି, ଶ୍ୱାସ, ପ୍ରଶ୍ୱାସ ନିଅନ୍ତି, ବିଚରଣ କରନ୍ତି ସେହିମାଆ ଭୂମି ବସୁମାତାଙ୍କୁ ଶତବାର ପ୍ରଣାମ। ରଜ ସଂକ୍ରାନ୍ତିକୁ ସଂକ୍ରାନ୍ତି ବା ମିଥୁନ ସୌର ମାସ ବୋଲି କୁହାଯାଏ। ବର୍ଷକ ବାରମାସ ବାର ସଂକ୍ରାନ୍ତି। ପ୍ରତି ରାଶିକୁ ଏକ ମାସ ଏବଂ ପ୍ରତି ମାସରେ ଏକ ସଂକ୍ରାନ୍ତି ହୁଏ। ମିଥୁନ ରାଶିକୁ ରଜ ସଂକ୍ରାନ୍ତି କୁହାଯାଏ। ମୃଗଶୀରା ନକ୍ଷତ୍ରର ଦୁଇପାଦ, ଆର୍ଦ୍ରର ଚାରିପାଦ ଓ ପୂନର୍ବସୁ ନକ୍ଷତ୍ରର ତିନି ପାଦକୁ ମିଥୁନ ରାଶି ଗଠିତ ହୋଇଅଛି।

ଉପନିଷଦ କହେ:-

ସ ମିଥୁନମ୍ ଉତ୍ପାଦୟତେ ରୟଂ ଚ ପ୍ରଣଂ ଚ ଇତି,
ଏତୌ ମେ ବସୁଧା ପ୍ରଜାଃ କରିଷ୍ୟତ ଇତି।
ଆଦିତ୍ୟ ହବୈ ପ୍ରାଣୋରହିରେବ ଚନ୍ଦ୍ରମାଃ ।

ତିନି ନକ୍ଷତ୍ର ମୃଗଶିରା, ଆର୍ଦ୍ରା ଓ ପୁନର୍ବସୁକୁ ନେଇ ମିଥୁନ ରାଶି। ପ୍ରଜାପତି ବ୍ରହ୍ମା ନିଜ କନ୍ୟାର ରୂପରେ କାମାତୁରା ହୋଇ ଲାଳାୟିତ ହେବାରୁ କନ୍ୟା ରୋହିଣୀ ଲଜ୍ଜା ଓ ଭୟରେ ମୃଗୁଣୀ ରୂପ ଧାରଣ କରି ପଳାୟନ କଲେ। ବ୍ରହ୍ମା ମଧ୍ୟ ମୃଗ ରୂପ ଧାରଣ କରି ତାଙ୍କ ପଛରେ ଗୋଡ଼ାଇଲେ। ମୃଗୁଣୀ ରୂପୀ ରୋହିଣୀଙ୍କୁ କୌଣସି ଦେବଦେବୀ ସୁଧା ରଖିପାରିଲେ ନାହିଁ। ଏଣେ ପିତୃଦେବ ମୃଗରୂପ ଧାରଣ କରି କନ୍ୟାକୁ କ୍ଷୀପ୍ର ଗତିରେ ଅନୁଧାବନ କରୁଥାନ୍ତି। ଶେଷରେ ରୋହିଣୀ ଯାଇ ଶରଣ ପସିଲେ ଦେବାଧିଦେବ ମହାଦେବଙ୍କ ନିକଟରେ। ମହାଦେବଙ୍କ କୋପାନଳର ରୌଦ୍ର ଅଂଶରୁ ଜାତ ହେଲେ ଅନେକ ଭୂତଗଣ। ଶେଷରେ ମୃଗରୂପୀ ବ୍ରହ୍ମାଙ୍କ ଶୀର ଛେଦନ କରି ସେମାନେ ଆକାଶରେ ସ୍ଥାପନ କଲେ। ସେହି ଶୀର ହେଲା ମୃଗଶୀରା ନକ୍ଷତ୍ର। ତା ପରେ ଆଦ୍ରା ନକ୍ଷତ୍ର ସୂର୍ଯ୍ୟ ମିଥୁନ ସଂକ୍ରାନ୍ତିର ସାତ/ ଆଠ ଦିନ ରହିଲା ପରେ ଆଦ୍ରା ନକ୍ଷେତ୍ରରେ ପ୍ରାୟ ତେର/ ଚଉଦ ଦିନ ରହିଲେ। ଏହି ସମୟରେ ବର୍ଷା ହେବା ଦ୍ୱାରା ଭୂମି ଆଦ୍ରା ହୋଇଥାଏ। ଫଳରେ ଶଷ୍ୟ ଗଜା ହେବାପାଇଁ ଉପଯୁକ୍ତ ହୋଇଥାଏ।

ତା ପର ନକ୍ଷତ୍ର ହେଉଛି ପୁନର୍ବସୁ। ଏହା ଦୁଇଟି ସମଉଜ୍ଜ୍ୱଳ ତାରାକୁ ନେଇ ଗଠିତ। ତାହା ହେଉଛି ଯମ ଓ ଯମୀ। ପୁରାଣରେ ଯମ-ଯମୀଙ୍କ ପ୍ରେମଭିକ୍ଷା କଥା ସ୍ୱତନ୍ତ୍ର ଭାବରେ ବର୍ଣ୍ଣନା କରାଯାଇଛି। ଭଉଣୀ ଯମୀ ଭାଇ ଯମକୁ କିପରି ପ୍ରେମଭିକ୍ଷା ମାଗିଲା, ଶେଷରେ ଯମ କିପରି ଯମୀକୁ ଭାଇର ମହତ୍ୱ ବୁଝାଇଛି ତାହା ଶୁଣିଲେ ଶରୀରରେ ରୋମାଞ୍ଚକର ସୃଷ୍ଟି ହୋଇଥାଏ। ଭାଇ ଭାଉଣୀର ବାସ୍ତବ ସମ୍ପର୍କ ସୁନ୍ଦର ଭାବରେ ଉପସ୍ଥାପନ କରାଯାଇଛି। ଯାହା ଆଜି ଘରେ ଘରେ "ଭାଇ ଜୀଉନ୍ତିଆ" ପର୍ବ ରୂପରେ ପାଳିତ ହେଉଅଛି।

ସେ ଯାହା ହେଉନା କାହିଁକି, ଏହି ରଜ ପର୍ବରେ ସ୍ତ୍ରୀ-ପୁରୁଷ, ନର-ନାରୀ, ପିଲା-ଛୁଆ, ବୃଦ୍ଧବୃଦ୍ଧା ଏପରିକି ଆବାଳବୃଦ୍ଧବନୀତା ବିଶ୍ରାମ ନେଇଥାନ୍ତି। ତାହା ପୁଣି କୌତୁକର ସହିତ। ଏହି ପର୍ବର ପୋଡ଼ପୀଠା ଅତ୍ୟନ୍ତ ରୁଚିକର, ଉପାଦେୟ ଏବଂ ବିଜ୍ଞାନ ସମ୍ମତ। ରଜ ସଂକ୍ରାନ୍ତିରେ ଝିଅମାନଙ୍କର ରଜଦୋଳୀ ବେଶ ଆନନ୍ଦଦାୟକ ଏବଂ ବେଶ୍ ଚିତାକର୍ଷକ। ଏହି ସମୟରେ ପୃଥିବୀ ରଜସ୍ୱଳା ପାଲଟେ। ପ୍ରକୃତିରେ ସତେଅବା ନବପ୍ରାଣ ସଂଚାର ହୁଏ। ସମଗ୍ର ସଂସାର ପାଲଟିଯାଏ ଆମୋଦପ୍ରମୋଦ ଭରା ନୂତନ ନିଦାନରେ। ତରୁଣ-ତରୁଣୀମାନେ ନିଜକୁ ଦୋଳି ଖେଳରେ ନିୟୋଜିତ ହୁଅନ୍ତି। ତାସ୍ ଖେଳଠୁ ଆରମ୍ଭ କରି ପାଲି ପର୍ଯ୍ୟନ୍ତ ଖେଳ ହୁଏ। ଯୁବକ ଯୁବତୀ ଠାରୁ ଆରମ୍ଭ କରି ପିଲାଛୁଆ ପର୍ଯ୍ୟନ୍ତ, ଶିଶୁ ଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଆନନ୍ଦ ଉଲ୍ଲାସରେ ରଜ ପର୍ବ ପାଳନ କରିଥାନ୍ତି। ତରୁଣ ତରୁଣୀମାନେ ନୂଆ ଲୁଗା ପିନ୍ଧି ଦଳ ଦଳ ହୋଇ ଯାଆନ୍ତି। ପରସ୍ପର ପ୍ରତି ପ୍ରେମାଶକ୍ତି ଯୋଗୁଁ ପ୍ରରୋକ୍ଷ ଭାବରେ ଇଙ୍ଗିତମୟ ବାକ୍ୟାଳାପ ହୋଇଥାନ୍ତି।

ଏ ଗାଁର ଝିଅମାନେ ଆର ଗାଁକୁ ଦୋଳି ଖେଳିବା ପାଇଁ ଯାଆନ୍ତି। ସେଠାରେ ଦୋଳି ଗୀତ ଗାଇ ପ୍ରତିଯୋଗୀତାମୂଳକ ଦୋଳିଖେଳ ହୁଏ। ଦୋଳି ଖେଳର ତାଳେ ତାଳେ ଦୋଳି ଗୀତ ଜନସମାଜକୁ ବେସ୍ ଚିତାକର୍ଷକ କରିଥାଏ। ସାହିତ୍ୟିକମାନଙ୍କ କଲମରେ ଏକ ନୂତନ ରଣ ଝଙ୍କୃତ ହୁଏ। ତାଙ୍କ କଲମ ମୁନରୁ ଭାଷିଆସେ ଅନେକ ଦୋଳିଗୀତ।-

ବନସ୍ତେ ଡାକିଲା ଗଜ,
ବରଷକେ ଥରେ ଆସିଛି ରଜ ଲୋ, ଘେନି ନୂଆ ସଜବାଜ।
ଦୋଳି ହୁଏ ରଟରଟ,
ମୋ ଭାଇ ମୁଣ୍ଡରେ ସୁନା ମୁକୁଟଲୋ, ଦିଶୁଥାଏ ଝଟଝଟ।
ଦୋଳି ମୁଣ୍ଡେ ଦେଲି କଳା,
ପ୍ରଥମେ ବନ୍ଦିଲି ସର୍ବମଙ୍ଗଳା ମୁଁ, ସରତି ଉଠିବ ଗଳା।
ଲଲାଟେ ଦେଇ ଚନ୍ଦନ,
ପ୍ରଥମେ ବନ୍ଦିଲି ଶ୍ରୀ ଗଜାନନ, ଦୋଳି ଗୀତେ ହେଲା ମନ।
ରଜ ଦୋଳି ଖେଳୁଥିଲି,
ଭାଇ ଡାକିଦେଲେ କନକ ବୋଲି, ହାତ ଧୋଇ ଭାତ ଦେଲି।
ରଥରୁ ଖମ୍ବ ଖସିଲା,
ଭାଇନା କାନରେ ନୋଳି ବସିଲା, ଭାଉଜ ଦେଖି ହସିଲା।
ପିତା ଶାଗ କୁଦି କୁହି,
ଭାଇ କାହା ସଙ୍ଗେ କଲେ ପୀରତି, ହାତୁ ଦେଇ ସୁନାମୁଦି।
ବୁଣିଗଲି ମାଘି ରାଶି,
ଭେଣ୍ଡା ଲୋଡୁଥିଲା ଷୋଳବରଷୀ, ଦେଉଳ ପଛଆଡ଼େ ଗଲି ପଶି।
....ଇତ୍ୟାଦି

ଏହିଭଳି ଅନେକ ଗୀତ ଗାଇ ତରୁଣ ତରୁଣୀମାନେ ରଜ ପର୍ବକୁ ମନାଇଥାନ୍ତି। ରଜ ହେଉଛି ଓଡ଼ିଶାର ଏକ ଜାତୀୟ ପର୍ବ। ଏହା ଏକ ସର୍ବଜନ୍ନ ଆନନ୍ଦଦାୟୀ ପର୍ବ। ପୃଥିବୀ ରଜସ୍ୱଳା ହୋଇଥାଏ। ଏହି ପାଳନ ବିଧିରେ ଝିଅ ବୋହୁ ମାନଙ୍କୁ ଶିକ୍ଷା ଦେବା, ଶରୀରକୁ ବିଶ୍ରାମ ଦେବା, ଆପଣାର ହୃଦୟରୁ ରାଗହିଂସା ପରିତ୍ୟାଗ କରି ଭାତୃମେପ୍ର ଜାଗ୍ରତ କରିବା, ଭବିଷ୍ୟତ ସମୁଜ୍ଜ୍ୱଳର ସ୍ୱପ୍ନ ଦେଖିବା, ମାତୃଭୂମିକୁ ସମ୍ମାନ ଦେବା ଓ ଭକ୍ତି କରିବା, ମାନବ ଜୀବନକୁ ଚରିତାର୍ଥ କରିବା, ଜୀବନର ସମସ୍ତ ଦୁଃଖ, ସୁଖକୁ ବରିନେବା, ପରସ୍ପର ମଧ୍ୟରେ ବିଶ୍ୱମୈତ୍ରୀର ଭାବ ଜାଗ୍ରତ କରିବା, ଆରାଧ୍ୟ ଦେବତାଙ୍କୁ ପୂଜାର୍ଚ୍ଚନା କରି ମାନବ ଚେତନକୁ ସଚେତନ କରିବା, ସଂସ୍କୃତି ଓ ସଭ୍ୟତାକୁ ସମ୍ମାନ ଦେବା ଆଦି ଦେଉଛି ଏହି ପର୍ବର ମୁଖ୍ୟ ଉଦ୍ଦେଶ୍ୟ। ଏହା ହେଉଛି ଏପରି ଏକ ପର୍ବ ଯାହା ସମସ୍ତଙ୍କ ମନରେ ଖୁସି ଆଣିଦେଇଥାଏ। ଫଳରେ ପରସ୍ପର ମଧ୍ୟରେ ପର ଆପଣା ଭେଦଭାବ ଆପଣାଛାଏଁ ମାନବ ଚେତନାରୁ ଦୂରିଭୂତ ହୋଇଥାଏ। ଏହି ପର୍ବକୁ ଏକାନ୍ତ ଆନନ୍ଦର ସହିତ ପାଳନ କଲେ ଜୀବନ ପୁଲକୀତ ହୋଇଉଠେ।

+ଓଡ଼ିଆ ଭାଷା ସାହିତ୍ୟ ଗବେଷକ
ଜିଲ୍ଲା ସଂସ୍କୃତି ସଂଯୋଜକ, ଭଦ୍ରକ, ସୁବର୍ଣ୍ଣପୁର, ଓଡ଼ିଶା
ମୋ-୮୭୬୩୫୪୮୨୦୨

# ଆମ ଗଣ ପର୍ବ-ରଜ



**ଅକ୍ଷୟ କୁମାର ରାଉତ**



ପ୍ରାଚୀନ କାଳରୁ ଓଡିଶାର କଳା, ସାହିତ୍ୟ,ସଂସ୍କୃତି, ବୀରତ୍ୱ, ସାହସିକତା ଓ ଆଧ୍ୟାତ୍ମିକ କ୍ଷେତ୍ରରେ ଭାରତ ବର୍ଷରେ ନିଜର ସ୍ୱତନ୍ତ୍ର ସ୍ଥାନ ପ୍ରଦର୍ଶନ କରିଛି। ଏହି ସ୍ୱତନ୍ତ୍ରତା ମଧ୍ୟରେ ପର୍ବ ପର୍ବାଣି ଗୁଡିକର ବୈଶିଷ୍ଟ ଓ ମହତ୍ୱ ରହିଅଛି। ପର୍ବ ପର୍ବାଣିକୁ ବାଦ୍ ଦେଲେ ଓଡିଶାର ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ ତଥା ପାରମ୍ପରିକତାର ବୈଭବକୁ କଳ୍ପନା କରିବା ଅସମ୍ଭବ। ପର୍ବ ପର୍ବାଣି ଭିତରେ ଏକ ଜାତିର ଜାତୀୟ ଜୀବନ ପ୍ରତିବିମ୍ବିତ। ତେଣୁ ଅଭିଜ୍ଞ, ଚିନ୍ତାଶୀଳ, ସମାଜ ହିତୈଷୀ ମହାମାନବ ମାନେ ଅତୀତରେ ସୁସ୍ଥ ସମାଜର ସ୍ୱପ୍ନକୁ ସାକାର କରିବା ପାଇଁ ବୌଧହୁଏ ସୃଷ୍ଟି କରିଥିଲେ ଅନେକ ପର୍ବ ପର୍ବାଣି। କଥାରେ ଅଛି- 'ବାର ମାସରେ ତେର ପର୍ବ',ଅର୍ଥାତ୍ ବେଳ କାଳ ତୁଳନାରେ ବହୁ ପର୍ବ ଓଡିଶାରେ ଅନୁଷ୍ଠିତ ହୁଏ। ମାନବ ଜୀବନ ସହିତ ପର୍ବ ପର୍ବାଣୀର ଘନିଷ୍ଠ ସମ୍ବନ୍ଧ ରହିଛି। ଏଣୁ କର୍ମ କ୍ଳାନ୍ତ ଜୀବନକୁ ହାଲ୍କା ଓ ଉଲ୍ଲସିତ କରିବା ପାଇଁ ବୋଧହୁଏ କୃଷି ପ୍ରଧାନ ଓଡିଶାରେ ବିବିଧ ପର୍ବପର୍ବାଣିର ସୃଷ୍ଟି। ତନ୍ମଧ୍ୟରୁ ରଜ ପର୍ବ ଅନ୍ୟତମ। ଓଡିଶାର ଗଣ ପର୍ବ ରୁପେ ରଜ ପର୍ବ ସର୍ବତ୍ର ପାଳିତ ହୁଏ।

ସାଧାରଣତଃ ଜ୍ୟେଷ୍ଠ ମାସରେ ରଜ ପର୍ବ ପଡିଥାଏ। କେବେ କେବେ ଜ୍ୟେଷ୍ଠ ଓ ଆଷାଢ଼ର ସନ୍ଧି କ୍ଷଣରେ ରଜ ଉତ୍ସବ ଅନୁଷ୍ଠିତ ହୋଇଥାଏ। ତିନି ଦିନ ଧରି ଲୋକେ ରଜ ଉତ୍ସବ ପାଳନ କରନ୍ତି। ପ୍ରଥମ ଦିନକୁ ପହିଲି ରଜ, ଦ୍ୱିତିୟ ଦିନ ରଜ ସଂକ୍ରାନ୍ତି ଓ ତୃତିୟ ଦିନ ଶେଷ ରଜ ବା ଭୁମି ଦହନ ନାମରେ ପରିଚିତ। ଶେଷ ରଜର ପରବର୍ତି ଦିନ ବସୁମତୀ ସ୍ନାନ ଓ ଠାକୁରାଣୀ ବୁଡ ପହିଲି ରଜର ପୂର୍ବ ଦିନ ସଜବାଜ ଦିନ, ସେହିଦିନ ଠାରୁ ରଜ ଶେଷ ପର୍ଯ୍ୟନ୍ତ ଲୋକଙ୍କ ମନରେ ଅପୂର୍ବ ଉତ୍ସାହ ଓ ଉଦ୍ଦିପନା ରହିଥାଏ। ଏଣୁ ରଜ ପାଇଁ ଖାଦ୍ୟ ପେୟ ଆଦି ଯାବତୀୟ ଜିନିଷ ପୂର୍ବ ଦିନରୁ ପ୍ରସ୍ତୁତ୍ ହୋଇଥାଏ। ଖାଇବା, ପିଇବା, ମୌଜ ମଜଲିସ ରଜର ମୁଖ୍ୟ କଥା। କଥାରେ ଅଛି ରଜଠାରୁ ଆଉ ମୌଜ ନାହିଁ। ରଜରେ ପିଠା ପଣାର ସୁଅ ଛୁଟେ। ପାଚିଲା ଆମ୍ବ, ପଣସ, ସପୁରୀ ଆଦି ଫଳର ସଦ୍ ବ୍ୟବହାର କରାଯାଏ।

ଓଡିଶାର ସାମାଜିକ ପରମ୍ପରାରେ ରଜ ଏକ ଖାଂଟି ଓଡିଆ ପର୍ବ। ପିଠା ପଣା, ଭୋଜି ଭାତ, ନାଚ ଗୀତ, ଖେଳ ଓ ଭ୍ରମଣରେ ତ୍ରିଦିନାତ୍ମକ ରଜ ଓଡିଆ ନରନାରୀକୁ ସମ୍ମୋହିତ କରେ। ରଜ ଦୋଳି ରଜ ପର୍ବର ବିଶେଷ ଆକର୍ଷଣ। ଝିଅମାନଙ୍କ କଣ୍ଠରୁ ଶୁଣାଯାଏ ମନଫୁଲାଣିଆ ରଜ ଦୋଳି ଗୀତ।

" ବନସ୍ତେ ଡାକିଲା ଗଜ
ବରଷକେ ଥରେ ଆସୁଛି
ରଜ ଲୋ
ଘେନି ନୂଆ ସଜବାଜ"

ଦୋଳି ଖେଳ ବ୍ୟତୀତ ତାସ୍, ଲୁଡୁ, କୌଡି, ଚେସ୍, କ୍ୟାରମ୍ , ପଶା ଓ ବାଗୁଡି ପ୍ରଭୃତି ଖେଳ ରଜରେ ହୋଇଥାଏ। ତାସ୍ ଖେଳ ଅଧିକ ଲୋକଙ୍କୁ ପ୍ରଭାବିତ କରିଥାଏ। ବର୍ତମାନ କ୍ରିକେଟ୍ ଖେଳର ବହୁଳ ପ୍ରଚଳନ ଯୋଗୁଁ ରଜରେ କ୍ରିକେଟ୍ ମ୍ୟାଚ୍ ମାନ ଅନୁଷ୍ଠିତ ହୋଇଥାଏ।ଦେବାଦେବୀ ମାନଙ୍କ ନିକଟରେ ଯାତ୍ରା ଉତ୍ସବ ଆୟୋଜନ କରାଯାଏ। ସଂଗୀତ, ପାଲା, ଦାସ୍ କାଠିଆ ଓ ନାଚ ରଜ ଉତ୍ସବକୁ ଅଧିକ ଆମୋଦିତ କରିଥାଏ। ଏହିଦିନ ବହୁ ସାରସ୍ୱତ କାର୍ଯ୍ୟକ୍ରମର ଆୟୋଜନ ହୋଇଥାଏ। ଗାଁ ଗହଳିରେ ଝିଅ ବୋହୂମାନେ ଦଳ ଦଳ ହୋଇ ବିଭିନ୍ନ ସ୍ଥାନ ବୁଲିଯାଆନ୍ତି। କେହି କେହି ବିଭିନ୍ନ ଦର୍ଶନୀୟ ସ୍ଥାନର ପରିଭ୍ରମଣରେ ଯାଇଥାନ୍ତି।

ରଜ ପର୍ବରେ ଭୂମିକୁ ସ୍ପର୍ଶ ନ କରିବା ପାଇଁ ପାଦରେ ଗୁଆ ଖୋଳପା ଓ କଦଳି ପଟୁକାରେ ଯୋତା ତିଆରି କରି ପରିଧାନ କରନ୍ତି। ଆଜି କାଲି ଯୋତା ଓ ଚପଲର ବ୍ୟବହାର କଲେଣି। ରଜ ପର୍ବରେ ମସିଣା ଉପରେ ବସନ୍ତି, ତଳେ ବସନ୍ତି ନାହିଁ। କାରଣ-ସେହିଦିନ ପୃଥିବୀ ରଜସ୍ୱଳା ହୁଏ ବୋଲି କଥିତ ଅଛି। ଯେପରି ରଜସ୍ୱଳା ନାରୀକୁ ସ୍ପର୍ଶ କରିବା ଅନୁଚିତ୍, ପୃଥିବୀକୁ ମଧ୍ୟ ସେହି କାରଣରୁ ରଜଦିନରେ ସ୍ପର୍ଶ କରିବା ଅନୁଚିତ୍। ରଜ ଦିନ ପୃଥିବୀ ରଜସ୍ୱଳା ହୋଇ ଉତ୍ପାଦନ କ୍ଷମ ହେଲା ବୋଲି ଧରାଯାଇଥାଏ। ତତ୍ ପରେ ତାହାକୁ କର୍ଷଣ କରି ବୀଜ ବପନ କଲେ ପୃଥିବୀ ଶସ୍ୟ ଉତ୍ପାଦନ କରେ। ତେଣୁ ରଜ ପର୍ବ କୃଷକ ମାନଙ୍କର ଏକ ପର୍ବ ହେଲେ ମଧ୍ୟ ତାଙ୍କର କର୍ତବ୍ୟ ସୂଚାଇ ଦେଇଥାଏ।

ରଜ ଓଡିଶାରେ ଏକ ପ୍ରଧାନ ଗଣ ପର୍ବ। ଏହା କେବଳ ଆମୋଦ ପ୍ରମୋଦର ପର୍ବ ନୁହେଁ। ସହୃଦୟତା ଓ ଭାତୃତ୍ୱର ବନ୍ଧନ ପର୍ବ। ବାହ୍ୟ ଆଡମ୍ବର ଅପେକ୍ଷା ରଜ ପର୍ବର ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ପ୍ରତ୍ୟେକ ବ୍ୟକ୍ତ ହୃଦୟଙ୍ଗମ କରିବା ଉଚିତ୍ । ନୈତିକ ମୂଲ୍ୟବୋଧ, ସାଂସ୍କୃତିକ ସଚେତନତା, ବନ୍ଧୁତ୍ୱ ଓ କୃଷିର ବିକାଶ ରଜ ପର୍ବର ମୁଖ୍ୟ ଉଦ୍ଦେଶ୍ୟ।

+ପାରାଦ୍ୱୀପଗଡ଼, କୁଜଙ୍ଗ
ଜଗତ୍ସିଂହପୁର
ମୋ-୯୯୩୭୬୯୧୪୭୫

## ପହିଲି ରଜ

**ନିରଞ୍ଜନ ସାହୁ**

ନୂଆ ଭାଉଜ ଗୋ ପହିଲି ରଜରେ
ସଜବାଜ ଟିକେ କର
ଗାଆଁ ବୁଲିଯିବୁ ଦୋଳି ଖେଳିଯିବୁ
ସେଥିପାଇଁ ତରବର ।

ବରଷକ ପରେ ରଜ ଆସିଛି ଗୋ
ସାଥିରେ ମଉଜ ଆଣି
ଭଲକରି ଟିକେ ବେଶ କରିଦିଅ
ଫୁଲେଇ ଭାଉଜ ରାଣୀ
ସଭିଙ୍କୁ ଯେପରି ସୁନ୍ଦର ଦିଶିବ
ସେପରି ଉପାୟ ଧର ।

ପାଦରେ ଅଳତା ମଥାରେ କୁଙ୍କୁମ
କେଶକୁ ଦିଅ ମୋ ବାନ୍ଧି
ମୋର ବେଶଭୁଷା ସରିଯିବା ପରେ
ତୁମେ ବରଂ ଯିବ ରାନ୍ଧି
ସାଙ୍ଗସାଥି ମେଳ ପଟାଦୋଳି ଖେଳ
ମନ ନ ଧରଇ ଘର ।

ପୋଡ଼ପିଠା ଖାଇ ବୁଲି ସାହିସାହି
ଆନନ୍ଦେ ଖେଳିବୁ ଦୋଳି
' ବନସ୍ତେ ଡାକିଲା ଗଜ ' ଗୀତ ଗାଇ
ହେବୁ ଆମେ କୋଳାକୋଳି
ପୁଚି ଖେଳୁଥିବୁ ମଉଜ କରିବୁ
ନଥିବ କାହାକୁ ଡ଼ର ।

ତୁମେ ତ ଜାଣିଛ କୁଆଁରୀ ଜୀବନେ
ରଜ ଅଟେ ବଡ଼ ପର୍ବ
ଓଡ଼ିଶା ରାଇଜେ ଗଣପର୍ବ ବୋଲି
ସଭିଏଁ କରନ୍ତି ଗର୍ବ
ରଜ ପାନ ଖାଅ ରଜ ଗୀତ ଗାଅ
ମନରେ ହରଷ ଭର ।

+ନିହଲ ପ୍ରସାଦ , ଗଁଡିଆ ପାଟଣା
ଢେଙ୍କାନାଳ --- ୭୫୯୦୧୬
ମୋ :--- ୯୯୩୮୭୪୧୫୮୩

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ବାଲେଶ୍ୱର, ୧୩/୬ (ନି.ପ୍ର): ସ୍ଥାନୀୟ ସଦ୍ଭାବନା ସଭାଗୃହଠାରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ନିରଞ୍ଜନ ବେହେରା, ନୀଳଗିରି ଉପଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଶ୍ରୀ ସୌରଭ ଚକ୍ରବର୍ତ୍ତୀ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଶ୍ରୀ ଦୁଲାଲ ସେନ ଜଗଦ୍ଦେବ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ପ୍ରତିଭାମଞ୍ଜରୀ ଦାସ ଓ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ସାଇକୃଷ୍ଣ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ ଓ ଏଥି ସହିତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର, ଅଗ୍ନିଶମ, ଓଡ୍ରାଫ, ସରପଞ୍ଚ ଓ ବିଭିନ୍ନ ଏନଜିଓର ପ୍ରତିନିଧିଗଣ ଏହି ବୈଠକରେ ଉପସ୍ଥିତ ଥିଲେ।

ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଓଡ଼ିଶା ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଶ୍ରେଷ୍ଠ ଥିବା ଜଣାଇଥିଲେ। ତେଣୁ ଏହା କିପରି ବଳବତ୍ତର ରହିବ ସେଥିପାଇଁ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ବନ୍ୟା ଓ ବାତ୍ୟାର ମୁକାବିଲା ନିମନ୍ତେ ଆଗୁଆ ପଦକ୍ଷେପ ନେବା ସହ ଏହାର ସୁପରିଚାଳନା ନିମନ୍ତେ ବିଭାଗୀୟ ଅଧିକାରୀ ତଥା କ୍ଷେତ୍ର କର୍ମଚାରୀମାନେ ସଜାଗ ରହିବାକୁ ଶ୍ରୀ ବେହେରା ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଜିଲ୍ଲାରେ ପ୍ରାକ ପ୍ରସ୍ତୁତି ଓ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହ ବୈଠକରେ ଆଲୋଚ୍ୟ ବିଷୟ ଉପସ୍ଥାପନା କରିଥିଲେ।

ବୈଠକର ନିଷ୍ପତି ପ୍ରକାରେ ଜିଲ୍ଲାର ବନ୍ୟା ପ୍ରବଣ ଅଞ୍ଚଳ ତଥା ତଳି ଅଞ୍ଚଳଗୁଡିକରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିରେ ଉଦ୍ଧାର ଓ ଥଇଥାନ କରିବା ନିମନ୍ତେ ଅସ୍ଥାୟୀ ଆଶ୍ରୟସ୍ଥଳୀଗୁଡିକ ଚିହ୍ନଟ କରି ପ୍ରସ୍ତୁତ ରଖିବାକୁ ମଞ୍ଚାସୀନ ଅଧିକାରୀମାନେ ନିର୍ଦ୍ଦେଶ ଦେଇଥିଲେ । ଜଳ ଯୋଗାଣକୁ ସୁବନ୍ଦୋବସ୍ତ କରିବା ସହ ନିୟମିତ ସମୟ ବ୍ୟବଧାନରେ ସମସ୍ତ ନଳକୂପ, ପାଇପ ଜଳ ଯୋଗାଣ, କୂପ ଇତ୍ୟାଦିକୁ ବିଶୁଦ୍ଧକରଣ କରିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଗର୍ଭବତୀ ମହିଳା, ଶିଶୁ ଏବଂ ବୃଦ୍ଧ ଲୋକଙ୍କୁ ପ୍ରାଥମିକତା ଦିଆଯିବ ଓ ଜିଲ୍ଲାରେ ଥିବା ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ଜିଲ୍ଲା ଓ ଉପଖଣ୍ଡ ଚିକିତ୍ସାଳୟ ଗୁଡିକରେ ଆବଶ୍ୟକ ପରିମାଣର ଔଷଧ, ବ୍ଲିଚିଂ ପାଉଡର ଇତ୍ୟାଦି ମହଜୁଦ ରଖିବା ସହ ପରିମଳ ନିମନ୍ତେ ଆଗୁଆ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସିଡିଏମଓ ଗୃହକୁ ଜଣେଇଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ସାପ କାମୁଡା ଇଂଜେକସନ ଉପଲବ୍ଧ ଥିବା ସିଡିଏମଓ ସ୍ପଷ୍ଟ କରିଥିଲେ।

ସମ୍ଭାବ୍ୟ ବନ୍ୟା ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରାଣୀ ସମ୍ପଦର ସୁରକ୍ଷା ନିମନ୍ତେ ଆଗୁଆ କାର୍ଯ୍ୟଖସଡା ପ୍ରସ୍ତୁତ କରିବା ସହ ପର୍ଯ୍ୟାପ୍ତ ପରିମାଣରେ ଆବଶ୍ୟକ ଔଷଧ ରଖିବା ଓ ଟୀକାକରଣ କରିବା ଦିଗରେ ମଧ୍ୟ ଆଲୋଚନା ହୋଇଥିଲା ଓ ଜିଲ୍ଲାର ବିଭିନ୍ନ ଜଳସେଚନ ପ୍ରକଳ୍ପ ଓ ନଦୀବନ୍ଧ ଗୁଡିକର ବନ୍ୟା ପ୍ରବଣ ସ୍ଥାନ ଚିହ୍ନଟ କରି ଆବଶ୍ୟକ ପ୍ରତିକାର ଗ୍ରହଣ କରିବା, ବନ୍ୟା ପ୍ରବଣ ଅଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ କରି ରଖିବା, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ତଥା ପରିମଳ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା, ପୌର ପରିଷଦ ଏବଂ ଏନଏସି ଅନ୍ତର୍ଗତ ସମସ୍ତ ୱାର୍ଡ, ବସ୍ତିରେ ଥିବା ନାଳ ଗୁଡିକୁ ଯଥାଶୀଘ୍ର ସଫେଇ କରିବାକୁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ମଞ୍ଚାସୀନ ଅଧିକାରୀମାନେ ନିର୍ଦ୍ଦେଶ ଦେଇଥିଲେ। ଏଠାରେ ପ୍ରକାଶ ଥାଉ କି, ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ଜାରି କରାଯାଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ଆସନ୍ତା ୧୮ ତାରିଖରେ ଜିଲ୍ଲା ଓ ବ୍ଲକସ୍ତରୀୟ ଟେବଲ ଟପ୍ ଏକ୍ସରସାଇଜ ଅନୁଷ୍ଠିତ ହେବାକୁ ଥିବା ବେଳେ ୧୯ ତାରିଖରେ ମକ୍ ଡ୍ରିଲ ଅନୁଷ୍ଠିତ ହେବ।

# ପକ୍ଷାଘାତ ରୋଗୀଙ୍କ ଟଙ୍କା ଠକି ନେଲା ୟୁ୍ୟଟୁବର: ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡା, ୧୩/୬ (ନି.ପ୍ର): ରାଜନଗର ତନ୍ତିଆପାଳ ମେରାଇନ ଥାନା ଅଧିନ ରଙ୍ଗଣୀ ପଂଚାୟତ ନାରାୟଣପୁର ଗାଁର ଜଣେ ପକ୍ଷାଘାତ ରୋଗୀଙ୍କୁ ସହାୟତା ଦେବା ଉଦ୍ଦେଶ୍ୟରେ ପ୍ରତିଶୃତି ଦେଇ ଜଣେ ୟୁ୍ୟଟୁବର ନିଜ ଆକାଉଣ୍ଟ ନମ୍ବର ଅପଲୋଡ କରି ସଂପୃକ୍ତ ପକ୍ଷାଘାତ ରୋଗୀଙ୍କ ଘଟଣାକୁ ଭିଡିଓ କରି ଟଙ୍କା ଆଦାୟ କରି ଠକି ନେଇଥିବା ଜିଲ୍ଲାପାଳ ଓ ଏସପିଙ୍କ ନିକଟରେ ଅଭିଯୋଗ ହୋଇଛି । ସେହି ଗ୍ରାମର ଅମରବର ଦୀର୍ଘ ଦିନ ହେଲା ପକ୍ଷାଘାତ ରୋଗରେ ପିଡୀତ ରହି ରୋଜଗାର ଶୂନ୍ୟ ହୋଇ ଯାଇଛନ୍ତି । ତେବେ ପତ୍ନୀ ମମତା ସ୍ୱାମୀଙ୍କୁ ଚିକିତ୍ସା କରାଇବା ପାଇଁ ସମସ୍ତ ସମ୍ପତି ବିକ୍ରି କରିଥିଲେ ମଧ୍ୟ ଅମର ସଂପୂର୍ଣ୍ଣ ସୁସ୍ଥ ହୋଇପାରି ନାହାଁନ୍ତି । ଏହି ଘଟଣାକୁ ୟୁ୍ୟଟୁବ ରେ ଅପଲୋଡ କଲେ ସହାୟତା ମିଳିବ ବୋଲି ପ୍ରତିଶୃତି ଦେଇ ଠିକାୟତ ନଗର ର ଜଣେ ଯୁବକ ସଂପୃକ୍ତ ପରିବାର ସହ ଯୋଗାଯୋଗ କରିଥିଲେ । ଓ ପିଡୀତଙ୍କ ଫୋନ ପେ ନମ୍ବର ନ ଦେଇ ନିଜ ଫୋନ ପେ ନମ୍ବର ଦେଇ ଅପଲୋଡ କରିବା ଫଳରେ ସହାୟତା ରାଶି ସଂପୃକ୍ତ ୟୁ୍ୟଟୁବର ଙ୍କ ଆକଉଣ୍ଟ କୁ ଯାଇଥିଲା । ତେବେ ପିଡୀତ ପରିବାର କୋଣସି ସହାୟତା ନପାଇବାରୁ ଅନୁସନ୍ଧାନ କରି ଜାଣିଲେ ଯେ ସଂପୃକ୍ତ ୟୁ୍ୟଟୁବର ସଂପୂର୍ଣ୍ଣ ସହାୟତା ରାଶି ହଡପ କରି ନେଇଛି । ଏଣୁ ଉପଯୁକ୍ତ ନ୍ୟାୟ ପାଇବା ପାଇଁ ମମତା ନିଜ ସ୍ୱାମୀଙ୍କୁ ନେଇ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡିଛି ।

# ଶିବ ବିବାହ ମହୋତ୍ସବରେ ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଯୋଗଦାନ

ଭଦ୍ରକ, ୧୩/୬ (ନି.ପ୍ର): ଭଦ୍ରକ ଜିଲ୍ଲା ପୁରାଣ ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣୀଙ୍କ ବିବାହ ଉତ୍ସବ ସମାରୋହରେ ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ସେବକବୃନ୍ଦ ଯୋଗଦାନ କରିଥିଲେ। ସମିତିର ମୁଖ୍ୟ ପରିଚାଳକ ପ: ଭାଗୀରଥି ନନ୍ଦଶର୍ମାଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ ସହ ଅବାହକ ବାବୁଲାଲ ଦାସ, ପ୍ରବକ୍ତା ବିଶ୍ୱମୈୟୀ ନାୟକ, ଅନ୍ନପୂର୍ଣ୍ଣା ଦେବୀ ପ୍ରମୁଖ ସର୍ବ ପ୍ରଥମେ ବାବା ଆଖଣ୍ଡଳମଣୀଙ୍କ ଦର୍ଶନ କରି ଆରଡ଼ି ପୀଠରେ ଥିବା ଶ୍ରୀ ଜଗନ୍ନାଥ ମନ୍ଦିରରେ ସମବେଶ ହୋଇ ଦଶାବତାରସ୍ତୁତ୍ର ଓ ଗୀତ ଗୋବିନ୍ଦର ଅନ୍ୟାନ୍ୟ ସ୍ତୁତିପାଠ କରିଥିଲେ। ସେଠାରେ ଉପସ୍ଥିତଥିବା କେତେକ ଶ୍ରଦ୍ଧାଳୁ ଭକ୍ତଙ୍କୁ ଶ୍ରୀ ଜଗନ୍ନାଥଙ୍କ ମହିମା ସମ୍ପର୍କରେ ଆଲୋକପାତ କରିଥିଲେ। ଆଖଣ୍ଡଳମଣୀ ଉକ୍ତ ସମାଜର ପରିଚାଳକ ମହାପାତ୍ର ପ୍ରଫୁଲ୍ଲ କୁମାର ସାହୁ ପ୍ରଚାର ସମିତି କର୍ମକର୍ତ୍ତାମାନଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀ ଜଗନ୍ନାଥଙ୍କ ମହିମା ପ୍ରଚାରକ ଓ ଗବେଷକ ସୂର୍ଯ୍ୟମଣୀ ରଥ ଶର୍ମା ସମିତିର ସେବକମାନଙ୍କୁ ପ୍ରସାଦ ପ୍ରଦାନ କରି ଆପାୟୀତ କରିଥିଲେ।

# ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତାଲିମ୍ ଶିବିର

ଜୟପୁର, ୧୩/୬ (ନି.ପ୍ର): ଏମ୍ ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ତରଫରୁ ଆଦିବାସୀଙ୍କ ସ୍ୱାସ୍ଥ୍ୟ ସ୍ଥିରତା ପାଇଁ ଗୋଷ୍ଠୀ ନେତୃତ୍ୱ ପ୍ରକଳ୍ପ ତରଫରୁ ଦଶମନ୍ତପୁର ବ୍ଲକ ଅଧୀନରେ ଥିବା ବରଗଛ ଉପକେନ୍ଦ୍ର ଠାରେ ଏକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତାଲିମ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ଦଶମନ୍ତପୁର ବ୍ଲକର ବରଗଛ ଉପକେନ୍ଦ୍ର ଅଧୀନରେ ଥିବା ୧୩ଟି ଗ୍ରାମରୁ ସମୁଦାୟ ୩୨ ଜଣ ଗୋଷ୍ଠୀ ଚାମ୍ପିୟନ - ଗାଗଡ଼ ସାଥି, ଆଶା ଏବଂ ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ। ଆଦିବାସୀ ବହୁଳ ଅଂଚଳରେ ସ୍ୱାସ୍ଥ୍ୟ ସମସ୍ୟାକୁ ଦୂରୀକରଣ କରିବା ପାଇଁ ଏମ୍ ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ସହଯୋଗରେ ଏହି ପ୍ରକଳ୍ପଟି ସ୍ଥାନୀୟ ଆଦିବାସୀଙ୍କ ମଧ୍ୟରେ ମାତୃ , ନବଜାତ ଶିଶୁ ,ପୋଷଣ ଏବଂ ଜଳ ପରିମଳ ଓ ସ୍ୱାସ୍ଥ୍ୟ ସେବାକୁ ବୃଦ୍ଧି କରିବା ଲକ୍ଷ୍ୟ ରଖିଛି। ଜନ ସଚେତନତା ସୃଷ୍ଟି କରିବା ଦିଗରେ ଗୋଷ୍ଠୀ ଚାମ୍ପିୟନ - ଗାଗଡ଼ ସାଥି ମାନଙ୍କ ଭୂମିକା ସେମାନଙ୍କ ଗ୍ରାମରେ ଗୁରୁତ୍ୱ ବହନ କରିଥାଏ।

# ଭବାନୀପାଟଣାଠାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି କମିଟି ବୈଠକ

ଭବାନୀପାଟଣା , ୧୩/୬ (ନି.ପ୍ର): ସ୍ଥାନୀୟ ଜିଲ୍ଲାପାଳଙ୍କ ସଦଭାବନା ଗୃହରେ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି କମିଟି ସମ୍ବନ୍ଧୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ ,ଭବାନୀପାଟଣା ବିଧାୟକ ସାଗର ଚରଣ ଦାସ,ଧର୍ମଗଡ ଉପ ଜିଲ୍ଲାପାଳ ଧିମନ ଚକମାଙ୍କ ସମେତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ, ତହସିଲଦାର,ବି ଡି ଓ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତନ୍ମୟ କୁମାର ଦରଓ୍ୱାନ ସମସ୍ତଙ୍କୁ ସ୍ୱାଗତ କରି ଏଜେଣ୍ଡା ଅନୁଯାୟୀ ସଭାକୁ ପରିଚାଳନା କରିଥିଲେ। ବୈଠକରେ ଜିଲ୍ଲାରେ ସମ୍ଭାବ୍ୟ ବାତ୍ୟା,ବନ୍ୟା କିମ୍ବା ଅତ୍ୟଧିକ ବର୍ଷା ହୁଏ, ତେବେ ତାହାର ସଠିକ୍ ମୁକାବିଲା କିପରି କରାଯାଇପାରିବ ସେ ବିଷୟକୁ ନେଇ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଭୂମିକା କିପରି ସଠିକ୍ ରୂପେ ରୂପାୟନ ହୋଇପାରିବ ,ତା ଉପରେ ଆଲୋଚନା କରାଗଲା ।ବିଧାୟକ ଭବାନୀପାଟଣା ସାଗର ଚରଣ ଦାସ ନିଜ ବକ୍ତବ୍ୟ ରେ କଳାହାଣ୍ଡି ଜିଲ୍ଲାରେ ବନ୍ୟା, ବର୍ଷା ପୂର୍ବରୁ ନଦୀବନ୍ଧ ତଥା ସହରାଂଚଳ ନାଳ ମରାମତି,ଜଳ ଅବରୋଧ ସ୍ଥାନ ଚିହ୍ନଟ, ବନ୍ୟପ୍ଲାବିତ ଅଞ୍ଚଳରେ ଆବଶ୍ୟକ ଔଷଧ , ସାପ କାମୁଡା ଇଞ୍ଜେକସନ ଓ ଖାଦ୍ୟ ମହଜୁଦ ଉପରେ ପ୍ରଶାସନ ପଦକ୍ଷେପ ନେବାକୁ କହିଥିଲେ। ସାଂସଦ ମାଳବିକା ଦେବୀ ବନ୍ୟା ପରବର୍ତ୍ତୀ ସମୟରେ ହଇଜା,ଡେଙ୍ଗୁ ମ୍ୟାଲେରିଆ ନିରାକରଣ ପାଇଁ ପ୍ରତିଷେଧକ, ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି,ବିପର୍ଯ୍ୟୟ ସମୟ ଓ ବିପର୍ଯ୍ୟୟ ପରବର୍ତ୍ତୀ କାଳରେ ସଂପୃକ୍ତ ଅଧିକାରୀ ଙ୍କ ଦାୟିତ୍ୱ ଓ ତ୍ୱରିତ ପଦକ୍ଷେପ ଉପରେ ପ୍ରଶାସନ ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ। ବିପର ?ୟ୍ୟୟ ସମୟରେ ଯେମିତି ଲୋକଙ୍କୁ ସୁରକ୍ଷିତ ଉଦ୍ଧାର, ଆଶ୍ରୟସ୍ଥଳୀରେ ରହିବା ବ୍ୟବସ୍ଥା, ଯୋଗାଯୋଗ ବ୍ୟବସ୍ଥା, ଖାଦ୍ୟ,ପାନୀୟ, ଶିଶୁ ଖାଦ୍ୟ, ଔଷଧ, ଆଲୋକର ବ୍ୟବସ୍ଥା, ନିୟନ୍ତ୍ରଣ କେନ୍ଦ୍ର ସ୍ଥାପନ, ମହିଳା, ଶିଶୁ, ଭିନ୍ନକ୍ଷମ ଓ ବୃଦ୍ଧ ଙ୍କ ପାଇଁ ଉଚିତ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଦିଗରେ ସମସ୍ତ ବିଭାଗୀୟ ଅଧିକାରୀ ନିଜ ଦାୟିତ୍ୱ ସହ ଆଗୁଆ ପଦକ୍ଷେପ ସହ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା ପରିସ୍ଥିତି ରେ ଉଦ୍ଧାର ଓ ଥଇଥାନ କରିବା ନିମନ୍ତେ ଅସ୍ଥାୟୀ ଆଶ୍ରୟସ୍ଥଳୀ ପ୍ରସ୍ତୁତ , ଶୁଖା ଓ ରନ୍ଧା ଖାଦ୍ୟ ବ୍ୟବସ୍ଥା, ଔଷଧ ମହଜୁଦ, ନଦୀ ବନ୍ଧ ଓ ଘାଇ ମରାମତି, ସହରାଂଚଳ ରେ ନାଳ ସଫେଇ ଓ ମରାମତି, ପାଇପ୍ ଦ୍ୱାରା ବିଶୁଦ୍ଧ ଓ ବିଶୋଧିତ ଜଳ ଯୋଗାଣ, ନଳକୂପ ବିଶୋଧନ, ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଔଷଧ , ହେଲୋଜିନ ବାଟିକା, ଓ ଆର୍ ଏସ, ବ୍ଲିଚିଂ, ସାପ କାମୁଡା ଇଞ୍ଜେକସନ ଉପଲବ୍ଧ, ପ୍ରାଣୀସମ୍ପଦ ର ସୁରକ୍ଷା ନିମନ୍ତେ ଟୀକା ଏବଂ ଔଷଧ ସହ ପଦକ୍ଷେପ, ଦୁର୍ଗମ ଅଂଚଳରେ ଅତ୍ୟାବଶ୍ୟକ ସାମଗ୍ରୀ , ଜିଲ୍ଲା ଓ ବ୍ଲକ ସ୍ତରରେ ନିୟନ୍ତ୍ରଣ କକ୍ଷ ସ୍ଥାପନ, ବୃଷ୍ଟିପାତ ସମ୍ବର୍ଦ୍ଧିତ ତଥ୍ୟ ପ୍ରଦାନ, ସାର ଓ କୀଟନାଶକ ମହଜୁଦ, ବିପର୍ଯ୍ୟୟ ସମୟରେ ରାସ୍ତା ଅବରୋଧ କୁ ହଟାଇବା ସମ୍ବର୍ଦ୍ଧିତ ସଂପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀ ଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ବିପର୍ଯ୍ୟୟ ସମୟରେ ପ୍ରଶାସନ ଦ୍ୱାରା ସ୍ଥାପିତ ଜିଲ୍ଲା ନିୟନ୍ତ୍ରଣ କକ୍ଷର ଫୋନ୍ ନମ୍ବର ୦୬୬୭୦ ୨୩୦୪୫୫କୁ ଯୋଗାଯୋଗ କରିବାକୁ ସମସ୍ତଙ୍କୁ ଅନୁରୋଧ କରାଗଲା ।

# ନବ ନିର୍ବାଚିତ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲା ଓଡ଼ିଶା ଅମଲା ସଂଘ

ଜୟପୁର, ୧୩/୬ (ନି.ପ୍ର): ୨୦୨୪ ଚଳିତ ନିର୍ବାଚନରେ ନୂତନ ଭାବେ ନିର୍ବାଚିତ ମୁଖ୍ୟମନ୍ତ୍ରୀ ଓଡ଼ିଶାଙ୍କ ସମେତ ନିର୍ବାଚିତ ସାଂସଦ ଓ ବିଧାୟକମାନଙ୍କୁ ଓଡ଼ିଶା ଅମଲା ସଂଘ ଓ ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ଆବାହକ ଶ୍ରୀ ଶଶୀ ଭୂଷଣ ଦାଶ୍ ସଭାପତି ଓଡ଼ିଶା ଅମଲା ସଂଘ ଓ ସଭାପତି ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖାଙ୍କ ଆହ୍ୱାନ କ୍ରମେ ବିଭିନ୍ନ ବିଭାଗରେ କାର୍ଯ୍ୟ ରତ ବିଭିନ୍ନ ବର୍ଗର କର୍ମଚାରୀ ଉପସ୍ଥିତ ରହି ନୂତନ ସରକାର ଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଶୁଭେଚ୍ଛା ଜ୍ଞାପନ କରିବା ପରେ କର୍ମଚାରୀ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା, ସ୍ୱଳ୍ପ ବେତନ ଭୋଗି କର୍ମଚାରୀ ମାନେ ନିଷ୍ପେସିତ, ଅବହେଳିତ, ଅସହାୟ, ନିର୍ଯ୍ୟାତିତ ସହିତ ବିଭିନ୍ନ ପ୍ରକାର ସମସ୍ୟା ର ସମ୍ମୁଖୀନ ହେଉଥିବା ବୈଠକ ରେ ଆଲୋଚନା ହୋଇଥିଲା । ଆଗରୁ ସରକାର ଛୋଟ କର୍ମଚାରୀ ମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରିବା ସହିତ ଟାଳ ଟୁଳ ନିତି ଅବଲମ୍ବନ କରିଥିବା ଉପସ୍ଥିତ କର୍ମଚାରୀ ମାନେ ମତପ୍ରକାଶ କରିଥିଲେ। କର୍ମଚାରୀ ମାନଙ୍କ ନ୍ୟାର୍ଯ୍ୟ ଦାବି ପୁରଣ ନିମନ୍ତେ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ଶେଷ ସମୟରେ ପ୍ରତାରଣା କରିଥିବା ଯୋଗୁ ସମସ୍ତ ଉପସ୍ଥିତ କର୍ମଚାରୀ ପୂର୍ବତନ ସରକାର ଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଏହା କର୍ମଚାରୀ ମାନଙ୍କ ପ୍ରତି କୁଠାର ଘାତ ବୋଲି ସମସ୍ତେ ମତ ଦେଇଥିଲେ. ନୂତନ ସରକାର ଦାୟିତ୍ୱ ଗ୍ରହଣ କରିବା ପରେ ପରେ କର୍ମଚାରୀ ମାନଙ୍କ ଦାବି ଉପରେ ଦୃଷ୍ଟି ଆକର୍ଷଣ କରିବା ସହିତ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ପାଇଁ ବୈଠକର ଆଲୋଚନା ହୋଇଥିଲା । ଏଥିରେ ଶଶୀ ଭୂଷଣ ଦାଶ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ଓ ସଭାପତି ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା, ମହେଶ୍ୱର ମିଶ୍ର ସମ୍ପାଦକ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା, ସଞ୍ଜୟ ପଣ୍ଡା ସମ୍ପାଦକ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, କେ ସୁବାସ ଚନ୍ଦ୍ର ଆଚାରି ସାଙ୍ଗଠନିକ ସମ୍ପାଦକ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ଙ୍କ ସମେତ ବହୁ ବରିଷ୍ଠ ସଦସ୍ୟ ଓ କର୍ମକର୍ତ୍ତା ଯୋଗଦାନ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଗେଷ୍ଟହାଉସରୁ କାର୍ଯ୍ୟ ଆରମ୍ଭ...

ମୁଖ୍ୟମନ୍ତ୍ରୀ ଅନୁମୋଦନ କରିବେ ବୋଲି ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବେ ନୂଆ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ପାଇଁ ସଜେଇ ହେଉଥିବାରୁ ଶ୍ରୀ ମାଝୀ ଏବେ ଅସ୍ଥାୟୀ ଭାବେ ରାଜ୍ୟ ଅତିଥି ଭବନର ପ୍ରଥମ ମହଲାରୁ ନିଜର କାର୍ଯ୍ୟ ଜାରି ରଖିବେ ବୋଲି ସୂଚନା ମିଳିଛି । ଆଜି ଭୋରରୁ ପୁରୀରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରିବା ପରେ ରାଜ୍ୟ ଅତିଥି ଭବନରୁ ରହି ଶ୍ରୀ ମାଝୀ ନିଜର କାର୍ଯ୍ୟ ଆରମ୍ଭ କରିଛନ୍ତି । ପୁରା ଆକ୍ସନମୋଡରେ ନୂଆ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅଛନ୍ତି ଓ ବିଭିନ୍ନ ବିଭାଗର ସଚିବମାନଙ୍କୁ ଡାକି କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନିର୍ଦ୍ଦେଶ ଦେଇ ତାକୁ ତୁରନ୍ତ ପାଳନ କରିବା ପାଇଁ ମଧ୍ୟ ତାଗିଦ୍ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତକାଲି ସନ୍ଧ୍ୟାରେ ଶପଥ ଉତ୍ସବ ପରେ କ୍ୟାବିନେଟ୍ ବୈଠକ ଡାକି ବିଜେପିର ନିର୍ବାଚନୀ ପ୍ରତିଶ୍ରୁତି ଆଧାରରେ ୪ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିବା ମୋହନ ମାଝୀଙ୍କ ସରକାର ପୁରୀରେ ରାତି ବିତାଇଛନ୍ତି । ନବନିଯୁକ୍ତ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ଆଜି ସକାଳୁ ମହାପ୍ରଭୁଙ୍କ ଦର୍ଶନ କରିଥିଲେ । ଆଉ ଦୀର୍ଘଦିନ ଧରି ବନ୍ଦ ରହିଥିବା ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବାବେଳେ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିଥିଲେ।

### ସିରିଜ ଦୁର୍ଘଟଣା: ୪ଟି କାରକୁ ...

କମିଶନରେଟ୍ ପୁଲିସ୍ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ରାସ୍ତାରୁ ହଟାଇଥିଲା। ଏଥିସହ ପ୍ରତିବାଦ କରୁଥିବା ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରୁଥିବା ଜଣାପଡ଼ିଛି। ସୂଚନାରୁ ପ୍ରକାଶ, ଗତ ୬ ମାସରେ ପଲାଶୁଣି ଛକରେ ଦୁର୍ଘଟଣାଘଟି ୧୩ରୁ ଅଧିକ ଲୋକ ଆହତ ହୋଇଛନ୍ତି। ବାରମ୍ବାର ସେହି ସ୍ଥାନରେ ଦୁର୍ଘଟଣା ଘଟୁଥିବାରୁ ଫୁଟ୍ ଓଭର ବ୍ରିଜ୍ ନିର୍ମାଣ ପାଇଁ ଦାବି ହେଉଥିଲା। ଏଥିପାଇଁ ସାଂସଦ ପାଣ୍ଠିରୁ ଅର୍ଥ ମଞ୍ଜୁର କରାଯାଇଥିଲା। ହେଲେ ସ୍ଥାନ ନିରୁପଣ ହୋଇପାରୁନଥିବାରୁ ଫୁଟ୍ ଓଭର ବ୍ରିଜ୍ ନିର୍ମାଣ ହୋଇପାରୁନଥିବା ଚର୍ଚ୍ଚା ହେଉଛି।

### ପୋଷ୍ଟାଲ ଚାକିରି ପାଇଁ ଜାଲ...

ରେଡରେ ବିଭିନ୍ନ ବିଭାଗର ଆଉ ୮୨ ଜଣ ଅଧିକାରୀ ମଧ୍ୟ ସାମିଲ ରହିଛନ୍ତି। ଭୁବନେଶ୍ୱରରେ ଥିବା ପୋଷ୍ଟାଲ ସର୍ଭିସ ନିର୍ଦ୍ଦେଶକଙ୍କ ପକ୍ଷରୁ ଜାଲ ପ୍ରମାଣପତ୍ର ସମ୍ପର୍କରେ ପ୍ରଥମେ ସିବିଆଇରେ ଅଭିଯୋଗ ହୋଇଥିଲା। ଜାଲ ପ୍ରମାଣପତ୍ର ଯୋଗାଇ ଦେଉଥିବା ଅନ୍ତଃରାଜ୍ୟ ଗ୍ୟାଙ୍ଗର ପର୍ଦ୍ଦାଫାସ କରିବାକୁ ସିବିଆଇ ଉଦ୍ୟମ କରୁଛି। ଗ୍ରାମୀଣ ଡାକ ସେବା ପରୀକ୍ଷାରେ ୬୩ ଜଣ ଜାଲ୍ ସାର୍ଟିଫିକେଟ ଦେଇଥିବା ଅଭିଯୋଗ ହୋଇଥିଲା। ଏହାପରେ ସିବିଆଇ ୨୦୨୩ ମସିହା ମେ’ ୯ ତାରିଖରେ ଆଇପିସିର ୧୨୦-ବି, ୪୨୦, ୪୬୮, ୪୭୧ ଓ ୫୧୧ ଦଫା ସହ ଦୁର୍ନୀତି ନିରୋଧ ଆଇନ ୧୯୮୮ର ଧାରା ୭(ଏ) ଅନୁସାରେ ନିୟମିତ ମାମଲା ରୁଜୁ କରିଥିଲା। ଜାଲ ପ୍ରମାଣପତ୍ର ଦେଇଥିବା ୬୩ ଜଣ ପ୍ରାର୍ଥୀ, ପୋଷ୍ଟାଲ ବିଭାଗର ଅଜଣା ଅଧିକାରୀ ଓ କିଛି ମଧ୍ୟସ୍ଥିଙ୍କ ନାଁରେ ଏପରି ମାମଲା ହୋଇଥିଲା। ୨୦୨୩ ମସିହା ଜାନୁଆରୀ ୨୭ରେ ଗ୍ରାମୀଣ ଡାକ ସେବା(ଜିଡିଏସ୍)ର ୧୩୮୨ ପଦ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଯେକୌଣସି ଅଧିକୃତ ବୋର୍ଡରୁ ୧୦ ପାସ ସହ ସ୍ଥାନୀୟ ଭାଷା ଉପରେ ଦଖଲ ରହିବା ଜରୁରୀ ବୋଲି ଚାକିରି ପାଇଁ ସର୍ବନିମ୍ନ ଯୋଗ୍ୟତା ରଖା ଯାଇଥିଲା। ନିୟମ ଅନୁସାରେ ଆଶାୟୀଙ୍କୁ ସର୍ଭରରେ ନିଜର ୧୦ମ ପାସ ପ୍ରମାଣପତ୍ର ଓ ମାର୍କଶିଟ ଦାଖଲ କରିବାକୁ ପଡ଼ିବ। ୧୦ମ ପରୀକ୍ଷାରେ ରଖିଥିବା ମାର୍କ ଆଧାରରେ ଚୟନପ୍ରକ୍ରିୟା ହେବାର ଥିଲା। ଚୟନ ହୋଇଥିବା ଆଶାୟୀଙ୍କୁ ଏସଏମଏସ ଓ ଇ-ମେଲ ଜରିଆରେ ଏ ସମ୍ପର୍କରେ ଅବଗତ କରାଯାଇଥିଲା। ଯୋଗ୍ୟ ଆଶାୟୀଙ୍କୁ ୧୫ ଦିନ ମଧ୍ୟରେ ଉପଯୁକ୍ତ ଅଧିକାରୀଙ୍କ ନିକଟରେ ହାଜର ହୋଇ କାଗଜପତ୍ର କାମ କରିବାକୁ କୁହାଯାଇଥିଲା। ତେବେ ଯାଞ୍ଚ ସମୟରେ ଓଡ଼ିଶା ପୋଷ୍ଟାଲ ସର୍କଲ ଜାଣିବାକୁ ପାଇଥିଲା ଯେ ବିଭିନ୍ନ ଡିଭିଜନର ୬୩ ଜଣ ଆଶାୟୀ ନକଲି ପ୍ରମାଣପତ୍ର ଦାଖଲ କରିଛନ୍ତି। ବାଲେଶ୍ୱର, ମୟୂରଭଞ୍ଜ, କଳାହାଣ୍ଡି ଓ ବ୍ରହ୍ମପୁରର ଏହି ୬୩ ଜଣ ଆଶାୟୀ ଜାଲ ପ୍ରମାଣପତ୍ର ଦାଖଲ କରିଥିବା ଜଣାପଡ଼ିଥିଲା। ଏହି ଜାଲ ପ୍ରମାଣପତ୍ରଗୁଡ଼ିକ ଆହ୍ଲାବାଦ, ପଶ୍ଚିମବଙ୍ଗ ବୋର୍ଡ, କୋଲକାତା, ଝାରଖଣ୍ଡ ଏକାଡେମୀ କାଉନସିଏ, ରାଞ୍ଚି ଭଳି ବୋର୍ଡ ଅଫ ହାଇସ୍କୁଲ ଓ ଇଣ୍ଟରମିଡିଏଟ ଏଡୁକେସନ ପକ୍ଷରୁ ଜାରି କରାଯାଇଥିଲା। ଅଭିଯୋଗ ହୋଇଛି ଯେ ଜାଲ ପ୍ରମାଣପତ୍ର ପଛରେ ଅନ୍ତଃରାଜ୍ୟ ଗ୍ୟାଙ୍ଗର ହାତ ରହିଛନ୍ତି। ତେଣୁ ସିବିଆଇ ପକ୍ଷରୁ ଏହାର ଯାଞ୍ଚ ଆରମ୍ଭ କରାଯାଇଛି।

### ଘଟିଲା ଅପେକ୍ଷାର...

ସବୁଠୁ ବେଶୀ କଲବଲ ହୋଇଥିଲେ ପୁରୀ ବାସିନ୍ଦା ଓ ମଠ ମନ୍ଦିର ଅନ୍ତେବାସୀ। ଶ୍ରୀମନ୍ଦିରର ୪ ଦ୍ୱାର ଖୋଲାଯିବା ଦାବିରେ ଆରମ୍ଭ ହୋଇଥିଲା ଆନ୍ଦୋଳନ ଓ ବିକ୍ଷୋଭ। ପୁରୀ ବାସିନ୍ଦା, ବିଭିନ୍ନ ସଂଗଠନ ଓ ରାଜନୈତିକ ଦଳଙ୍କ ପକ୍ଷରୁ ବନ୍ଦ ପାଳନ ଓ ଆନ୍ଦୋଳନ କରାଯାଇଥିଲା। ଏହାପରେ ସରକାର ୨୦୨୩ ଜୁଲାଇ ୨୪ରେ କେବଳ ସେବାୟତ ଓ ପୁରୀ ବାସିନ୍ଦାଙ୍କ ପାଇଁ ପଶ୍ଚିମ ଦ୍ୱାର ଖୋଲିଥିଲେ। ହେଲେ ସିଂହଦ୍ୱାର ପଟେ ବ୍ୟାରିକେଡ୍ ଯନ୍ତ୍ରଣା ଭୋଗିଥିଲେ ବୃଦ୍ଧ, ମହିଳା, ଶିଶୁ ଓ ଦିବ୍ୟାଙ୍ଗ। ପରିକ୍ରମା ପ୍ରକଳ୍ପ ଆଳରେ ୩ବର୍ଷ ଧରି ପୂର୍ବତନ ରାଜ୍ୟ ସରକାର ଭକ୍ତଙ୍କ ପାଇଁ ୪ ଦ୍ୱାର ପ୍ରବେଶ ବନ୍ଦ ରଖିଥିଲେ। ୨୦୨୪ ଜାନୁଆରୀ ୧୭ ତାରିଖରେ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପରେ ବି ଖୋଲି ନଥିଲା ସବୁ ଦ୍ୱାର। ପଶ୍ଚିମ ଦ୍ୱାରବାଟେ ଲାଞ୍ଚ ନେଇ ଭକ୍ତଙ୍କୁ ଛଡ଼ା ଯିବାର ଭିଡ଼ିଓ ଭାଇରାଲ୍ ହୋଇଥିଲା। ଶ୍ରୀମନ୍ଦିର ସେବାୟତ ଓ ପରିଚାଳନା କମିଟି ସଭ୍ୟ ବି ୪ ଦ୍ୱାର ଖୋଲିବାକୁ ଦାବି କରିଥିଲେ। କିଛି ଫଳପଦ ହୋଇନଥିଲା। ସବୁ ଜାଣି ବି ଅଜଣା ଥିଲା ପୂର୍ବତନ ନବୀନ ସରକାର। ଶ୍ରୀମନ୍ଦିର କାର୍ଯ୍ୟାଳୟ ପାଖରୁ ସିଂହଦ୍ୱାର ଯାଏଁ ତିଆରି ହୋଇଥିଲା ଦୀର୍ଘ ଏସି ସେଡ୍। ତଥାପି ସେ ବାଟେ କାଳିଆ ଦର୍ଶନ ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଥିଲା। ରାଜ୍ୟରେ ବିଜେପି ସରକାର ଆସିବା ପରେ ଗତକାଲି ବସିଥିଲା ପ୍ରଥମ କ୍ୟାବିନେଟ୍ ବୈଠକ। ଏହି ବୈଠକରେ ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲିବାକୁ ନିଷ୍ପତ୍ତି ହୋଇଥିଲା। ଆଜି ସକାଳେ ଭକ୍ତ ପାଇଁ ଶ୍ରୀମନ୍ଦିରର ୪ ଦ୍ୱାର ଖୋଲିଛି।

### କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଭାବରେ...

ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ । ଶିକ୍ଷାର ପ୍ରମୁଖ ଏଜେଣ୍ଡାରେ ମୂଳତଃ ଜାତୀୟ ଶିକ୍ଷା ନୀତିକୁ ଅଧିକରୁ ଅଧିକ କ୍ରିୟାନ୍ୱୟନ ଉପରେ ଗୁରୁତ୍ୱ ଦିଆଯିବ । ମୁଁ ଏବଂ ମୋର ଟିମ୍ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱ ଏବଂ ମାର୍ଗଦର୍ଶନରେ ଜାତୀୟ ଶିକ୍ଷା ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ନୂଆ ନୂଆ ମାର୍ଗ ପ୍ରସ୍ତୁତ କରିବୁ । ଭାରତବର୍ଷର ନୂଆପିଢିଙ୍କୁ ବୈଶ୍ୱିକ ସ୍ତରରେ ପହଞ୍ଚାଇବା ପାଇଁ ଶିକ୍ଷା ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବାଲବାଟିକାରୁ ଆରମ୍ଭ କରି ଗବେଷଣା କ୍ଷେତ୍ରରେ ସବୁ କାମକୁ ତ୍ୱରାନ୍ୱିତ କରାଯିବ । ଜାତୀୟ ଶିକ୍ଷା ନୀତି ରୂପକ ଦାର୍ଶନିକ ଦସ୍ତାବିଜ୍ ଆହୁରି ରୁଟେଡ୍ ହେବ । ଶିକ୍ଷା ଦୃଶ୍ୟପଟ୍ଟକୁ ଭବିଷ୍ୟତଗାମୀ କରାଯିବ । ଲୋକଙ୍କୁ ସଶକ୍ତ କରିବା ସହ ଭାରତକୁ ଏକବିଂଶ ଶତାବ୍ଦୀର ଜ୍ଞାନ ଅର୍ଥନୀତି ଭାବରେ ପ୍ରତିଷ୍ଠିତ କରିବା ଆମର ଲକ୍ଷ୍ୟ ରହିଛି । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ଅନେକ ବିଷୟରେ ସ୍ଥାନୀୟ ସରକାରର ଅସହଯୋଗ କାରଣରୁ ହୋଇପାରୁନଥିଲା । ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ (ପିଏମ-ଉଷା) ସମେତ ସରକାରୀ ସ୍କୁଲ ଗୁଡିକରେ ପିଏମ ଶ୍ରୀସ୍କୁଲକୁ ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରାଯାଇପାରୁନଥିଲା । ପିଏମ ଶ୍ରୀ ଯୋଜନାରେ ପ୍ରାୟ ୮୦୦ଟି ସରକାରୀ ସ୍କୁଲ ପିଏମ ଶ୍ରୀ ସ୍କୁଲରେ ବିକଶିତ ହେବା ସହ ୫ ବର୍ଷରେ ୧୬୦୦ କୋଟିରୁ ଅଧିକ ଟଙ୍କା ଆସିବ । ଓଡ଼ିଶାରେ ମାଟ୍ରିକ ପରୀକ୍ଷାରେ ଫର୍ମ ପୂରଣ କରି ପ୍ରାୟ ୫୦ ପ୍ରତିଶତ ପିଲାମାନେ ପରୀକ୍ଷା ଦେଉନଥିବା ବେଳେ ସେ ଉପରେ ଦୃଷ୍ଟି ଦିଆଯିବ । ଓଡ଼ିଶାରେ ନବଗଠିତ ରାଜ୍ୟ ଏବଂ କେନ୍ଦ୍ର ସରକାରର ମିଳିତ ଉଦ୍ୟମରେ ଶିକ୍ଷାକୁ ଅଗ୍ରାଧିକାର ଦିଆଯିବ । ଓଡ଼ିଆ ଅସ୍ମିତାର ମୂଳ ବିଷୟ ହେଲା ଓଡ଼ିଶାର ବୌଦ୍ଧିକ କ୍ଷମତା । ରାଜ୍ୟର ଶିକ୍ଷା ବ୍ୟବସ୍ଥା ବହୁତ ଗଭୀର । ୧୯୩୬ ସୁଦ୍ଧା ଓଡ଼ିଶା ଭାଷାଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ ହେବ । ୨୦୪୭ ସୁଦ୍ଧା ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରିବ । ଏହି ସମୟ ସୀମା ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଭିଜନରେ ଗୁଣାତ୍ମକ ଶିକ୍ଷା ଆଧାରରେ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ସ୍ୱପ୍ନ ପୂରଣ ହେବ । ବୈଷୟିକ ଶିକ୍ଷା, ମେଡିକାଲ ଶିକ୍ଷା ଏବଂ ସ୍କିଲ୍ ଶିକ୍ଷା ଉପରେ ଯୋର୍ ଦିଆଯିବ । କେନ୍ଦ୍ରମନ୍ତ୍ରୀଙ୍କ ସହ ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଭାବରେ ଚୌଧୁରୀ ଜୟନ୍ତ ସିଂହ ଏବଂ ଡା. ସୁକାନ୍ତ ମଜୁମଦାର୍ ମଧ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି ।

### ଗ୍ରେସ୍ ମାର୍କ ରଦ୍ଦ...

ପରୀକ୍ଷା କରାଇବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ସେ କୋର୍ଟକୁ ଜଣାଇଛି। ଅନ୍ୟପଟେ ସୁପ୍ରିମକୋର୍ଟ ଏନଇଇଟି କାଉନ୍‌ସେଲିଂ ଉପରେ ରୋକ ଲଗାଇବାକୁ ପୁଣି ଥରେ ମନା କରିଦେଇଛନ୍ତି। ଏଥିସହ ଏହି ପୁରୀକ୍ଷାରେ କେବଳ ଗ୍ରେସ୍ ମାର୍କ ମିଳିଥିବା ଛାତ୍ରଛାତ୍ରୀମାନେ ହିଁ ସାମିଲ ହେବ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। ଗ୍ରେସ୍ ମାର୍କିଂ ବିଷୟରେ ଏନଟିଏସୁପ୍ରିମକୋର୍ଟଙ୍କୁ କହିଛନ୍ତି ଯେ ୧୫୬୩ ଜଣ ଛାତ୍ରଙ୍କୁ ପୁଣି ପରୀକ୍ଷା ଦେବାକୁ ବିକଳ୍ପ ଦିଆଯାଉଛି। ଯେଉଁ ଛାତ୍ରଛାତ୍ରୀମାନେ ପୁନର୍ବାର ପରୀକ୍ଷା ଦେବାକୁ ଚାହାଁନ୍ତି ନାହିଁ, ସେମାନଙ୍କୁ ବିନା ଗ୍ରେସ୍ ମାର୍କରେ ସେମାନଙ୍କ ଅରିଜନାଲ ମାର୍କଶିଟ୍ ଦିଆଯିବ। ନିଟ୍ ପରୀକ୍ଷାକୁ ନେଇ ସୁପ୍ରିମକୋର୍ଟରେ ହୋଇଥିବା ତିନୋଟି ପିଟିସନ ମଧ୍ୟରୁ ଫିଜିକ୍ସ ୱାଲାର ସିଇଓ ଅଲଖ ପାଣ୍ଡେଙ୍କ ଦ୍ୱାରା ଗୋଟିଏ ପିଟିସନ୍ ମଧ୍ୟ ଦାଖଲ କରାଯାଇଛି। ସେ ଏଥିରେ ଦାବି କରିଛନ୍ତି ଯେ ଗ୍ରେସ୍ ମାର୍କ ଦେବା ପାଇଁ ଘଞ୍ଜଇ ର ନିଷ୍ପତ୍ତି ମନମୁଖୀ ଅଟେ। ଦ୍ୱିତୀୟ ଆବେଦନ ଏସଆଇଓ ସଦସ୍ୟ ଅବଦୁଲ୍ଲା ମହମ୍ମଦ ଫୈଜ୍ ଏବଂ ଡକ୍ଟର ଶେଖ ରୋଶନ ମୋହିଦ୍ଦିନଙ୍କ ଦ୍ୱାରା କୋର୍ଟରେ ଦାଖଲ କରାଯାଇଛି। ଏହି ଆବେଦନଗୁଡ଼ିକରେ ପରୀକ୍ଷାର ଫଳାଫଳ ରଦ୍ଦ କରି ପୁନର୍ବାର ପରୀକ୍ଷା ଆୟୋଜିତ କରିବାକୁ ଦାବି କରାଯାଇଛି।

### ରଜରେ ଅଥୟ କରିବ...

ପ୍ରବଳ ବର୍ଷା ହେବ। ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିପରି ସୁନ୍ଦରଗଡ଼,କେନ୍ଦୁଝର, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ବର୍ଷା ସହ ଘଡ଼ଘଡ଼ି ଓ ବଜ୍ରପାତ ହେବାର ସମ୍ଭାବନା ରହିଛି। ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କିମି ରହିବ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଦ୍ୱିତୀୟ ରଜ ଅର୍ଥାତ ଶନିବାର ନବରଙ୍ଗପୁର, କୋରାପୁଟ, ରାୟଗଡ଼ା ଓ ଗଜପତି ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାପରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ।

ଶୁକ୍ରବାର, ଜୁନ୍ ୧୪, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଉଦ୍‌ଘାଟିତ ହେଲା ୩ ଦିନ ବ୍ୟାପି ରଜ ମହୋତ୍ସବ-୨୦୨୪



ବାରିପଦା , ୧୩/୬ (ନି.ପ୍ର): ବାରିପଦାର ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ଗୁରୁକୁଳ ଡ୍ୟାନ୍ସ ଆଣ୍ଡ ଭିଜୁଆଲ୍ ଏକାଡେମୀ ତରଫରୁ ମା' ଅମ୍ବିକା ମନ୍ଦିର ନିକଟସ୍ଥ ଶିଶୁ ଉଦ୍ୟାନରେ ୩ ଦିନିଆ ରଜମଉଜ-୨୦୨୪ ଉଦ୍‌ଘାଟିତ ହୋଇଯାଇଛି। ରଜମଉଜ କାର୍ଯ୍ୟକ୍ରମର ସଭାପତି ଜିତେନ୍ଦ୍ର ମହାନ୍ତିଙ୍କ ଦିଗ୍‌ଦର୍ଶନରେ ଲକ୍ଷ୍ମୀକାନ୍ତ କଲେଜର ଅଧ୍ୟକ୍ଷା ଡ଼ ପୁଷ୍ପ ପାତ୍ର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, କୁକୁ ମିନ ଫିତାକାଟି ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତ ଓ ନିର୍ଦ୍ଦେଶକ ଲିଟନ୍ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ,ବାରିପଦା ପୌରପାଳିକା ଉପନଗରପାଳ ସୀମା ଦାସ, ସୁଦର୍ଶନୀ ସାହୁ, ଅନନ୍ତ ଦାସ, ଦୀପ୍ତିଲତା ମିଶ୍ର, ପୂଜା ତରେଇ, ମୀନା ଗିରି, ଓଡ଼ିଆ ସିନେ ଜଗତର ଉପସ୍ଥାପିକା ଖୁସି କୁମାର ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ସନ୍ଧ୍ୟାରେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା । ଗୁରୁକୁଳ ଡ୍ୟାନ୍ସ ଆଣ୍ଡ ଭିଜୁଆଲ୍ ଏକାଡେମୀର ଛାତ୍ରଛାତ୍ରୀମାନେ ଛଉ ଓ ଆଧୁନିକ ନୃତ୍ୟ ପରିବେଷଣ କରିଥିଲେ । ଏହା ପରେ ଆଧୁନିକ ରେକର୍ଡ ଡ୍ୟାନସ ଓ ରଜକୁଇନର ପ୍ରାରମ୍ଭିକ ପର୍ଯ୍ୟାୟ ଅନୁଷ୍ଠିତ ହୋଇଥିଲା । ଆଙ୍କର ଖୁସି କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ରଜମଇଜର ବିଭିନ୍ନ ପ୍ରତିଯୋଗିତାରେ ବହୁ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ ।

# ଇଦ୍-ଉଲ-ଜୁହା ପର୍ବ ପାଳନ ଉପଲକ୍ଷେ ପ୍ରଶାସନିକ ପ୍ରସ୍ତୁତି ବୈଠକ



ଭଦ୍ରକ, ୧୨/୬ (ନି.ପ୍ର): ଭାଇଚାରା ଓ ସଦ୍ଭାବନାର ପର୍ବ ପବିତ୍ର ଇଦ୍-ଉଲ୍-ଜୁହା ଉତ୍ସବ ପାଳନ ଉପଲକ୍ଷେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏକ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କାର୍ଯ୍ୟାଳୟର ସଦ୍ଭାବନା ସଭାଗୃହରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏସ୍.ପି. ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସମ୍ବିତ କୁମାର ଗଡ଼ନାୟକ, ସି.ଡ଼ି.ଓ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର ଡେପୁଟୀ କଲେକ୍ଟର ଜୁଡ଼ିସିଆଲ କାର୍ତ୍ତିକନାଥ ମଣ୍ଡଳ, ତହସିଲଦାର ଭଦ୍ରକ ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, କାର୍ଯ୍ୟନିର୍ବାହି ଅଧିକାରୀ ଦେବୀଦତ୍ତ ମହାନ୍ତି, ପୌରପାଳିକା, ଭଦ୍ରକ, ସିଟି ଡି.ଏସ୍.ପି. ଅଂଶୁମାନ ଦ୍ୱିବେଦୀ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବ ବର୍ଷମାନଙ୍କ ପରି ଇଦ୍-ଉଲ-ଜୁହା (ବକରିଦ୍) ପର୍ବ କୁ ଭଦ୍ରକରେ ସମ୍ପୂର୍ଣ୍ଣ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରାଯିବା ନେଇ ସମସ୍ତ ପ୍ରସ୍ତୁତି ଗ୍ରହଣ କରାଯାଇଥିବା କଥା ୧୪ ମହଲା ମୁସଲିମ୍ ଜମାତର କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ଜମାତର ସମ୍ପାଦକ ଆବଦୁଲ୍ ମୋକିତ ଖାଁ ଇଦ୍ ପର୍ବ ପାଳନର କାର୍ଯ୍ୟସୂଚୀ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଜୁନ୍ ୧୭ ତାରିଖରୁ ଏହି ପର୍ବ ପାଳନ ଆରମ୍ଭ ହୋଇ ୧୯ ରେ ଶେଷ ହେବ। ପର୍ବ ପାଳନର ୧ମ ଦିନରେ ସକାଳ ୮ଟା ରୁ ୧୦ ଟା ମଧ୍ୟରେ ସମସ୍ତ ମସଜିଦ୍ ମାନଙ୍କରେ ସମୂହ ପ୍ରାର୍ଥନା ଅନୁଷ୍ଠିତ ହେବ। ୩୬ ଟି ମସଜିଦ୍ ରେ ଏହି ପ୍ରାର୍ଥନା ଅନୁଷ୍ଠିତ ହେବ। ସକାଳ ୯ଟାରେ ଇଦ୍‌ଘା ଠାରେ ସାମୂହିକ ପ୍ରାର୍ଥନା ଅନୁଷ୍ଠିତ ହେବ। ୧୦ଟା ମଧ୍ୟରେ ସମସ୍ତ ସାମୂହିକ ପ୍ରାର୍ଥନା କାର୍ଯ୍ୟକ୍ରମ ସମାପ୍ତ ହେବା ନେଇ ସେ ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ଇଦ୍‌ଘା ପରିସର ସଫେଇ ଠାରୁ ଆରମ୍ଭ କରି ଟ୍ରାଫିକ ନିୟନ୍ତ୍ରଣ, ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ୍ ମୁତୟନ, ଜନସମାବେଶ ଜାଗାମାନଙ୍କରେ ପାନୀୟ ଜଳ ବ୍ୟବସ୍ଥା, ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ଯୋଗାଣ, ରାସ୍ତାରେ ଆଲୋକ ବ୍ୟବସ୍ଥା ଆଦି ଆନୁସଙ୍ଗିକ ପ୍ରଶାସନିକ ସହଯୋଗ ପ୍ରଦାନ ପାଇଁ ବୈଠକରେ ଆଗତ ପ୍ରସ୍ତାବ ମତେ ସମସ୍ତ ଦିଗରେ ଆଶୁ ପଦକ୍ଷେପ ଗ୍ରହଣ କରାଯିବା ନିମନ୍ତେ ଜିଲ୍ଲାପାଳ ବୈଠକରେ ଉପସ୍ଥିତ ସଂପୃକ୍ତ ଅଧୀକାରୀ ମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ପୂର୍ବବର୍ଷ ପରି ଏ ବର୍ଷ ମଧ୍ୟ ଆବଶ୍ୟକ ଅନୁଯାୟୀ ଶାନ୍ତି ଶୃଙ୍ଖଳା ରକ୍ଷା, ଜନ ଗହଳି, ଯାନବାହନ ନିୟନ୍ତ୍ରଣ ପାଇଁ ପୋଲିସ୍ ମୁତୟନ, ପୋଲିସ୍ ପଇଁତରା ଆଦି ବ୍ୟବସ୍ଥା ସମ୍ପର୍କରେ ଏସ୍.ପି. ଶ୍ରୀଯୁକ୍ତ ଗୁଣ୍ଟୁପାଲି ସୂଚନା ପ୍ରଦାନ କରିଥିଲେ। ଶାନ୍ତି, ସଦ୍ଭାବନା ଭଙ୍ଗ ନ ହେବା, କି ଭାଇଚାରା ପରମ୍ପରା ବ୍ୟାହତ ନ ହେଲା ଭଳି କୌଣସି ବାର୍ତ୍ତା ପ୍ରେରଣ ନେଇ ସାମାଜିକ ଗଣ ମାଧ୍ୟମରେ ଦୃରୁପଯୋଗ ନ କରିବାକୁ ସେ ପରାମର୍ଶ ପ୍ରଦାନ କରିଥିଲେ। କୌଣସି ଅଘଟଣ ନଜରକୁ ଆସିଲେ ତୁରନ୍ତ ପୋଲିସ୍ କୁ ଜଣାଇବା ପାଇଁ ସେ ପ୍ରକାଶ କରିଥିଲେ। ଶାନ୍ତି ଶୃଙ୍ଖଳା ବ୍ୟାହତ ହେଲାଭଳି କାର୍ଯ୍ୟରେ ଲିପ୍ତ ରହିଲେ ଆଇନାନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ମଧ୍ୟ ସେ ସୂଚନା ପ୍ରଦାନ କରିଥିଲେ। ସାମ୍ପ୍ରଦାୟିକ ସଦ୍ଭାବ ନେଇ ହିନ୍ଦୁ ମୁସଲିମ୍ ପରସ୍ପର ସହଯୋଗରେ ଇଦ୍‌ପର୍ବ ଖୁବ୍ ଶାନ୍ତି ଶୃଙ୍ଖଳାର ସହ ପାଳନ କରାଯାଇଥାଏ ବୋଲି ଶାନ୍ତି କମିଟିର ସଦସ୍ୟ ହିସାବରେ ବିଦ୍ୟାଧର ସାହୁ, ଅତିସ୍ କୁମାର ବେହେରା, ଗୌରାଙ୍ଗ ପଣ୍ଡା, ସୁଧାକର ରାଉତ, ସେକ୍ ମହମ୍ମଦ ଫାରୁକ୍ ପ୍ରମୁଖ ବୈଠକରେ ମତବ୍ୟକ୍ତ କରିଥିଲେ। ମୁସଲିମ୍ ଜମାତର ଅନ୍ୟତମ କର୍ମକର୍ତ୍ତା ଭାବେ ସେକ୍ ମହମ୍ମଦ ଜକାଉଲା ଖାଁ, ସେକ୍ ସିରାଜୁଦ୍ଦିନ୍, କଏମ୍ ଶାହା ପ୍ରମୁଖ ମଧ୍ୟ ଏହି ବୈଠକରେ ଯୋଗଦେଇ ମତାମତ ରଖିଥିଲେ। ସଂପୃକ୍ତ ପୋଲିସ୍ ଅଧିକାରୀ, ଜିଲ୍ଲା ସ୍ତରୀୟ ସଂପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ ଏହି ବୈଠକରେ ଉପସ୍ଥିତ ଥିଲେ।

# ଲୋକସେବା ଭବନକୁ ସାମ୍ବାଦିକଙ୍କ ପ୍ରବେଶ ଅନୁମତିକୁ ଓୟୁଜେର ସ୍ୱାଗତ

ବାଲେଶ୍ୱର, ୧୨/୬ (ନି.ପ୍ର): ଲୋକସେବା ଭବନ ବା ସେକ୍ରେଟାରୀଏଟ କୁ ଦୀର୍ଘ ୪ ବର୍ଷ ଧରି ସାମ୍ବାଦିକ ମାନଙ୍କ ପ୍ରବେଶ କଟକଣା କୁ ନବ ଗଠିତ ରାଜ୍ୟ ସରକାର ପ୍ରତ୍ୟାହାର କରି ନେଇଛନ୍ତି । ଖାଲି ପ୍ରତ୍ୟାହାର କରିନାହାନ୍ତି ଲୋକସେବା ଭବନ ପ୍ରବେଶ ପୂର୍ବରୁ ସାମ୍ବାଦିକମାନଙ୍କୁ ପ୍ରଥମେ ପ୍ରବେଶ କରାଇ ପରେ ସରକାର ନିଜର କାର୍ଯ୍ୟ ଆରମ୍ଭ କରିବା ଓ କ୍ୟାବିନେଟ୍ ନିଷ୍ପତ୍ତିକୁ ଗଣମାଧ୍ୟମ ଆଗରେ ମୁଖ୍ୟମନ୍ତ୍ରୀ ସମ୍ବୋଧନ କରିଥିବାରୁ ରାଜ୍ୟର ସାମ୍ବାଦିକ ମାନଙ୍କ ମଧ୍ୟରେ ଅହେତୁକ ଆନନ୍ଦ ଓ ଖୁସିର ଲହରୀ ଖେଳିଯାଇଛି। ଏହି କଟକଣା ଉଠାଇବା ପାଇଁ ଓଡ଼ିଶା ସାମ୍ବାଦିକ ୟୁନିଅନ(ଓୟୁଜେ ) ରାଜ୍ୟ ଶାଖା ପକ୍ଷରୁ ସଭାପତି ପ୍ରସନ୍ନ କୁମାର ମହାନ୍ତି ପୂର୍ବ ସରକାରଙ୍କ ଠାରେ ବାରମ୍ବାର ଦାବୀ କରିଥିଲେ। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ବିରୋଧୀ ଦଳ ର ମୁଖ୍ୟ ସଚେତକ ଙ୍କୁ ମଧ୍ୟ ଅବଗତ କରିଥିଲେ।ନବଗଠିତ ରାଜ୍ୟ ସରକାର ଏହି ଦାବିର ଗୁରୁତ୍ୱ ଉପଲବ୍ଧି କରି ଏହାକୁ ଉଠାଇ ଦେଇଥିବାରୁ ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ରାଜ୍ୟ ସରକାରଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଛି। ଲୋକସେବା ଭବନ କୁ ବିଭାଗୀୟ କର୍ମଚାରୀ ମାନେ ନିୟମିତ ଯିବା ଆସିବା କରୁଥିବା ବେଳେ ସେଠାରେ ସାମ୍ବାଦିକମାନଙ୍କ ବସିବା ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ଥିଲେ ମଧ୍ୟ ସାମ୍ବାଦିକ ମାନଙ୍କୁ ୪ବର୍ଷ ଧରି ନ ଛାଡ଼ିବା ,ସେମାନଙ୍କ ଅଧିକାରକୁ ସଙ୍କୁଚିତ କରିବା ନେଇ ସାମ୍ବାଦିକ ମାନଙ୍କ ମଧ୍ୟରେ ରାଜ୍ୟବ୍ୟାପୀ ତୀବ୍ର ଅସନ୍ତୋଷ ରହିଥିଲା। କଥା ଦେଇ କଥା ରଖିବା ସହିତ ସାମ୍ବାଦିକ ମାନଙ୍କ ମନରେ ଖୁସି ଭରି ଦେଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତାଙ୍କ କ୍ୟାବିନେଟ୍ ର ସମସ୍ତ ସଦସ୍ୟ ଙ୍କୁ ଓୟୁଜେ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି ବୋଲି ଜିଲ୍ଲା ସଂଘର ସଭାପତି ଗଙ୍ଗାଧର ରାଉତ, ସମ୍ପାଦକ ବିବେକାନନ୍ଦ ଦାସ, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ,ସଂଗଠନ ସମ୍ପାଦକ ତୃପ୍ତିକାନ୍ତ ପାଢ଼ୀ , ଜୋନାଲ ସମ୍ପାଦକ ରବୀନ୍ଦ୍ର ମହାକୁଡ,ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ରାମନାରାୟଣ ଶତପଥୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା ବରିଷ୍ଠ ସଦସ୍ୟ ଶିଶିର କୁମାର ଦାସ, ମନୋଜ କୁମାର ରାଉଳ ,ଅଜିତ କୁମାର ମହାନ୍ତି, ଅଧିପ କୁମାର ଜେନା ହାଇଦର ଖାନ ପ୍ରମୁଖ ଏକ ମିଳିତ ବିବୃତିରେ ଜଣାଇଛନ୍ତି।

# ଚତୁର୍ଥ ସଂସ୍କରଣ ଟାଟା ହକି ଲିଗ୍ ମ୍ୟାଚରେ ପିପିଏଲ୍ ପାରାଦ୍ୱୀପର ଆଦିତ୍ୟ ମହାରାଣାଙ୍କୁ ଶ୍ରେଷ୍ଠ ଗୋଲ୍ ରକ୍ଷକ ପୁରସ୍କାର

ପାରାଦ୍ୱୀପ , ୧୨/୬ (ନି.ପ୍ର): ତା ୧୩.୦୬୨୦୨୪ ଗତ ୧୨.୬.୨୦୨୪ ଠାରୁ ଢେଙ୍କାନାଳ ଟାଉନ ହକି ଷ୍ଟାଡିୟମ ଠାରେ ଚାଲିଥିବା ଚତୁର୍ଥ ସଂସ୍କରଣ ଟାଟା ହକି ଲିଗ୍ ମ୍ୟାଚରେ ପିପିଏଲ, ପାରାଦ୍ୱୀପ ସେଣ୍ଟରର ଗୋଲ କିପର ଶ୍ରୀ ଆଦିତ୍ୟ ମହାରଣାଙ୍କୁ ଶ୍ରେଷ୍ଠ ଗୋଲ୍ ରକ୍ଷକ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହି ପୁରସ୍କାର ଟାଟା ହକି ଚୟନ ତଥା ବିଚାରକ କମିଟି ଦ୍ୱାରା ଚୟନ କରାଜାଇ ତାଙ୍କୁ ପ୍ରଦାନ କରାଯାଇଛି। ଶ୍ରୀ ଆଦିତ୍ୟ ମହାରଣା ଡିଏଭି ସ୍କୁଲ୍ ର ସପ୍ତମ ଶ୍ରେଣୀରେ ପାଠ ପଢୁଛନ୍ତି। ତାଙ୍କ ପିତା ଶ୍ରୀ ସୁରେସ ଚନ୍ଦ୍ର ମହାରଣା ପିପିଏଲ୍ ସାର କାରଖାନାରେ କାର୍ଯ୍ୟ କରନ୍ତି। ପିପିଏଲ୍ ପାରାଦୀପାର ଏହି ଦଳରେ ଶ୍ରୀ ସାଇ ସୁରୟାନ୍ସ ଅଧିନାୟକ ତଥା ସୁମିତ୍ ଲାକ୍ରା କୋଚ୍ ଓ ଶ୍ରୀ ଶାଶ୍ୱତ କୁମାର ଭାରତୀୟ ଟିମ୍ ମ୍ୟାନେଜର ଭାବରେ କାର୍ଯ୍ୟ ଭାର ସମ୍ଭାଳିଛନ୍ତି। ପିପିଏଲ୍ ପାରାଦ୍ୱୀପର ଆଦିର୍ତ୍ୟିକ ଏହି ସଫଳତା ପାଇଁ ତାଙ୍କୁ ବହୁ କ୍ରୀଡ଼ା ଅନୁଷ୍ଠାନ ତଥା କ୍ରୀପବିତ ମାନେ ଅଭିନନ୍ଦନ ଜଣାଇଥିଲେ। ଡି.ଏ.ଭି,ପିପିଏଲ୍ ପାରାଦ୍ୱୀପର ଅଧ୍ୟକ୍ଷ ଶ୍ରୀ ସଞ୍ଜିବ କୁମାର ସାହୁ ଓ ପିପିଏଲ ପାରାଦ୍ୱୀପର ବହୁ ଅଧିକାରି ତାଙ୍କର ଏହି ସଫଳତା ପାଇଁ ତାଙ୍କୁ ସୁଭେଚ୍ଛା ଜଣାଇବା ସହ ଉଜ୍ୱଳ ଭବିଷ୍ୟତର କାମନା କରିଥିଲେ।

# ଆଶାଦେବୀ ସ୍ମୃତି ସମ୍ମାନ ପର୍ବ ଏବଂ ଧନେଶ୍ୱର ପଣ୍ଡାଙ୍କ ଗଳ୍ପ ପୁସ୍ତକ 'ଚେନାଏ ପୂର୍ଣ୍ଣତା'ର ଲୋକାର୍ପଣ



ବାରିପଦା , ୧୨/୬ (ନି.ପ୍ର): ଆଶା ଦେବୀ ସ୍ମୃତି ପରିଷଦର ୩ୟ ବାର୍ଷିକ ସାରସ୍ୱତ ସମାରୋହ ଆଞ୍ଚଳିକ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ରାଜେନ୍ଦ୍ର କୁମାର ସାମଲଙ୍କ ପୌରୋହିତ୍ୟରେ ଶ୍ରୀମା ମହିଳା ମହାବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ସ୍ମୃତି ପରିଷଦର ପ୍ରତିଷ୍ଠାତା ସଭାପତି ଧନେଶ୍ୱର ପଣ୍ଡାଙ୍କ ପଞ୍ଚମ ଗଳ୍ପ ପୁସ୍ତକ 'ଚେନାଏ ପୂର୍ଣ୍ଣତା' ଲୋକାର୍ପଣ ହେବା ସହିତ ସାହିତ୍ୟ ତଥା ସମାଜ ସେବା କ୍ଷେତ୍ରରେ ସାଧନାରତ ସାରସ୍ୱତ ସାଧକ ଶ୍ରୀଯୁକ୍ତ ହରନାରାୟଣ ମିଶ୍ର , ଶ୍ରୀଯୁକ୍ତ ଅନିକେତ ବୃନ୍ଦାବନ ଦାଶ, ଡ଼ା. କୁମୁଦ ରଞ୍ଜନ ରାଉତ ଓ ପ୍ରାଧାପକ ଡ: ଅବନୀ କୁଣ୍ଡୁ ମହୋଦୟଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ଆଶାଦ୍ୱେୀ ସ୍ମୃତି ସମ୍ମାନ ପ୍ରଦାନ ଏବଂ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀମା ମହିଳା ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟର ବିଭାଗୀୟ ମୁଖ୍ୟ ଅଧ୍ୟାପକ ଦୀପକ ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗଳ୍ପ, କବିତା, ପ୍ରବନ୍ଧର ତୁଳନାତ୍ମକ ସାରଗର୍ଭକ ଆଲୋଚନା ଉପସ୍ଥାପନ କରିଥିଲେ । ଉତ୍ତର ଓଡିଶା ମହାବିଦ୍ୟାଳୟର ଓଡ଼ିଆ ପ୍ରାଧାପକ ତଥା ଗବେଷକ ଡଃ ବିଚିତ୍ର ନାଥ ସାହୁ 'ଚେନାଏ ପୂର୍ଣ୍ଣତା'ଗଳ୍ପ ପୁସ୍ତକ ଓ ସାମ୍ପ୍ରତିକ ଓଡ଼ିଆ ଗଳ୍ପ ସମ୍ବନ୍ଧରେ ଆଲୋକପାତ କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅଶୋକ କୁମାର ପଲେଇ 'ଚେନାଏ ପୂର୍ଣ୍ଣତା'ର କାହାଣୀମାନଙ୍କ ଉପରେ ସାରସ୍ୱତ ସମୀକ୍ଷା କରିଥିଲେ। ସମ୍ପାଦକ ତଥା କାର୍ଯ୍ୟକ୍ରମ ସଞ୍ଚାଳକ ସାହିତ୍ୟିକ, ସମାଜସେବୀ ଶ୍ରୀଯୁକ୍ତ ଆଶିଷ କୁମାର ବଶା ସ୍ମୃତି ପରିଷଦର ବାର୍ଷିକ ବିବରଣୀ ପାଠ କରିବା ସହିତ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୁସ୍ତକ ଲୋକାର୍ପଣ ଉତ୍ସବ ପରେ ଗାଳ୍ପିକ ଧନେଶ୍ୱର ପଣ୍ଡା ଲେଖକୀୟ ଅଭିବ୍ୟକ୍ତିରେ ସାହିତ୍ୟ ସୃଷ୍ଟି ପାଇଁ ସ୍ୱଚ୍ଛ ମନ ଓ ନିରବଚ୍ଛିନ୍ନ ସାଧନା ଆବଶ୍ୟକ ବୋଲି ନିଜର ମତ ରଖିଥିଲେ। ଡଃ: ସଞ୍ଜୀବ ପାଣିଗ୍ରାହୀଙ୍କ ମାଙ୍ଗଳିକ ଶ୍ଲୋକ ଉଚ୍ଚାରଣରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। କବି ଶ୍ରୀଯୁକ୍ତ ଅଜିତ କୁମାର ପାଣିଗ୍ରାହୀ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିବା ସହ ପରିଚୟ ପ୍ରଦାନ କରିଥିଲେ । ସଭାପତି ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ସାମଲଙ୍କ ଅଭିଭାଷଣ ପରେ ସମ୍ପାଦକ ଶ୍ରୀଯୁକ୍ତ ଆଶିଷ କୁମାର ବଶା ଧନ୍ୟବାଦ ଅର୍ପଣ ସହିତ ସଭାପତିଙ୍କ ଅନୁମତି କ୍ରମେ ସଭା ସାଙ୍ଗ ହୋଇଥିଲା।

# ସ୍କୁଲ୍‌ରୁ ୫ଟି ଚାର୍ଟର୍ ହଟାଇବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୩/୬ (ନି.ପ୍ର): ସମସ୍ତ ସ୍କୁଲ୍ ରୁ ୫ଟି ଚାର୍ଟର୍ ହଟାଇବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ହାଇସ୍କୁଲ ରୂପାନ୍ତରିକରଣ କାର୍ଯ୍ୟକ୍ରମରେ ରୂପାନ୍ତରିତ ହାଇସ୍କୁଲ୍ ଗୁଡ଼ିକରୁ ୫ଟି ଚାର୍ଟର୍ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶ ଆଧାରରେ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ତଥା ମୋ ସ୍କୁଲ ମେମ୍ବର ସେକ୍ରେଟାରୀ ପାରୁଲ ପଟୱାରୀ ରାଜ୍ୟର ସମସ୍ତ ଡିଇଓଙ୍କୁ ଚିଠି ଲେଖି ଅବଗତ କରିଛନ୍ତି।

# ମନ୍ତ୍ରୀଙ୍କ ହାତରେ ରହିବ ଅଫିସରଙ୍କ ଲଗାମ୍

ଭୁବନେଶ୍ୱର, ୧୩/୬ (ନି.ପ୍ର): ଲୋକଙ୍କର ଆଶା ଆକାଂକ୍ଷାକୁ ଦେଖି ଅଫିସରମାନଙ୍କୁ କାମ କରିବାର ଅଛି ଆଉ ଆମକୁ କାମ କରେଇବାର ଅଛି। ରାଜ୍ୟବାସୀ ଏଇ ବିଶ୍ୱାସ ରଖନ୍ତୁ ସରକାର ଓ ସରକାରୀ ଅଧିକାରୀ ଲୋକଙ୍କ ପାଇଁ କାମ କରିବେ ବୋଲି କ୍ୟାବିନେଟ ମନ୍ତ୍ରୀ ରବି ନାୟକ କହିଛନ୍ତି। ୨୪ ବର୍ଷର ସରକାରକୁ ଲୋକେ ଦେଖିଥିଲେ ଆଉ ଏବେ ଭାରତୀୟ ଜନତା ପାର୍ଟିର ସରକାରକୁ ଦେଖୁଛନ୍ତି । ଯେଉଁ ନିଷ୍ପତି ପୂର୍ବ ସରକାର ୨୪ ବର୍ଷ ମଧ୍ୟରେ ନେଇ ପାରି ନଥିଲେ ବା ନେବାକୁ ଚିନ୍ତା କରି ନ ଥିଲେ ସେଇଭଳି ନିଷ୍ପତି ବିଜେପି ସରକାର ଆସିବାର ପ୍ରଥମ ଦିନରେ ନେଇଛି। ଆଗକୁ ସରକାର ପ୍ରସ୍ତୁତ କରିଥିବା ୧୦୦ ଦିନର କାର୍ଯ୍ୟ ଖସଡ଼ା ଭିତରେ ଏଇଭଳି ନିଷ୍ପତି ରାଜ୍ୟବାସୀ ଦେଖିବାକୁ ପାଇବେ ବୋଲି ସେ କହିଛନ୍ତି।

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଆଶୀର୍ବାଦ



ରୂପସା , ୧୨/୬ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ, ଆଶ୍ରମର ଉପାଧକ୍ଷା ଆତ୍ମଜ୍ଞାନୀ ମୁନିରାଜ୍ଞୀ କନକଲତା ମହାପାତ୍ର ଙ୍କ ନାତି,ମୁନି ଉମାକାନ୍ତ ମହାପାତ୍ର - ମୁନିମତୀ ମନୋରମା ମହାପାତ୍ରଙ୍କ ସୁ ପୁତ୍ର ମୁନିକୁମାର ବିଷ୍ଣୁ ପ୍ରସାଦ ମହାପାତ୍ରଙ୍କୁ ମୁନି ସମାଜର ସମୂହ ଆଶିର୍ବାଦ ପ୍ରଦାନ ନିମନ୍ତେ, ମୁନି ସମାଜର ଜ୍ୟୋତି, ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ଜିଲ୍ଲା ସମ୍ପାଦକ, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀ ମହୋଦୟ ଙ୍କ ଅଧ୍ୟକ୍ଷତାରେ ଏକ ଶୁଭ ଆଶିର୍ବାଦ ପ୍ରଦାନ କର୍ଯ୍ୟକ୍ରମ ମହା ସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ, ପ୍ରାନ୍ତୀୟ ସହ ସମ୍ପାଦକ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ । ସ୍ୱତନ୍ତ୍ର ଅତିଥି ହିସାବରେ ଯୋଗଦାନ କରିଥିଲେ ହାତିଆଡିହା ଶିବମୁନି ଯୋଗାଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ମହୋଦୟ। ବକ୍ତା ହିସାବରେ ଯୋଗଦାନ କରିଥିଲେ ହାତିଆଡିହା ଶିବମୁନି ଯୋଗାଶ୍ରମର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ । ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ ଆୟୁଷ୍ମାନ୍ ମୁନିକୁମାର ବିଷ୍ଣୁ ପ୍ରସାଦ ମହାପାତ୍ରଙ୍କୁ, ତାଙ୍କର ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଜୀବନ ସହିତ,ମାନସିକ ଏକାଗ୍ରତା, ବିବେକାନନ୍ଦଙ୍କ ଭଳି ପ୍ରଚଣ୍ଡ ଧୀଶକ୍ତି ସମ୍ପନ୍ନ ବ୍ୟକ୍ତିତ୍ୱର ଅଧିକାରୀ ସହିତ,ଜଣେ ଆଦର୍ଶ ଡାକ୍ତର ହବାର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା। ଉପସ୍ଥିତ ଥିଲେ ଆଶ୍ରମର ମୁନିରାଜ୍ଞୀ ବିମଳା ଲେଙ୍କା, ମୁନିମତୀ ବାସନ୍ତୀ ମହାଲିକ, ମୁନିମତୀ ଯମୁନା ପାତ୍ର, ମୁନିମତୀ ଉର୍ମିଳା ରାଉଳ, ମୁନିମତୀ ବାସନ୍ତୀ ଗିରି, ମୁନିମତୀ ସରସ୍ୱତୀ ନନ୍ଦ, ମୁନି ମତୀ ଜୁନ ଦଳାଇ, ମୁନିମତୀ ସୀତା ବେହେରା, ମୁନିମତୀ କୁନି ମାଝୀ, ମୁନିମତୀ ନୀନ ସାହୁ, ମୁନି ମତୀ ମେଘମାଳା ଜେନା, ମୁନିମତୀ ଆରତୀ ଗିରି,ମୁନି ଗଜେନ୍ଦ୍ର ପରିଡା, ମୁନି ରଘୁନାଥ ବେହେରା, ମୁନି ରାଜ ଅନାଦି ବାରିକ ପ୍ରମୁଖ ।ମୁନି ସଙ୍ଗୀତ ଗାନ କରିଥିଲେ ଯୋଗ ସାଧିକା ବାସନ୍ତୀ ମହାଲିକ। ମେଡ଼ିକାଲ ଏଣ୍ଟ୍ରାନସ ରେ ବହୁ ଉଚ୍ଚ ସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହୋଇ,ମାନବ ସେବା ଯେ ମାଧବ ସେବା,ଏଇ ଭାବନା ହୃଦୟରେ ଧାରଣ କରି,ଏକାଗ୍ର ମନରେ ଅଧ୍ୟୟନ କରି,ଜଣେ ଆଦର୍ଶ ଡାକ୍ତର ହବାର ବଚନ ଦେଇ,ମୁନି କୁମାର ବିଷ୍ଣୁ ପ୍ରସାଦ ସମୂହ ଆଶିର୍ବାଦ ଗ୍ରହଣ କରିଥିଲେ ହୃଦୟର ସହିତ ।ଶେଷରେ ସେ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

# ୮୦ ରୁ ଉର୍ଦ୍ଧ୍ୱ ଚିତ୍ରଶିଳ୍ପୀଙ୍କ ଦ୍ୱାରା ଅନୁଷ୍ଠିତ ହେଲା ଇକୋ ଫ୍ରେଣ୍ଡଲୀ ଦିନିକିଆ ଚିତ୍ରକଳା ଶିବିର ତୃତୀୟ



ବାଲେଶ୍ୱର, ୧୨/୬ (ନି.ପ୍ର): ବାଲେଶ୍ୱର ମଲିକାଶପୁର ଶାନ୍ତିକାନନ ଠାରେ ' ଇକୋ ଫ୍ରେଣ୍ଡଲି , ଓ୍ୱନଡେ ବିଶାଳ ଚିତ୍ରକଳା ଶିବିର ତୃତୀୟ ' ଅନୁଷ୍ଠିତ ହୋଇଯାଇଛି , ଏଥିରେ ୮୦ରୁ ଉର୍ଦ୍ଧ ଚିତ୍ର ଶିଳ୍ପୀ ଯୋଗ ଦେଇଥିଲେ। ଏହାକୁ ୟଙ୍ଗ ହାର୍ଟ ର ମରୁତ ରାଉତ, ପୁର୍ବୋଦୟ ର ପ୍ରତାପ ରାଉତ ଏବଂ ପୟେଣ୍ଟ ଆର୍ଟ ର ଦେବାଶିଷ ପତି, ଙ୍କ ମିଳିତ ସଂଗଠନ ଦ୍ୱାରା ଆୟୋଜନ କରାଯାଇଥିଲା । ସକାଳ ୭.୦୦ ରୁ ଏହି ଶିବିର ଆରମ୍ଭ ହୋଇଥିଲା। ବାଲେଶ୍ୱର ର ବରିଷ୍ଠ ଚିତ୍ର ଶିଳ୍ପୀ ଶିରିଶ ଚନ୍ଦ୍ର ଚାନ୍ଦ ଉଦ୍ଘାଟନ କରିଥିଲେ । ପରେ ସମସ୍ତ ଚିତ୍ର ଶିଳ୍ପୀ ଙ୍କୁ ଶିବିର ର ଆୟୋଜକ ମାନଙ୍କ ଦ୍ୱାରା ପେପର ଓ ଜଳ ରଙ୍ଗ ଦିଆଯାଇଥିଲା । ସମସ୍ତେ ଇକୋ ଉପରେ ଚିତ୍ର କରିଥିଲେ। ଏଥିରେ ବରିଷ୍ଠ ଚିତ୍ର ଶିଳ୍ପୀ ବ୍ରଜନାରାୟଣ ଷଡ଼ଙ୍ଗୀ, କେଶୁ ଦାସ, ବିଶ୍ୱଜିତ୍ ପରିମାଣିକ, ନିତ୍ୟାନନ୍ଦ ସାହୁ, ତାପସ ପଣ୍ଡା, ସନ୍ତୋଶ କୁମାର ମହାରଣା, ପ୍ରତାପ ସିଂ ଭଳି ବହୁ ବରିଷ୍ଠ ଚିତ୍ରଶିଳ୍ପି ଯୋଗ ଦେଇ ନିଜର ଚିତ୍ର କରିବା ସହିତ କନିଷ୍ଠ ଚିତ୍ରଶିଳ୍ପୀ ମାନଙ୍କୁ ଆର୍ଟ ବିଷୟରେ ବିଭିନ୍ନ କଥା ଜଣାଇଥିଲେ । ଲଞ୍ଚ ବ୍ରେକ ପରେ ଆର୍ଟ ଟକ୍ ବୈଠକ ହୋଇଥିଲା , ଏହାକୁ ମରୁତ ରାଉତ ସୁନ୍ଦର ଭାବେ ପରିଚାଳନା କରିଥିଲେ, ସମସ୍ତ ଚିତ୍ର ଶିଳ୍ପୀ ନିଜର ଚିତ୍ର ଉପରେ ଓ ବର୍ତ୍ତମାନର ସମସ୍ୟା ଉପରେ ନିଜର ଆଭିମୁଖ୍ୟ ରଖିଥିଲେ। ଉଦଯାପନୀ ସଭାରେ ପ୍ରତପ ରାଉତ ଙ୍କ ସଭାପତିତ୍ୱ ରେଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ କବି ଲକ୍ଷ୍ମୀକାନ୍ତ ତ୍ରୀପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ , ନିଜର ଭାଷଣ ରେ ଛୋଟ କାହାଣୀ ମାଧ୍ୟମରେ ଚିତ୍ରକଳା ସମ୍ବନ୍ଧ୍ୟୟ ବହୁ କଥା କହିଥିଲେ। ଚିତ୍ର କଳା ଏକ ଭାବ ଓ ଆବେଗ ରୁ ସୃଷ୍ଟି ହୁଏ ବୋଲି ପ୍ରତିପାଦିତ କରିଥିଲେ । ଏହା ପରେ ବରିଷ୍ଠ ଚିତ୍ରଶିଳ୍ପୀ ଶିରିଶ ଚନ୍ଦ୍ର ଚାନ୍ଦଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ସମସ୍ତ ଚିତ୍ରଶିଳ୍ପୀ ଙ୍କୁ ସମ୍ମାନିତ କରାଯାଇଥିଲା । ସଭା ଶେଷରେ ଦେବାଶିଷ ପତି ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ସଭାସାଙ୍ଗ ହୋଇଥିଲା ଏଥିରେ ସମସ୍ତ ଚିତ୍ରଶିଳ୍ପୀ ଯୋଗ ଦେଇ ନିଜକୁ ଗର୍ବିତ ଅନୁଭବ କରିଥିଲେ ।

# ନୂତନ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇଲେ ମେଟ୍ରୋନ୍ ମହାସଂଘ

ଭୁବନେଶ୍ୱର, ୧୩/୬ (ନି.ପ୍ର): ଓଡ଼ିଶା ଅନୁସୂଚିତ ଜନଜାତି ଓ ଜାତି ମହିଳା ମେଟ୍ରୋନ୍ ମହାସଂଘ ପକ୍ଷରୁ ଆଜି ୨ ଘଟିକା ସମୟରେ ରାଜ୍ୟ ଅତିଥି ଭବନ ଠାରେ ମହାସଂଘର ଆବାହକ ଦିଗମ୍ବର ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ସାକ୍ଷାତ କରି ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ପ୍ରତିନିଧି ଦଳରେ ମହାସଂଘର ରାଜ୍ୟ ସଭାନେତ୍ରୀ ମମତା ସାହୁ, ରାଜ୍ୟ ସାଧାରଣ ସମ୍ପାଦିକା ପ୍ରଭାତି ପାତ୍ର ଏବଂ ସମ୍ପାଦିକା ବୀଣାପାଣି ବିଶ୍ୱାଳ, ସସ୍ମିତା ନାୟକ, ଅନୁପମା ବେହେରା, ମଞ୍ଜୁଜିନୁଫା ଖାଲ୍‌କୋ, ମଞ୍ଜୁଲତା ପ୍ରଧାନ, ଅନ୍ନପୂର୍ଣ୍ଣା ପରିଚ୍ଛା, ସୁଷମା ନାୟକ, ଆରତୀ ପାତ୍ର, ତଅପୋଇ ଦାସ, ପ୍ରତିମା ମଲ୍ଲିକ, ରଞ୍ଜିତା ବେହେରା, ରୀତାରାଣୀ ସୂତାର, ପ୍ରୀତିମୟୀ ଚକ୍ର, ପ୍ରେମଲତା ମହନ୍ତ, ଫୁଲମଣି ମହନ୍ତ ପ୍ରମୁଖ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo